R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୬
ତିଥି : ଦଶମୀ
୧୯ ଫେବୃଆରୀ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 136
19 Feb 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore



## ଇତିହାସ

୧୬୩୦– ମରାଠା ସାମ୍ରାଜ୍ୟର ପ୍ରଥମ ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମ ।
୧୮୭୮– ଥୋମାସ୍ ଏଡିସନ୍ ଫୋନୋଗ୍ରାଫ୍‌ର ପେଟେଣ୍ଟ କରାଇଲେ ।
୧୮୯୧– ଅମୃତ ବଜାର ପତ୍ରିକାର ଦୈନିକ ପ୍ରକାଶନ ଆରମ୍ଭ କରାଗଲା ।
୧୯୦୦– ଭାରତୀୟ ରାଜନୀତିଜ୍ଞ ବଳବନ୍ତରାୟ ମେହେଟ୍ଟାଙ୍କ ଜନ୍ମ ।
୧୯୧୫– ସ୍ୱତନ୍ତ୍ରତା ସେନାନୀ ଗୋପାଳ କୃଷ୍ଣ ଗୋଖଲେଙ୍କ ଦେହାନ୍ତ ।
୧୯୨୫– ଭାରତର ସୁପ୍ରସିଦ୍ଧ ଶିଳ୍ପକାର ରାମ ବି. ସୁତାରଙ୍କ ଜନ୍ମ ।
୧୯୪୨– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଉତ୍ତର ଅଷ୍ଟ୍ରେଲିଆର ଡର୍ବିନ୍ ସହରରେ ଜାପାନୀ ଯୁଦ୍ଧ ବିମାନ ଆକ୍ରମଣ ଫଳରେ ୨୦୦ ଜଣଙ୍କ ମୃତ୍ୟୁ ।
୧୯୮୬– ଭାରତରେ ପ୍ରଥମକରି ଅନ୍‌ଲାଇନ୍ ରେଳ ରିଜର୍ଭେସନ୍ ଟିକେଟ୍ ବିକ୍ରି କରାଗଲା ।
୧୯୯୨– ପ୍ରସିଦ୍ଧ ଭାରତୀୟ ଚିତ୍ରକାର ନାରାୟଣ ଶ୍ରୀଧର ବେନ୍ଦ୍ରେଙ୍କ ଦେହାନ୍ତ ।
୨୦୧୦– ଫିଲ୍ମ ଅଭିନେତା ନିର୍ମଳ ପାଣ୍ଡେଙ୍କ ପରଲୋକ ।

## ସୋସିଆଲ କୋଟ୍ସ



ସବୁବେଳେ ଗୋଟିଏ ଲକ୍ଷ୍ୟ ରହିଛି କି ଦର୍ଶକ କଣ୍ଟେଣ୍ଟକୁ ଏଞ୍ଜୟ କରିବା ଦରକାର । ପ୍ରଡ୍ୟୁସର ହିସାବରେ ଏହି ଅନୁଭୂତି ମୋ ପାଇଁ ବେଶ୍ ଖାସ୍ ଥିଲା । ମୁଁ ଏହି ଜର୍ଣ୍ଣିକୁ ଖୁବ୍ ଏଞ୍ଜୟ କରିଛି ।
**ଆଲିଆ ଭଟ୍ଟ, ଅଭିନେତ୍ରୀ**



ମୁଁ ମୋ ରିଅଲ ଲାଇଫ୍‌ରେ ଖୁବ୍ ଭିନ୍ନ । ମୁଁ ରିଲ୍ ଦୁନିଆରେ ଯେପରି, ରିଅଲ ଦୁନିଆରେ ତା ଠାରୁ ଖୁବ ଅଲଗା । ହେଲେ ମୁଁ ଯେଉଁ ଚରିତ୍ର ରିଲ୍‌ରେ ପ୍ରେଜେଣ୍ଟ୍ କରେ ସେମିତି ଚରିତ୍ର ଆମ ଆଖପାଖରେ ଅନେକ ମିଳିବେ ।
**ରାଜୀବ ଖଣ୍ଡେଲୱାଲ୍, ଅଭିନେତା**



ପିଲାବେଳୁ ଆକ୍ଟିଂ ପାଇଁ ଇଚ୍ଛା ଥିଲା, ଏଥିପାଇଁ ଦୃଢ ନିଶ୍ଚିତ ମଧ୍ୟ ଥିଲି । ଖୁବ ସଂଘର୍ଷ ପରେ ଏକ ଭଲ କ୍ୟାରିୟର କରିପାରିଛି ।
**ରକୁଲ ପ୍ରିତ୍, ଅଭିନେତ୍ରୀ**



# ଛତ୍ରପତି ଶିବାଜୀ

ଛତ୍ରପତି ଶିବାଜୀ ରାଜ ଭୋସଁଲେ ପଶ୍ଚିମ ଭାରତର ମରାଠା ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲେ । ତେଣୁ ମରାଠା ସାମ୍ରାଜ୍ୟର ପ୍ରଥମ ଶାସକ ରୂପେ ସେ ସର୍ବତ୍ର ପରିଚିତ । ମହାରାଷ୍ଟ୍ରର ପୁଣେ ଜିଲ୍ଲାର ଶିବନର ଗିରିଦୁର୍ଗରେ ଖ୍ରୀଷ୍ଟାବ୍ଦ ୧୬୨୭ ଅର୍ଥାତ୍ ୧୬୩୦ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନୁ ହିଁ ନିଜ ଜନ୍ମଭୂମିକୁ ବିଦେଶୀମାନଙ୍କ କବଳରୁ ମୁକ୍ତ କରିବା ଏବଂ ହିନ୍ଦୁ ଜାତି ସହିତ ହିନ୍ଦୁ ଧର୍ମକୁ ରକ୍ଷା କରିବା ଲାଗି ସେ ସଂକଳ୍ପବଦ୍ଧ ଥିଲେ । ଶିବାଜୀ ତାଙ୍କ ଗୃହ ଶିକ୍ଷକ ଦାଦାଜୀ କୋଣ୍ଡଦେବଙ୍କ ଠାରୁ ଅଶ୍ୱାରୋହଣ ଓ ଯୁଦ୍ଧବିଦ୍ୟା ଶିକ୍ଷାଲାଭ କରିଥିଲେ । ଏହାପରେ ସେ ମାଭାଳି ନାମକ ଏକ ପାହାଡ଼ିଆ ଜାତିର କୃଷକମାନଙ୍କୁ ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା ଦେଇ ଗୋଟିଏ ସୈନ୍ୟଦଳ ଗଠନ କରିଥିଲେ । ସେମାନଙ୍କ ସାହାଯ୍ୟରେ ହିଁ ସେ ବିଜାପୁରର ତୋର୍ଣ୍ଣା ଦୁର୍ଗ ଦାଖଲ କରିବା ସହିତ ରାୟଗଡ଼ ଦୁର୍ଗ ନିର୍ମାଣ କଲେ ।

# କୋଲ୍ଡ ପଙ୍ଗ୍ ଥେରାପି

ବିଭିନ୍ନ ନାଚୁରାଲ୍ ଥେରାପି ରହିଛି ଯାହାକୁ ବ୍ୟବହାର କରି ଅନେକ ଲୋକ ଭିନ୍ନଭିନ୍ନ ଦୁଃସାଧ୍ୟ ରୋଗରୁ ମୁକ୍ତି ପାଇଥାଆନ୍ତି । ଏହି ତାଲିକାରେ ମଡ୍ ଥେରାପି ଭଳି ଅନେକ ଥେରାପି ସାମିଲ ରହିଛି । ସେହିଭଳି ଏକ ଚିକିତ୍ସା ହେଲା କୋଲ୍ଡ ପଙ୍ଗ୍ ଥେରାପି । ଏହି ଥେରାପିର ଅନ୍ୟନାମ ଆଇସ୍ କୋଲ୍ଡ ବାଥ୍ ମଧ୍ୟ । ଏହି ଥେରାପିରେ ବ୍ୟକ୍ତିଙ୍କୁ ଥଣ୍ଡା ପାଣିରେ ଜଣେ ଇନ୍‌ଷ୍ଟ୍ରକ୍ଟରଙ୍କ ସହାୟତାରେ ବୁଡି ରହିବାକୁ ହୋଇଥାଏ । ଏହା କରିବା ଦ୍ୱାରା ଆମ ଶରୀରକୁ ବିଭିନ୍ନ ପ୍ରକାରର ଲାଭ ମିଳିଥାଏ । ଏହି ବାଥ୍ କାରଣରୁ ମସଲ୍ ଖୁବଶୀଘ୍ର ରିକଭରି କରିଥାଏ । ଯଦି ଆପଣ ଖୁବ ଅଧିକ ଶାରୀରିକ ପରିଶ୍ରମ କରୁଛନ୍ତି ତେବେ ଏହା ପରେ ଆଇସ୍ ବାଥ୍ କାରଣରୁ ମସଲ୍‌ରେ ଥିବା ଯନ୍ତ୍ରଣା ଦୂର ହୋଇଥାଏ । ଏହି ବାଥ୍ କାରଣରୁ ଆମ ଶରୀରରେ ରକ୍ତ ସଞ୍ଚାଳନ ବଢିଥାଏ । ଥଣ୍ଡା ପାଣି କାରଣରୁ ଏଭଳି ହୋଇଥାଏ, ଯାହା ଫଳରେ ଆମ ହୃତପିଣ୍ଡର ସ୍ୱାସ୍ଥ୍ୟ ଭଲ ରହିଥାଏ । ଏହି ଥେରାପି ଆମର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ । ବିଭିନ୍ନ ପ୍ରକାର ସଂକ୍ରମଣ ବିରୋଧରେ ଲଢିବାକୁ ଏହି ଥେରାପି ସାହାଯ୍ୟ କରିଥାଏ । କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ଏହା ବେଶ୍ ଉପଯୋଗୀ ହୋଇଥାଏ । ଆମକୁ ମେଣ୍ଟାଲି ଆକ୍ଟିଭ୍ ରଖିବାରେ ଏହା ବିଶେଷ ସହାୟକ ହୋଇଥାଏ । ଷ୍ଟ୍ରେସ୍, ଆଙ୍ଗଜାଇଟି ଆଦିରୁ ଏହା ଆମକୁ ମୁକ୍ତି ଦେଇଥାଏ ।



# ବାସ୍ତୁରେ ଫଟୋଚିତ୍ର

**ସାଧାରଣତଃ ଘରଟିଏ ନିର୍ମାଣ କରାଗଲେ ସୁଖ ସମୃଦ୍ଧି ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ । ଏହାସହିତ ଧନ, ଜନ ଆଦି ବୃଦ୍ଧି କରିବା ଲାଗି ଦେବୀଦେବତାଙ୍କର ଫଟୋ ଘର କାନ୍ଥରେ ଲଗାଯାଏ । ହେଲେ କେତେକ ସ୍ଥଳରେ ମାନବ ଜୀବନ ପାଇଁ ପ୍ରତ୍ୟେକ ଫଟୋ କିମ୍ବା ପ୍ରତିମା ଶୁଭଦାୟକ ହୋଇନଥାଏ । ତେଣୁ ଘରେ କୌଣସି ବି ଫଟୋ କିମ୍ବା ମୂର୍ତ୍ତି ସ୍ଥାପନ କରିବା ପୂର୍ବରୁ ଧ୍ୟାନ ଦିଅନ୍ତୁ ଯେ ଏହା କେଉଁ ଅବସ୍ଥାରେ ରହିଛି ଏବଂ ଏହାକୁ ଘରେ ରଖିବା ଦ୍ୱାରା କି ପ୍ରଭାବ ପଡ଼ିବ । ତେଣୁ ଆସନ୍ତୁ ଜାଣିବା କେଉଁ ଦିଗରେ କେଉଁ ଦେବଦେବୀଙ୍କ ଫଟୋ ଓ ମୂର୍ତ୍ତି ସ୍ଥାପନ କରିବା ଦ୍ୱାରା ଭଗବାନଙ୍କର କୃପା ସର୍ବଦୈବ ଲାଗି ରହିବ ।**



**ଧନଦାତ୍ରୀ ମା' ଲକ୍ଷ୍ମୀ:** ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପ୍ରତିମା କିମ୍ବା ଫଟୋ ବିରାଜମାନ ଅବସ୍ଥାରେ ରହିବା ଆବଶ୍ୟକ । ବାସ୍ତୁଶାସ୍ତ୍ର ମୁତାବକ ମା ଲକ୍ଷ୍ମୀଙ୍କର ସ୍ଥାୟୀ ରୂପ ପ୍ରାପ୍ତି ଇଚ୍ଛା ସମସ୍ତଙ୍କ ନିକଟରେ ଥାଏ । ତେଣୁ ଘର କିମ୍ବା ପୂଜାସ୍ଥାନରେ ମା' ଲକ୍ଷ୍ମୀଙ୍କର ବିରାଜମାନ ଅବସ୍ଥାରେ ଫଟୋ ରହିବା ଆବଶ୍ୟକ । ଯାହାଫଳରେ ଘରେ ସର୍ବଦା ଧନରୂପୀ ମା' ଲକ୍ଷ୍ମୀଙ୍କ ଆଗମନ ହେବ ।

**ବିଦ୍ୟାଦାତ୍ରୀ ମା' ସରସ୍ୱତୀ:** ଯେଉଁ ଘରେ ପିଲାମାନଙ୍କ ପାଠପଢ଼ା ପ୍ରତି ସମସ୍ୟା ହୋଇଥାଏ, ସେହି ଘରେ ମା' ସରସ୍ୱତୀଙ୍କ ଫଟୋ କିମ୍ବା ମୂର୍ତ୍ତି ସ୍ଥାପନ କରିବା ଆବଶ୍ୟକ । ଏହି ଫଟୋରେ ମା' ସରସ୍ୱତୀ ବିରାଜମାନ ଅବସ୍ଥାରେ ରହିଥିବା ଆବଶ୍ୟକ । ଯାହାଫଳରେ ଘରେ ବିଦ୍ୟା ଆଗମନ ହେବା ସହିତ ବିଦ୍ୟାର୍ଥୀଙ୍କ ସ୍ମରଣଶକ୍ତି ବୃଦ୍ଧି ପାଏ ବୋଲି କୁହାଯାଏ ।

**ବିଘ୍ନହର୍ତ୍ତା ଶ୍ରୀଗଣେଶ:** ଜୀବନରେ ଆସୁଥିବା ସମସ୍ତ ବାଧାବିଘ୍ନକୁ ହରଣ କରି ସମସ୍ତଙ୍କ ମଧ୍ୟରେ ଖୁସି ବାଣ୍ଟୁଥିବାରୁ ଗଣେଶଙ୍କୁ ବିଘ୍ନହର୍ତ୍ତା ବୋଲି କୁହାଯାଏ । ତେଣୁ ଗଣେଶଙ୍କ ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଭଲ । ହେଲେ ଗଣେଶ ତାଙ୍କ ଦୁଇ ପତ୍ନୀଙ୍କ ସହିତ ବିରାଜମାନ ଅବସ୍ଥାରେ ଥିବା ଫଟୋ ଓ ମୂର୍ତ୍ତିକୁ ପୂର୍ବଦିଗରେ ସ୍ଥାପନ କରିବାକୁ ସର୍ବଶ୍ରେଷ୍ଠ ମନେ କରାଯାଏ । ଏହାଦ୍ୱାରା ସୁଖ ସମୃଦ୍ଧି ପ୍ରାପ୍ତ ହୋଇଥାଏ ।



# ଭାରତକୁ ରିପ୍ରେଜେଣ୍ଟ କରିବା ସୌଭାଗ୍ୟ

ଦୀର୍ଘ ୨୮ ବର୍ଷ ପରେ ଚଳିତବର୍ଷ ମିସ ୱାର୍ଲ୍ଡକୁ ଭାରତ ହୋଷ୍ଟ କରିବାକୁ ଯାଉଛି । ସୂଚନା ଅନୁସାରେ ଏହା ପୂର୍ବରୁ ବେଙ୍ଗାଲୁରୁରେ ୧୯୯୬ ମସିହାରେ ଏହି ବିୟୁଟି କଣ୍ଟେଷ୍ଟ ଆୟୋଜିତ ହୋଇଥିଲା । ତେବେ ଚଳିତ ମିସ୍‌ୱାର୍ଲ୍ଡ ଭାରତ ହୋଷ୍ଟ କରୁଥିବାରୁ ଏହା ଭାରତୀୟଙ୍କ ପାଇଁ ଖୁବ ଖାସ । ବର୍ତ୍ତମାନ ଏହି ପ୍ରତିଯୋଗିତା ସମ୍ବନ୍ଧିତ ଅନେକ ତଥ୍ୟ ବାହାରକୁ ଆସିବାରେ ଲାଗିଛି । ସେହିଭଳି ସୂଚନା ଅନୁସାରେ ୨୦୨୩ ମିସ୍‌ୱାର୍ଲ୍ଡ ପ୍ରତିଯୋଗିତାରେ ଭାରତକୁ ସିନି ସେଟ୍ଟୀ ରିପ୍ରେଜେଣ୍ଟ କରିବାକୁ ଯାଉଛନ୍ତି । ଏହା ପୂର୍ବରୁ ସେ ଫେମିନା ମିସ୍ ଇଣ୍ଡିଆ ୨୦୨୨ର ବିଜେତା ହୋଇଥିଲେ । ସିନି ଏନେଇ ବେଶ୍ ଉତ୍ସୁକ ଥିବା ପ୍ରକାଶ କରିଛନ୍ତି । ଭାରତ ନିଜେ ହୋଷ୍ଟ କରୁଥିବା ସମୟରେ ହିଁ ସେ ଭାରତକୁ ରିପ୍ରେଜେଣ୍ଟ କରିବାର ସୁଯୋଗ ପାଇଥିବାରୁ ବେଶ୍ ଖୁସି ଅଛନ୍ତି । ସେ ଭାରତକୁ ଜିତାଇବାର ସମସ୍ତ ପ୍ରଚେଷ୍ଟା କରିବେ ବୋଲି ମଧ୍ୟ ନିଜର ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

# ଖୁସି ଦେଇଥାଏ ମାନବିକତା

ମାନବିକତା ପାଇଁ ଅନେକ ଲୋକ ବିଭିନ୍ନ କାର୍ଯ୍ୟ କରୁଥିବାର ଉଦାହରଣ ରହିଛି । ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଚୀନରେ । ଏଠାରେ ଅଟିଜିମ୍ ଭଳି ରୋଗରେ ପୀଡିତ ସ୍କୁଲ ପିଲାଙ୍କ ପାଇଁ ଏକ ଟ୍ରକ କମ୍ପାନୀ ଏଭଳି କିଛି କରିଛି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଚୀନର ଫ୍ରୋଜେନ୍ ନର୍ଦେନ ସିଟି ହର୍‌ବିନ୍‌ରୁ ଟ୍ରପିକାଲ ସିଟି ଗୁଆଙ୍ଗଜୋହୁକୁ ଏହି ବରଫ ଆସିଛି । ଏହି ଟ୍ରକରେ ପାଖାପାଖି ଏକହଜାର ପାଉଣ୍ଡ ବରଫ ଆସିଛି, ଯେଉଁଥିପାଇଁ କମ୍ପାନୀକୁ ୩୦ ହଜାର ଡଲାର ଖର୍ଚ୍ଚ କରିବାକୁ ପଡିଛି । ପାଖାପାଖି ୩ହଜାରରୁ ଅଧିକ ମାଇଲ ରାସ୍ତା ଅତିକ୍ରମ କରି ଏହି ଟ୍ରକଟି ପିଲାଙ୍କ ପାଇଁ ବରଫ ନେଇ ଆସିଛି । କୁନିକୁନି ପିଲାଙ୍କୁ ଥରେ ବରଫର ମଜା ଦେବାକୁ କମ୍ପାନୀର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି । ଏହି ସ୍କୁଲ ପିଲା କେବେ ବି ବରଫରେ ଖେଳିବାର ସୁଯୋଗ ପାଇବେ ନାହିଁ, ତେଣୁ ସ୍କୁଲ ଶିକ୍ଷକମାନେ କମ୍ପାନୀ ସହ ମିଶି ଏଭଳି ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପକୁ ବର୍ତ୍ତମାନ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି ।



# ଭଙ୍ଗାରୁଜା ସାମଗ୍ରୀରୁ ଇ-ସାଇକେଲ୍

ଦାରିଦ୍ର୍ୟତା ଜୀବନରେ ସବୁକିଛି ଶିଖାଇ ଦେଇଥାଏ । ଯେଉଁ ଜିନିଷ ଟଙ୍କା ପରିବର୍ତ୍ତେ ମିଳିଥାଏ, ତାହାକୁ ମଧ୍ୟ ପରିଶ୍ରମ ବଳରେ ଜଣେ ଗରିବ ବ୍ୟକ୍ତି ହାସଲ କରିବାରେ ସକ୍ଷମ ହୋଇଯାଏ । ପୂର୍ବରୁ ଏଭଳି ଘଟଣା ଅନେକ ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା, କିନ୍ତୁ ବର୍ତ୍ତମାନ ଏହା ପ୍ରକୃତ ଜୀବନରେ ବି ଘଟିଛି । ରାଜସ୍ଥାନର ବିକାନେରରେ ଦୁଇଜଣ ବନ୍ଧୁ ମିଶି ଏମିତି ଏକ ଅଜବ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି, ଯାହାକୁ କରିବା ପାଠପଢୁଆଙ୍କ ପକ୍ଷେ ସେତେଟା ସହଜ ନୁହେଁ । ଏହି ଦୁଇବନ୍ଧୁ ଭଙ୍ଗାରୁଜା ଲୁହାରୁ ଇ-ସାଇକେଲ୍ ପ୍ରସ୍ତୁତ କରିଛନ୍ତି । ଉଭୟଙ୍କର ସ୍କୁଲ ଘର ଠାରୁ ୭ କିମି ଦୂର ଥିଲା । ସେମାନଙ୍କ ଅଭିଭାବକଙ୍କ ନିକଟରେ ପ୍ରତ୍ୟହ ଅଟୋ ଭଡ଼ା ଦେବା ପାଇଁ ପର୍ଯ୍ୟାପ୍ତ ଟଙ୍କା ନଥିଲା । ତେଣୁ ଉଭୟ ନିଜନିଜର ବୁଦ୍ଧି ଲଗାଇ ଭଙ୍ଗାରୁଜା ସାମଗ୍ରୀ ସାହାଯ୍ୟରେ ଇ-ସାଇକେଲ୍ ପ୍ରସ୍ତୁତ କରିଛନ୍ତି । ଏହି ଦୁଇବନ୍ଧୁ ସନ୍ଦୀପ ସାମରିଆ ଓ ନିତେଶ କଶ୍ୟପ ଏକାଦଶ ଶ୍ରେଣୀରେ ପଢ଼ନ୍ତି । ସନ୍ଦୀପଙ୍କ ବାପା ଭଙ୍ଗାରୁଜା ଦୋକାନରେ କାମ କରୁଥିବାବେଳେ ତାଙ୍କ ଘରେ ଅନେକ ସାମଗ୍ରୀ ଥିଲା । ସେସମସ୍ତ ସାମଗ୍ରୀ ଭିତରୁ ଇଞ୍ଜିନ, ବ୍ୟାଟେରୀ ଆଦି ବାହାର କରି ସୋଲାର ପ୍ୟାନେଲ ସାହାଯ୍ୟରେ ଏହି ସାଇକେଲ୍‌କୁ ତିଆରି କରିଛନ୍ତି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୬
ତିଥି : ଦଶମୀ
୧୯ ଫେବୃଆରୀ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 136
19 Feb 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଖୁବ୍‌ଶୀଘ୍ର ନିର୍ବାଚନ ବିଗୁଲ୍

# ନିରପେକ୍ଷ, ସ୍ୱଚ୍ଛ, ଶୃଙ୍ଖଳିତ ନିର୍ବାଚନକୁ ଗୁରୁତ୍ୱ : ସିଇସି




- ସବୁ ଦଳ ପାଇଁ ସମାନ ମନୋଭାବ ପୋଷଣ କର
- ସମସ୍ତ ମତଦାତାଙ୍କୁ ଭୋଟ ଦାନ କରିବାକୁ ଆହ୍ୱାନ
- ପ୍ରାର୍ଥୀଙ୍କ ବିରୋଧରେ ସି-ଭିଜିଲ ଆପରେ କରିପାରିବେ ଅଭିଯୋଗ
- ଅଭିଯୋଗର ୧୦୦ ମିନିଟ ଭିତରେ ହେବ କାର୍ଯ୍ୟାନୁଷ୍ଠାନ
- ସଭା ପାଇଁ ପ୍ରଥମ ଆବେଦନକୁ ପ୍ରଥମେ ମିଳିବ ଅନୁମତି
- ପେଡ୍ ନ୍ୟୁଜ୍ ଉପରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ
- ଇଭିଏମ, ଭିଭିପ୍ୟାଟ ପାଇଁ ରହିବ ତ୍ରିସ୍ତରୀୟ ସୁରକ୍ଷା
- ରାଜନୈତିକ ଦଳ ସମ୍ମୁଖରେ ଖୋଲାଯିବ ଇଭିଏମ
- ରାଜ୍ୟରେ ୩.୩୨ କୋଟି ମତଦାତା ଦେବେ ଭୋଟ୍

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ଓଡ଼ିଶାରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନକୁ ନିର୍ବିଘ୍ନରେ ପରିଚାଳନ କରିବା ପାଇଁ ଆମେ ସମସ୍ତ ପ୍ରସ୍ତୁତି ପର୍ବ ସାରିଛୁ । ନିର୍ବାଚନରେ ସ୍ୱଚ୍ଛ, ନିରପେକ୍ଷ, ଅପରାଧମୁକ୍ତ ଓ ଶୃଙ୍ଖଳିତ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି । ସମସ୍ତ ରାଜନୈତିକ ଦଳ ପ୍ରତି ସମାନ ମନୋଭାବ ପୋଷଣ କରିବାକୁ ନିର୍ଦ୍ଦେଶ ହୋଇଛି । ଏନେଇ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ । ସମସ୍ତ ମତଦାତା ବହୁ ସଂଖ୍ୟାରେ ମତଦାନ କରିବାକୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସମୀକ୍ଷା ପରେ ଭାରତର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଏହା କହିଛନ୍ତି ।

ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସିଇସି ଶ୍ରୀ କୁମାର କହିଛନ୍ତି, ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ଏଠାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ହେବ ବୋଲି ମୋର ଆଶା । ପୂର୍ବରୁ ସମସ୍ତ ରାଜନୈତିକ ଦଳ ସହିତ ଆଲୋଚନା କରିଛନ୍ତି ସିଇସି । ଏହି ଆଲୋଚନାରେ କିଛି ରାଜନୈତିକ ଦଳ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ (୯ ପୃଷ୍ଠାରେ)

## ପାଚିକାମାନଙ୍କ ପାରିଶ୍ରମିକ ୨ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନାରେ ପାଚିକା ତଥା ସହାୟିକା ଭାବରେ କାମ କରୁଥିବା କର୍ମଚାରୀମାନଙ୍କ ପାରିଶ୍ରମିକ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି । ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ରାଶି ୧,୪୦୦ ଟଙ୍କା ରୁ ୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହା ଦ୍ୱାରା ରାଜ୍ୟର ମୋଟ ୫୫ ହଜାର ସ୍କୁଲରେ କାମ କରୁଥିବା ପାଚିକା ଓ ସହାୟିକା ଉପକୃତ ହେବେଛ ଏଥି ପାଇଁ ରାଜ୍ୟ ସରକାର ବର୍ଷକୁ ୭୪ କୋଟି ଟଙ୍କା ଖର୍ଚ୍ଚ କରିବେ ।

ଏହା ସହିତ ପାଚିକା ଏବଂ ସହାୟିକା ଯଦି ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ (୯ ପୃଷ୍ଠାରେ)

## ରେଳଷ୍ଟେସନ ନିକଟରେ ୪ ମୃତଦେହ

ସୁନ୍ଦରଗଡ଼, ୧୮।୨ (ସବ୍ୟୁ) : ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲ୍ଲାର ଚକ୍ରଧରପୁର ରେଳ ବିଭାଗର ତାଲାବୁରୁ ଏବଂ କେନ୍ଦୋପୋସି ରେଳ ଷ୍ଟେସନ ନିକଟରେ ଚାରି ଜଣଙ୍କ ମୃତଦେହ ଦେଖିବା ପରେ ଏହି ଅଞ୍ଚଳରେ ଆତଙ୍କର ମାହୋଲ୍ ଖେଳି ଯାଇଛି । ଦୁଇଟି ମୃତଦେହକୁ ଅଖା ଭିତରେ ସିଲ୍ କରାଯାଇଛି ଓ ଦୁଇ ଶିଶୁଙ୍କୁ ବାହାରେ ପକାଯାଇଛି। ଏହା ଏକ ଦୁର୍ଘଟଣା କି ସେମାନଙ୍କୁ ହତ୍ୟା କରାଯାଇଛି ଏବଂ ସେମାନଙ୍କ ମୃତଦେହକୁ ଟ୍ରାକରେ ଫୋପାଡ଼ି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା କୁହାଯାଉଛି। ମୃତଦେହ ଦେଖିବା ପରେ ଟ୍ରାକରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା । ଏହି ଚାରି ଜଣଙ୍କର (୯ ପୃଷ୍ଠାରେ)

## କୃଷକ ସାଥିଙ୍କ ଆବଶ୍ୟକୀୟ ଖର୍ଚ୍ଚ ପରିମାଣ ୬ ହଜାର ବଢ଼ିଲା

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର କୃଷକ ସାଥି ମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ରାଶିର ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି । ସେମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ପରିମାଣ ବର୍ଷକୁ ୧୨ ହଜାର ଟଙ୍କାରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ରାଜ୍ୟର ୧୩,୬୦୦ କୃଷକ ସାଥି ଉପକୃତ ହେବେ ।

KISS
KALINGA INSTITUTE OF SOCIAL SCIENCES
କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ
ଓ କିଟ୍ ଆର୍ଥିକ ସହାୟତାରେ ନିର୍ମିତ
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ବୌଦ୍ଧର
ଶୁଭ ଉଦ୍‌ଘାଟନ
୧୦୦ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍‌ର ଭୂମିପୂଜନ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଜଙ୍ଗଲ,
ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
ସମ୍ମାନୀୟ ଅତିଥି
ଶ୍ରୀଯୁକ୍ତ ମହୀଧର ରଣା, ମାନ୍ୟବର ବିଧାୟକ, କଣ୍ଟାମାଳ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ବୌଦ୍ଧ
ଡ. ଅଚ୍ୟୁତ ସାମନ୍ତ, ସାଂସଦ, କନ୍ଧମାଳ, ପ୍ରତିଷ୍ଠାତା-କିଟ୍ ଓ କିସ୍
ଶ୍ରୀ ଜେ. ସୋନାଲ (ଆଇ.ଏ.ଏସ୍), ଜିଲ୍ଲାପାଳ, ବୌଦ୍ଧ
ଶ୍ରୀ ରାଜ ପ୍ରସାଦ (ଆଇ.ପି.ଏସ୍), ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବୌଦ୍ଧ
ତାରିଖ: ୧୯।୨।୨୦୨୪ ସ୍ଥାନ: ଲୁଣିବାହାଲ, ଜିଲ୍ଲା-ବୌଦ୍ଧ ସମୟ : ଦିବା ୧୨:୦୦
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ଅନୁରୋଧ





R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୬
ତିଥି : ଦଶମୀ
୧୯ ଫେବୃଆରୀ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 136
19 Feb 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

DSPL-675

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



#ନୂଆ-ଓ ଛାତ୍ରବୃତ୍ତି

## ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।



@DHE_Odisha
@hedodisha
www.fb.com/dheodisha

0674-2323401, 2323402, 2323403
2323404
https://scholarship.odisha.gov.in
scholarshiped@gmail.com

ଉଚ୍ଚ ଶିକ୍ଷା ବିଭାଗ

OIPR: 11001/13/0078/2324

# ବିଜେଡ଼ିରେ ଯୋଗଦେଲେ ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଲବ ଜେନା




ଭୁବନେଶ୍ୱର (ସବ୍ୟୁ): ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ତଥା ୨୦୧୯ ଅନୁଗୁଳ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିପ୍ଲବ ଜେନା ଓ ତାଙ୍କର ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ରବିବାର ଶଙ୍ଖଭବନ ଠାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ଉପବାଚସ୍ପତି ତଥା ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇ ଥିବା ବିପ୍ଲବ ଜେନାଙ୍କୁ ଉପଢୌକନ ଦେଇ ଶ୍ରୀ ଦାସ ଓ ଶ୍ରୀ ସିଂ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ବିପ୍ଲବ ଜେନାଙ୍କ ଯୋଗଦାନ ଫଳରେ ଅନୁଗୁଳ ଜିଲ୍ଲାରେ ବିଜେଡି ଆହୁରି ମଜଭୁତ ହେବାସହ ସମସ୍ତେ ଏକତ୍ରିତ ହୋଇ ଆଗାମୀ ଦିନରେ କାମ କରିବାକୁ ଆହ୍ୱାନ ଦେଇଥିଲେ ।

ବିଜେଡ଼ିରେ ସାମିଲ୍ ହୋଇଥିବା ବିପ୍ଲବ ଜେନା କହିଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରବିବାର ଦିନ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଆସି ନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ମୁଁ ନିଷ୍ଠାର ସହ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମିଶ୍ରଣ ପର୍ବରେ ଅନୁଗୁଳ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୁଳ ଜିଲ୍ଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଏବଂ ଅନୁଗୁଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଜେନାଙ୍କ ସମେତ ତାଙ୍କର ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୨ କ୍ୱିଣ୍ଟାଲ ବିଦ୍ୟୁତ ତାର ଜବତ : ୩ ଗିରଫ

କଟକ (ସବ୍ୟୁ): ଚାଉଳିଆଗଂଜ ଥାନା ପୋଲିସ ଗତକାଲି ରାତିରେ ମହାନଦୀବିହାର ସାରୁବଣା ଅଂଚଳରେ ଚଢାଉ କରି ପର୍ଯ୍ୟାପ୍ତ ପରିମାଣର ବିଦ୍ୟୁତ ତାର ଚୋରି କରି ଗଚ୍ଛିତ ରଖିଥିବା ୩ ଅପରାଧୀଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୨ କ୍ୱିଣ୍ଟାଲ ୫୦ କେଜି ଓଜନର ତାର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚାଉଳିଆଗଂଜ ଥାନା ଅନ୍ତର୍ଗତ ଶିଖରପୁର ତଳସାହିର ସୁରେଶ ସ(୪୫), ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ବାଣିକୁଣ୍ଡର ନାରାୟଣ ପରିଡା(୫୮) ଓ ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ଅନ୍ତର୍ଗତ ଗୋଲାବଞ୍ଜରର ସନ୍ତୋଷ ସାହୁ(୪୨) । ଏହି ଅଭିଯୁକ୍ତମାନେ ସହରର ବିଭିନ୍ନ ସ୍ଥାନରୁ ବିଦ୍ୟୁତ ତାର ଚୋରି କରି କୋଲକତାକୁ ଚାଲାଣ କରୁଥିବାର ଜଣାପଡିଛି । ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସଡ଼କ ବିକାଶ ମହାନିର୍ଦ୍ଦେଶକ ଦାୟିତ୍ୱରେ ଓଡ଼ିଆ ଅଧିକାରୀ ଧର୍ମାନନ୍ଦ ଷଡ଼ଙ୍ଗୀ

ଭୁବନେଶ୍ୱର (ସବ୍ୟୁ): ଧର୍ମାନନ୍ଦ ଷଡ଼ଙ୍ଗୀ ଭାରତ ସରକାରଙ୍କ ସଡ଼କ ବିକାଶ ମହାନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ବିଭାଗର ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ । ସିଭିଲ୍ ଇଞ୍ଜିନିୟରିଂରେ ବିଏସ୍ସି ଏବଂ ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ଧର୍ମାନନ୍ଦ ଷଡ଼ଙ୍ଗୀ ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରେ ସହାୟକ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ୨୦୧୩ରେ ସେ ମୁଖ୍ୟ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ଏହାବ୍ୟତୀତ ସେ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିସାରିଛନ୍ତି । ୨୦୨୦ରେ ସେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ



ପଦୋନ୍ନତି ପାଇଥିଲେ । ରାଜପଥ ନିର୍ମାଣ ଯୋଜନା, ଡିଜାଇନ, ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଟ୍ରାଫିକ୍ ଭିଡ଼ ଏଡ଼ାଇବା ଭଳି କାର୍ଯ୍ୟରେ ତାଙ୍କର ଉଚ୍ଚକୋଟୀର ଦକ୍ଷତା ରହିଛି । ବିଶେଷ କରି ସରକାରୀ ଘରୋଇ ଭାଗିଦାରୀରେ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି । ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ ଓ ଗୋଆ ଭଳି ରାଜ୍ୟରେ ରାଜପଥ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଶ୍ରୀ ଷଡ଼ଙ୍ଗୀ ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଆଇଆର୍ସି)ର ଆଜୀବନ ସଦସ୍ୟ ତଥା ଅବୈତନିକ କୋଷାଧ୍ୟକ୍ଷ ଭାବେ ଏହି ସଂଗଠନର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି ।

### ପୁରୀରେ ମାଗଣା ବ୍ରତୋପନୟନ

# ତିନ ରାଜ୍ୟର ୧୫ ଜଣ ହେଲେ ବ୍ରହ୍ମଚାରୀ

ପୁରୀ (ସବ୍ୟୁ) ପୁରୀ ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବୈଦିକ ରୀତିନୀତିରେ ସାମୁହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମାର୍ଗଦର୍ଶନ ରେ ଅନୁଷ୍ଠିତ ହୋଇଯାଇଛି ଏହି ବ୍ରତୋପନୟନ ରେ ପଶ୍ଚିମ ବଙ୍ଗଳା ,ରାଜସ୍ଥାନ,ଓଡିଶା ରାଜ୍ୟର ୧୫ ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତିନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ କାର୍ଯ୍ୟକ୍ରମ ସ୍ଥଳରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା କଟକୀ ମଠର ମହନ୍ତ ଡ଼ ବିଜୟ ନାରାୟଣ



ରାମାନୁଜ ଦାସ, ଜିୟର ସ୍ୱାମୀ ମଠର ସନ୍ତ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ ପ୍ରତ୍ୟେକ୍ଷ ପରିଚାଳନା କରିଥିବା ବେଳେ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତ ମାନଙ୍କ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

### ସମାପ୍ତ ହେଲା ବିଜେପିର ଦୁଇ ଦିନିଆ ରାଷ୍ଟ୍ରୀୟ ଅଧିବେଶନ

# ବିକାଶ ସହ ରାଷ୍ଟ୍ରୀୟତା, ଭାରତୀୟତାକୁ ଆଧାର କରି ନିର୍ବାଚନ ଲଢ଼ିବ ବିଜେପି

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ତୃତୀୟଥର ପାଇଁ ବିଜେପି ସରକାର ଗଠନ କରିବ । ଲୋକସଭା ନିର୍ବାଚନରେ ୪ଶହରୁ ଉର୍ଦ୍ଧ୍ୱ ଆସନ ଜିତି ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବା ନୂଆଦିଲ୍ଲୀରେ ଆୟୋଜିତ ଦୁଇ ଦିନିଆ ରାଷ୍ଟ୍ରୀୟ ଅଧିବେଶନ ଦଳର କାର୍ଯ୍ୟକର୍ତାଙ୍କୁ ଅଶେଷ ଶକ୍ତି ପ୍ରଦାନ କରିଛି। ଦଳକୁ ଜିତାଇ ମୋଦିଜୀଙ୍କୁ ତୃତୀୟଥର ପ୍ରଧାନମନ୍ତ୍ରୀ ଆସନରେ ଅଲଙ୍କୃତ କରିବାକୁ ଅଧିବେଶନରେ ସମସ୍ତ କାର୍ଯ୍ୟକର୍ତା ସଂକଳ୍ପ ନେଇଛନ୍ତି ଏବଂ ତାକୁ ତୃଣମୂଳ ଓ ବୁଥସ୍ତର ପର୍ଯ୍ୟନ୍ତ ନେବେ ବୋଲି ନିଷ୍ପତି ନେଇଛନ୍ତି। ଓଡିଶାରେ ମଧ୍ୟ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତାରେ ବିଜେପି ସରକାର ଗଢ଼ିବା ଦୁଇ ଦିନିଆ ରାଷ୍ଟ୍ରୀୟ ଅଧିବେଶନରେ ଓଡ଼ିଶାର ରାଜନୈତିକ ପ୍ରସଙ୍ଗରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହିତ ସମ୍ପୂର୍ଣ୍ଣ ରଣନୀତି ନେଇ ଆଲୋଚନା ହୋଇଛି । ବିଜେଡି ଶାସନକୁ ଆସନ୍ତା ନିର୍ବାଚନରେ ସମୁଳେ ଧ୍ୱଂସ କରି 'ଡବଲ ଇଞ୍ଜିନ୍ ସରକାର' ଗଠନ କରିବେ ଓଡ଼ିଶାବାସୀ। ରାଜ୍ୟରେ ୨୪ବର୍ଷରେ ନବୀନ ଯାହା କରିନାହାନ୍ତି ଶାସନକୁ ଆସିଲେ ୫ବର୍ଷରେ ବିଜେପି ତାହା କରିଦେଖାଇବ ବୋଲି ରବିବାର ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଯାପନ ପରେ ଗଣମାଧ୍ୟମକୁ ସୂଚନା ଦେଇ ଏପରି କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପାଇଁ ରାଷ୍ଟ୍ରନୀତି ହେଉଛି ରାଜନୀତିଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ସବୁରି କ୍ଷେତ୍ରରେ



ଦେଶକୁ ଚରମ ଶିଖରରେ ପହଂଚାଇବା ପାଇଁ ମୋଦିଜୀ ନିଷ୍ଠାର ସହ ପ୍ରୟାସରତ ଅଛନ୍ତି । ତାଙ୍କ ଏହି ଅଭିପ୍ସାକୁ ଦଳର ପ୍ରତିଟି ନେତା ଏବଂ କାର୍ଯ୍ୟକର୍ତା ନିଶ୍ଚିତ ପୂରଣ କରି ଦେଖାଇବେ ବୋଲି ଶ୍ରୀ ସାମଲ କହିଛନ୍ତି ।

ଓଡିଶାରେ ବିଜେପି ସରକାର' ରହିବା ଓଡ଼ିଶାରେ ବିଜେପି ବହୁମତରେ ସରକାର ଗଠନ କରୁ ବୋଲି ରାଜ୍ୟର ସାଧାରଣ ଜନତା ଚାହୁଛନ୍ତି । ତେଣୁ ଗଣତନ୍ତ୍ରରେ ଲୋକେ ଯାହା ଚାହୁଁଛନ୍ତି ତାକୁ ଆମ ଦଳ ସମ୍ମାନ ଦେବା। ଭ୍ରଷ୍ଟ ତଥା ଦୁର୍ନୀତିପୂର୍ଣ୍ଣ ଶାସନ ସମାପ୍ତ ହେଉ ବୋଲି ସମସ୍ତେ ଚାହାନ୍ତି । ମୋଦିଜୀ ଓଡ଼ିଶାକୁ ଦେଇଥିବା ୧୮ଲକ୍ଷ ୮୩ହଜାର କୋଟି ଟଙ୍କାର ହିସାବ ଏଯାଏଁ ରାଜ୍ୟ ସରକାର ଦେଇପାରୁନାହାନ୍ତି । ଯାହା ରାଜ୍ୟ ସରକାରଙ୍କ ଭ୍ରଷ୍ଟ ଶାସନକୁ ପ୍ରମାଣିତ କରିଛି। ଏହି ଟଙ୍କା ଯଦି ଖର୍ଚ୍ଚ ହୋଇଥାନ୍ତା ତାହାଲେ ଓଡ଼ିଶାର ଚିତ୍ର ଆଜି ବଦଳି ଯାଇଥାନ୍ତା ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ରାଷ୍ଟ୍ରୀୟ ଅଧିବେଶନରେ ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ରାଜ୍ୟ ପଦାଧିକାରୀ, ରାଜ୍ୟ ମୋର୍ଚ୍ଚାର ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକ, ରାଜ୍ୟ କୋର କମିଟି, ନିର୍ବାଚନ କମିଟି, ଶୃଙ୍ଖଳା କମିଟି, ଅର୍ଥ କମିଟି ସଦସ୍ୟ, ଲୋକସଭା ପ୍ରଭାରୀ, ସଂଯୋଜକ, ବିସ୍ତାରକ, ରାଜ୍ୟ ମୁଖପାତ୍ର, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ, ଜିଲ୍ଲା ସଭାପତି ଓ ପ୍ରଭାରୀ, ସମସ୍ତ ପ୍ରକୋଷ୍ଠର ରାଜ୍ୟ ସଂଯୋଜକମାନେ ଯୋଗ ଦେଇଥିଲେ।

## ନୂଆବଜାର ଛକରେ ମର୍ମନ୍ତୁଦ ଦୁର୍ଘଟଣା, ମହିଳା ମୃତ, ୨ ଗୁରୁତର

କଟକ (ସବ୍ୟୁ): ନୂଆବଜାର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଓ ଝିଅ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତକ ଜଣକ କନ୍ଦରପୁର କୋରପଦାର ସାରଥୀ ରାଉତ(୩୫) । ମିଳିଥିବା ସୂଚନା ଅନୁସାରେ, ଆଜି ମଧ୍ୟାହ୍ନରେ କୋରପଦାର ଦୀପକ ରାଉତ ତାଙ୍କ ପତ୍ନୀ ସାରଥୀ ଓ ୧୦ ବର୍ଷର ଝିଅ ସାଇ ପ୍ରିୟଦର୍ଶିନୀଙ୍କୁ ସ୍କୁଟିରେ ନେଇ ଯାଉଥିବା ବେଳେ ଚାଉଳିଆଗଂଜ ଛକ ଆଡୁ ଆସୁଥିବା ଏକ ଟ୍ରକ(ଓଆର-୦୫-ୟୁ-୧୭୩୭) ସେମାନଙ୍କୁ ନୂଆବଜାରଛକ ନିକଟରେ ଧକ୍କା ଦେଇଥିଲା । ସାରଥୀ ତଳେ ପଡିଯାଇଥିଲା ବେଳେ ଟ୍ରକ୍‌ଟି ତାଙ୍କ ଉପରେ ଚଢିଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣାରେ ସ୍ୱାମୀ ଦୀପକ ମଧ୍ୟ ଗୁରୁତର ଆହତ ହୋଇଥିବା ବେଳେ ଝିଅ ସାଇ ପ୍ରିୟଦର୍ଶିନୀର ଡାହାଣ ହାତ କଟି ଯାଇଥିବା ସୂଚନା ମିଳିଛି । ଉଭୟ ଆହତଙ୍କୁ ପୋଲିସ ଏସସିବିରେ ଚିକିତ୍ସା ଲାଗି ପଠାଇ ଟ୍ରକକୁ ଜବତ କରିଛି । ତେବେ ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଫେରାର ହୋଇଯାଇଛି ।

# ତିନି ଲୁଟେରା ଗିରଫ, ସୁନା ଅଳଙ୍କାର ସହ ବାଇକ ଜବତ

କଟକ (ସବ୍ୟୁ): ପୁରୀଘାଟ ଥାନା ପୋଲିସ ୩ ଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୧ ଗ୍ରାମ୍ ଓଜନର ତିନୋଟି ସୁନା ଚେନ୍, ଗୋଟିଏ ପଲସର ବାଇକ(ଓଡି-୦୭-ଏକ୍ୟୁ-୬୧୧୦) ଓ ଗୋଟିଏ ମାଷ୍ଟର କି ଜବତ କରିଛି । ଗିରଫ ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା ଜଖପୁରା ଥାନା ଅନ୍ତର୍ଗତ ଦଶମାଣିଆର ଦିପକ ପ୍ରଧାନ(୧୯) ଓ ଭୋଲା ପ୍ରଧାନ(୨୪) ଏବଂ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବେଡାରିର ମୂଳବାସିନ୍ଦା ତଥା ଯାଜପୁର ଜିଲ୍ଲା ଜଖପୁରାରେ ରହୁଥିବା ପ୍ରଦୀପ ସାହୁ(୪୨) । ପୋଲିସ ସୂତ୍ରରୁ ମିଳିଥିବା ଖବର ମୁତାବକ, ଗତ ୧୫ ତାରିଖ ରାତି ୯ଟା ବେଳେ ପିଠାପୁର ଡାଲମିଲ୍ ଲେନ୍‌ର ସୋନି ପାଣିଗ୍ରାହୀ ପୁରୀଘାଟ ଥାନାରେ ଦେଇଥିବା ଏତଲା ଅନୁସାରେ, ସେ ସେହିଦିନ ସନ୍ଧ୍ୟା ୫ଟା ସମୟରେ ସେ ଘରକୁ ଫେରୁଥିଲା ବେଳେ ଦୋଳମୁଣ୍ଡାଇ ଛକଠାରେ ଦୁଇଜଣ ଦୁର୍ବୃତ୍ତ ଏକ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଛିଡାଇ ନେଇ ଫେରାର ହୋଇଯାଇଥିଲେ । ପୋଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲା । ସିସିଟିଭି ଫୁଟେଜରୁ ଉପରୋକ୍ତ ଅଭିଯୁକ୍ତମାନଙ୍କର ସଂପୃକ୍ତି ଜଣାପଡିବା ପରେ ଚଢାଉ କରି ଗିରଫ କରାଯାଇଥିଲା । ପଚରା ଉଚରା ବେଳେ ଦୁଇ ଅଭିଯୁକ୍ତ ଉକ୍ତ ଦିନ ଗଣେଶଘାଟ ନିକଟରୁ ମଧ୍ୟ ଛିନତାଇ କରିଥିବା ସ୍ୱୀକାର କରିଥିଲେ । ସେମାନେ ୟୁପି, ବିହାର, କୋଲକତା, ହଜାରିବାଗ, ମୋତିହାରି, ଏବଂ ଆନ୍ଧ୍ରପ୍ରଦେଶର କେତେକ ସ୍ଥାନରେ ଛିନତାଇ, ଡିକି ଭଙ୍ଗା, ଅଳଙ୍କାର ଦୋକାନରୁ ଚୋରି, ଘରେ ପଶି ଚୋରି, ଡକାୟତି ଭଳି ଘଟଣା ଘଟାଇଥିବା ଜଣାପଡିଛି ।

### ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

# ସାରଳା ଦାସଙ୍କ ନାମରେ ନାମିତ ହେଉ ଓଡ଼ିଆ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର (ସବ୍ୟୁ): ସାରଳା ଦାସ ସ୍ମୃତି ସଂସଦ ଭୁବନେଶ୍ୱର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଉତ୍ସବ ବୃଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ ହସ୍ପିଟାଲରେ ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତାଭାବେ ଶାନ୍ତି ନିକେତନର ପ୍ରାକ୍ତନ ଓଡ଼ିଆ ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ ଯୋଗଦେଇ କହିଲେ ଭାଷା ହିଁ ଗୋଟିଏ ଜାତିର ପ୍ରାଣ ଏବଂ ଏହା ଜାତିକୁ ଏକ ସୂତ୍ରରେ ବାନ୍ଧି ରଖିପାରେ । ସମ୍ମାନୀତ ବକ୍ତା ଡ. ଲଳିତ ଲେଙ୍କା କହିଲେ ସାରଳା ଦାସଙ୍କ ଯୋଗୁ ଓଡ଼ିଆ ଭାଷା ଆଜି ବିଶ୍ୱ ଦରବାରରେ ନିଜର ସ୍ଥିତି ରଖିପାରିଛି । ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟର ଜନକ ଆଦିକବି ସାରଳା ଦାସଙ୍କ ନାମରେ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ସାରଳା ଦାସ



ଓଡ଼ିଆ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିବା ଏବଂ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ଚାଲୁଥିବା ଗୋଟିଏ ରେଳ ଗାଡିର ନାମ ସାରଳା ଦାସ ଏକ୍ସପ୍ରେସ୍ ରଖାଯାଉ ବୋଲି ସଭାରେ ପ୍ରସ୍ତାବ ଗୃହିତ ହୋଇଥିଲା । ସଂସଦର ମୁଖପତ୍ର 'ସାରଳା ସର୍ଜନୀକୁ' ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରମୋଦ କୁମାର ମହାପାତ୍ରଙ୍କୁ ବିଶିଷ୍ଟ ସମାଜସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦାନ କରି କହିଲେ ସାରଳା ଦାସ ହେଉଛନ୍ତି ଏ ମାଟିର ଗର୍ବ ଓ ଗୌରବ । ତାଙ୍କ ଯୋଗୁ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି । ପ୍ରାରମ୍ଭରେ ଡ. ସାତକଡି ହୋତାଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅମିତା ପ୍ରଭା ସ୍ୱାଇଁ ଓ ମଧୁସ୍ମିତା ଦାସ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ପ୍ରଦୀପ୍ତ କୁମାର ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ ପଣ୍ଡିତ ରଶ୍ମି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବିରଜା ପ୍ରସାଦ ଶତପଥୀ, ଡ. ଆରତୀ କର, ସାହିତ୍ୟିକ ମହେନ୍ଦ୍ର କୁମାର ମଲ୍ଲିକ୍, ପ୍ରେମଲତା ଦେବୀ, ଅକ୍ଷୟ କୁମାର ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ନାରାୟଣ ମିଶ୍ର, ନିରଞ୍ଜନ ପଣ୍ଡା, ପ୍ରଦୀପ କୁମାର ରାଉତଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ ।

## ବିଏମଡବ୍ଲୁ ପକ୍ଷରୁ ମୁମ୍ବାଇରେ ଜଏଟାଉନର ୨ୟ ସଂସ୍କରଣର ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ) : ବିଏମଡବ୍ଲୁ ଗ୍ରୁପ୍ ଇଣ୍ଡିଆ ଏହାର ସଙ୍ଗୀତ ଓ ଡ୍ରାଇଭିଂ ଫେଷ୍ଟିଭାଲ, ଜଏଟାଉନର ୨ୟ ସଂସ୍କରଣ ଶୁଭାରମ୍ଭ କରିଛି। ଏହି ଦୁଇ ଦିନିଆ ନିମଜ୍ଜିତ ବ୍ରାଣ୍ଡ ଅନୁଭୂତି ମହୋତ୍ସବ ମୁମ୍ବାଇରେ ମହାଲକ୍ଷ୍ମୀ ରେସ୍‌କୋର୍ସଠାରେ ଆସନ୍ତା ଏପ୍ରିଲ ୧୨-୧୩ ତାରିଖ ୨୦୨୪ରେ ବ୍ରାଣ୍ଡର ପ୍ରଶଂସକ ଓ ଉତ୍ସାହୀମାନଙ୍କୁ ରୋମାଂଚିତ କରିବ। ଏସମ୍ପର୍କରେ ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆ ଅଧ୍ୟକ୍ଷ ଶ୍ରୀ ବିକ୍ରମ ପୱାଁ କହିଛନ୍ତି ଯେ, 'ମୁମ୍ବାଇରେ ଜଏଟାଉନର ୨ୟ ସଂସ୍କରଣର ଉପସ୍ଥାପନ କରିବା ଆମ ପାଇଁ ଖୁବ୍ ଉତ୍ସାହଜନକ ଅଟେ, ଏହା ହେଉଛି ଏକ ଅଭିନବ ମହୋତ୍ସବ ଯେଉଁଠାରେ ଡ୍ରାଇଭିଂ ବା ଚାଳନାର ରୋମାଂଚ, ସଙ୍ଗୀତର ଜୀବନ୍ତ ଦୁନିଆ ସହ ମିଶ୍ରଣ ହୋଇଥାଏ। ଏହି ଉତ୍ସବ ବିଏମଡବ୍ଲୁ, ମିନି ଓ ବିଏମଡବ୍ଲୁ ମୋଟୋରାଡ୍‌ର ମୂଲ୍ୟବୋଧକୁ ପ୍ରତିଫଳନ କରିଥାଏ, ଯେଉଁଠାରେ ଆମର ଅଗ୍ରଣୀ ଅଟୋମୋଟିଭ୍ ଉନ୍ନତି ସହିତ ଲୋକପ୍ରିୟ ଗାୟକମାନଙ୍କ ଚମତ୍କାର ସଙ୍ଗୀତ ସାମିଲ ରହିଛି ।

### ପାଞ୍ଜି ବିଭ୍ରାଟକୁ ନେଇ ପ୍ରେସ ସମ୍ମିଳନୀରେ ଜ୍ୟୋତିର୍ବିଦ୍ୱାନଙ୍କ କ୍ଷୋଭ

# ଏପ୍ରିଲ ୧୩ ତାରିଖରେ ପଣା ସଂକ୍ରାନ୍ତି

ଭୁବନେଶ୍ୱର (ସବ୍ୟୁ): ଖାରବେଳ ନଗରସ୍ଥ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ୍ ଆସୋସିଏସନ୍ (ଓଡ଼େଶା) ଭବନ ସମ୍ମିଳନୀ କକ୍ଷରେ ୨୦୨୪-୨୫ ବର୍ଷର ପଣାସଂକ୍ରାନ୍ତି, ସରସ୍ୱତୀ ପୂଜା ଏବଂ ଦୁର୍ଗାଶୟନକୁ ନେଇ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଏକତରଫା ନିଷ୍ପତ୍ତି ଓ ମିଥ୍ୟା ଘୋଷଣା ବିରୋଧରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ, ଭୁବନେଶ୍ୱର ଓ ଭାଗ୍ୟଜ୍ୟୋତି ପ୍ରକାଶନ, କଟକ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ମୁଖ୍ୟଶାସନ ସଚିବ ସହଦେବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଆଇପିଏସ୍ ଅଫିସର ତଥା ବିଶିଷ୍ଟ ଜ୍ୟୋତିଃପଦାର୍ଥବିତ୍, ସିଦ୍ଧାନ୍ତ ଦର୍ପଣର ହିନ୍ଦୀ ଓ ଇଂରାଜୀ ଅନୁବାଦକ ଅରୁଣ କୁମାର ଉପାଧ୍ୟାୟ ଉଭୟ ସିଦ୍ଧାନ୍ତ ଦର୍ପଣ ଗଣନା ଏବଂ ଆଧୁନିକ ଗଣନା ଅନୁସାରେ ଏପ୍ରିଲ ୧୩ ତାରିଖରେ ମହାବିଷୁବ ପଣାସଂକ୍ରାନ୍ତି ହେବ ବୋଲି କହିଥିଲେ । ସେ କହିଥିଲେ ଯେ ସେ ପଣ୍ଡିତ ମେଡେନ କୁମାର ବିଶିଙ୍କ ଗଣନା ଏବଂ ମୁକ୍ତିମଣ୍ଡପ ପଣ୍ଡିତସଭା ଦ୍ୱାରା ଉପସ୍ଥାପିତ




ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କ ଗଣନାକୁ ତର୍ଜମା କରି ଦେଖିଲେ ଯେ ବିଶ୍ୱବିଦ୍ୟାଳୟ ଗଣନାରେ ଭୁଜାନ୍ତର ସଂସ୍କାରରେ ତ୍ରୁଟି ଅଛି ଏବଂ ପଣ୍ଡିତ ବିଶିଙ୍କ ଗଣନା ନିର୍ଭୁଲ ।

ଭାଗ୍ୟଜ୍ୟୋତିର ଗଣକ ପଣ୍ଡିତ ବିଶି ଓ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାର ଗଣକ ପଣ୍ଡିତ ଦୋଳଗୋବିନ୍ଦ ପଣ୍ଡା କହିଥିଲେ ଯେ, ଆଗାମୀ ପଣା ସଂକ୍ରାନ୍ତିକୁ ନେଇ ବିବାଦ ଉପୁଜିବାରୁ ଏ ସମ୍ପର୍କରେ ସଠିକ୍ ନିର୍ଣ୍ଣୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଗତ ତା୧୨/୦୨/୨୦୨୪ରିଖରେ ଏକ ବୈଠକ

**ମୁକ୍ତିମଣ୍ଡପ ପଣ୍ଡିତସଭାର ଘୋଷଣା ସର୍ବସମ୍ମତ ନ ଥିଲା**

**ସରସ୍ୱତୀ ପୂଜା ଓ ଦୁର୍ଗାଶୟନ ନେଇ ପଣ୍ଡିତ ସଭାର ନିଷ୍ପତ୍ତି ମଧ୍ୟ ଭୁଲ**

ଡକାଯାଇଥିଲା । ଏଥିରେ ବହୁ ଜ୍ୟୋର୍ତିବିଦ୍ ଓ ପଞ୍ଜିକା ଗଣକଙ୍କ ସପ୍ରମାଣ ବିରୋଧ ସତ୍ତ୍ୱେ ୧୪ ତାରିଖରେ ପଣାସଂକ୍ରାନ୍ତି ହେବ ବୋଲି ପଣ୍ଡିତ ସଭା ଏକତରଫା ଘୋଷଣା କରି ଏହାକୁ ସର୍ବସମ୍ମତ ବୋଲି କହିଥିଲା, ଯାହା ସମ୍ପୂର୍ଣ୍ଣ ମିଥ୍ୟା । ତାକୁ ଆମେ ବିରୋଧ କରୁଛୁ ବୋଲି ସେମାନେ କହିଥିଲେ । ଉଭୟ ଆଧୁନିକ ଗଣନା ଓ ସିଦ୍ଧାନ୍ତ ଦର୍ପଣ ଗଣନା ଅନୁସାରେ ଏପ୍ରିଲ ୧୩ ତାରିଖରେ ସଂକ୍ରାନ୍ତି ପଡୁଛି । ଓଡ଼ିଶାର ୭ଟା ପାଞ୍ଜି ଓ ଭାରତବର୍ଷର ଅନ୍ୟ ସମସ୍ତ ପାଞ୍ଜିରେ ୧୩ ତାରିଖରେ ସଂକ୍ରାନ୍ତି ପଡୁଛିଛ ଗତ ଅଗଷ୍ଟ ୧୦ ଓ ୧୧ ତାରିଖରେ କାଞ୍ଚିପୀଠର ଶଙ୍କରାଚାର୍ଯ୍ୟଙ୍କ ପୌରୋହିତ୍ୟରେ ବାରାଣସୀଠାରେ ଅନୁଷ୍ଠିତ ପାଞ୍ଜି ବୈଠକରେ ୧୩ ତାରିଖରେ ପଣା ସଂକ୍ରାନ୍ତି ହେବ ବୋଲି ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା । ଏଠାରେ ପ୍ରକାଶଯୋଗ୍ୟ ଯେ, ମୁକ୍ତିମଣ୍ଡପ ପଣ୍ଡିତ ସଭାରେ କୌଣସି ଜ୍ୟୋର୍ତିବିଦ୍ ପଣ୍ଡିତ ନାହାନ୍ତିଛ ତେଣୁ ଆମ ସହ ବିବାଦ ପାଇଁ ସେମାନେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଦୁଇଜଣ ପ୍ରାଧ୍ୟାପକଙ୍କୁ ଡକାଇଥିଲେ, ଯେଉଁମାନଙ୍କର ଗଣନା ତ୍ରୁଟିପୂର୍ଣ୍ଣ ଥିବା ଜଣାପଡ଼ିଛି । ଏହାଛଡ଼ା ଚଳିତବର୍ଷ ସରସ୍ୱତୀ ପୂଜା ଓ ଦୁର୍ଗାଶୟନ ଗଣନାରେ ମଧ୍ୟ ସେମାନେ ଭୁଲ କରିଛନ୍ତି । ସେମାନେ (୧)-ମେଷ ସଂକ୍ରାନ୍ତି ୧୩/୦୪/୨୪ ପରିବର୍ତ୍ତେ ୧୪/୦୪/୨୪ କରିଛନ୍ତି । (୨)-ସରସ୍ୱତୀ ପୂଜା ୦୩/୦୨/୨୫ ପରିବର୍ତ୍ତେ ୦୨/୦୨/୨୫ କରିଛନ୍ତି । ଏବଂ (୩)-ଦୁର୍ଗାଦେବୀଙ୍କ ଶୟନ ୧୧/୦୯/୨୪ ପରିବର୍ତ୍ତେ ୧୦/୦୯/୨୪ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଏସବୁ ବିଷୟରେ ତଥ୍ୟ ପ୍ରଦାନ କରାଯିବା ସହ ୨୦୨୦ ମସିହାରୁ କାର୍ଯ୍ୟକାଳ ପୂରିଯାଇଥିବା ମୁକ୍ତିମଣ୍ଡପ ପଣ୍ଡିତ ସଭା (ଯାହା ବର୍ତ୍ତମାନ ଆଇନତଃ ଅବୈଧ)ର ନିଷ୍ପତ୍ତି ବିରୋଧରେ ଆବଶ୍ୟକସ୍ଥଳେ ହାଇକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛୁ ବୋଲି ପଣ୍ଡିତମାନେ କହିଥିଲେ ।

# ୨୩ରୁ ସ୍ୱାମୀ ନିଗମାନନ୍ଦ ଦେବଙ୍କ ଭକ୍ତ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ସଦଗୁରୁ ସ୍ୱାମୀ ନିଗମାନନ୍ଦ ଦେବଙ୍କ ସ୍ୱହସ୍ତ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ଆଦର୍ଶ ଓ ଉଦ୍ଦେଶ୍ୟ ସନାତନ ଧର୍ମର ପ୍ରଚାର, ସତଶିକ୍ଷାର ବିସ୍ତାର ଓ ଶିବ ଜ୍ଞାନରେ ଜୀବ ସେବା ରୂପକ ଧର୍ମକୁ ଜଗତରେ ପ୍ରସାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୩ତମ ଅଧିବେଶନ ମହାରାଷ୍ଟ୍ରର ପୁନେଠାରେ ଫେବ୍ରୁଆରୀ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ମୁଖ୍ୟ ମନ୍ଦିର ସ୍ମୃତି ମନ୍ଦିର ପୁରୀଠାରୁ ଶ୍ରୀ ଶ୍ରୀ ନିଗମାନନ୍ଦଙ୍କ ବିଜେ ଶ୍ରୀ ବିଗ୍ରହ ଜାନୁଆରୀ ୨୬ ତାରିଖରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର, ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ରାସ୍ତା ଦେଇ ପୁନେଠାରେ ଜାନୁଆରୀ ୩୧ ତାରିଖରେ ପହଞ୍ଚିଥିଲା । ମାସ ବ୍ୟାପୀ ଜୟଗୁରୁ ନାମ ଯଜ୍ଞ କରାଯାଇ ବିଶ୍ୱରେ ଶାନ୍ତି ତଥା ଭାତୃଭାବର ପ୍ରତିଷ୍ଠା ପାଇଁ ଭକ୍ତ ଭାଇ ଓ ମାମାନେ ଆଶ୍ରମ ଜୀବନ ଯାପନ କରି ବ୍ରତୀ ଅଛନ୍ତି। ସ୍ଥାନୀୟ ଭଦ୍ରବ୍ୟକ୍ତି ଓ ମହିଳାମାନଙ୍କୁ ନେଇ ଏକ ଅର୍ଭ୍ୟଥନା ସମିତି ମଧ୍ୟ ଗଠନ କରାଯାଇଛି । ପୁନେର ବିଧାୟକ ଅଶୋକ ପାୱାର ଏହି ସମିତିର ସଭାପତି ଥିବାବେଳେ ବିଧାୟକ ସୁନିଲ ବିଜୟ ଟିଙ୍ଗ୍ରେ ଏହାର



ଉପଦେଷ୍ଟା ଅଛନ୍ତି । ପୂରା ବିଶ୍ୱରୁ ପ୍ରାୟ ୧୦ ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ଭକ୍ତ ସମ୍ମିଳନୀରେ ଏବର୍ଷ ଯୋଗଦେବେ ବୋଲି ସୂଚନା ନୀଳାଚଳ ସାରସ୍ୱତ ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଜଣାଇଛନ୍ତି।

ପୁନେର ବିମାନବନ୍ଦର ପାଖରେ ଥିବା ମହାଲକ୍ଷ୍ମୀ ଲନ୍ସରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ନୀଳାଚଳ ସାରସ୍ୱତ ସଂଘର ପରିଚାଳକ ଶରତ ସିଂହଦେଓଙ୍କ ପରିଚାଳନାରେ ଭକ୍ତମାନଙ୍କର ରହିବା, ପ୍ରସାଦ ସେବନ, ପୂଜା ମଣ୍ଡପ ଆଦିର ସୁବିଧାର ତଦାରଖ କରାଯାଇଛି। ସମ୍ମିଳନୀର ଶେଷ ଦିନ ୨୦୨୪ ଫେବ୍ରୁଆରୀ ୨୫ ତାରିଖ ଦିନ ଏକ ସାଧାରଣ ସଭାରେ ଅନୁଷ୍ଠାନ କରାଯାଏ। ଏହି ସଭାରେ ଅର୍ନ୍ତରାଷ୍ଟ୍ରୀୟ କ୍ରିୟା ଯୋଗ ମିଶନର ଅଧକ୍ଷ ସ୍ୱାମୀ ପ୍ରଜ୍ଞାନାନନ୍ଦ ପରମହଂସ ସଭାପତିତ୍ୱ କରିବା ପାଇଁ ସ୍ଥିର କରାଯାଇଛି। ଶ୍ରୀରାମଜନ୍ମଭୂମି ତୀର୍ଥକ୍ଷେତ୍ରର କୋଷାଧକ୍ଷ ତଥା ଟ୍ରଷ୍ଟୀ ସ୍ୱାମୀ ଗୋବିନ୍ଦ ଦେବଗିରି ମହାରାଜା ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଭକ୍ତ ସମ୍ମିଳନୀର ଯୋଗାଯୋଗ ଓ ସମସ୍ତ ସୁବିଧା ପାଇଁ ଏକ ନିଶୁଳ୍କ ହେଲପଲାଇନ ନଂ ୦୮୦୬୯୧୩୭୩୪ର ବ୍ୟବସ୍ଥା ହୋଇଛି ବୋଲି ପ୍ରବାସୀ ଆଞ୍ଚଳିକ ସଂଘର ସଭାପତି ସଂଗ୍ରାମଧର ସୂଚନା ଦେଇଛନ୍ତି।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୬
ତିଥି : ଦଶମୀ
୧୯ ଫେବୃଆରୀ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 136
19 Feb 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ୫ମ ଦିନରେ କୃଷକଙ୍କ ଦିଲ୍ଲୀଚଲୋ ଆନ୍ଦୋଳନ

## ପଞ୍ଜାବରେ ୨୪ ଯାଏ ଇଣ୍ଟରନେଟ୍ ସେବା ବନ୍ଦ

ନୂଆଦିଲ୍ଲୀ, ୧୮।୨ : କୃଷକମାନଙ୍କ ଆନ୍ଦୋଳନ ଜାରି ରହିଛି । ରବିବାର କେନ୍ଦ୍ର ସହ ଚାଷୀମାନଙ୍କର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଛି । ତେବେ ପଞ୍ଜାବ, ହରିୟାଣା ସୀମାରେ ଦିଲ୍ଲୀ ଚଲୋ ଆନ୍ଦୋଳନ ଜାରି ରହିଛି । ତେବେ ପଞ୍ଜାବ ଓ ହରିୟାଣାରେ ଇଣ୍ଟରନେଟ୍ ସେବାକୁ ବନ୍ଦ

### ହରିୟାଣାର ବହୁ ଜିଲ୍ଲାରେ ଇଣ୍ଟରନେଟ୍ ବନ୍ଦ

କରିଦିଆଯାଇଛି । ପଞ୍ଜାବର କିଛି ଜିଲ୍ଲାରେ ୨୪ ତାରିଖ ଯାଏ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବାବେଳେ ହରିୟାଣାରେ ୧୯ ଯାଏ କରାଯାଇଛି ।



ଚାଷୀଙ୍କର ଦିଲ୍ଲୀଚଲୋ ଡାକରା ପରିପ୍ରେକ୍ଷୀରେ ପ୍ରଥମେ ୧୨ ରୁ ୧୬ ଯାଏ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଥିଲା । ଏବେ ପଞ୍ଜାବର ପଟିଆଲା, ସାଙ୍ଗୁର, ଫତେଗଡ ସାହେବ ଜିଲ୍ଲାରେ ୨୪ ତାରିଖ ଯାଏ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଶମ୍ଭୁ, ଜୁଲ୍‌କାନ୍ ଓ ପଟିଆଲା ଥାନା ଅଞ୍ଚଳ ଲାରୁଲ, ମୋହିଲ, ସଙ୍ଗତ, ବଥିଣ୍ଡା, ମନ୍‌ସା, ଖନୁର, ମୋନାକ୍, ଲୋହର, ସୁନାମ୍ ଆଦି ଥାନା ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା । ଏହାକୁ ପୁଣି ବଢ଼ାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ୍‌ମାନ୍ ଇଣ୍ଟରନେଟ୍ ସେବା ବନ୍ଦ ନେଇ ପ୍ରଶ୍ନ ଉଠାଇଛନ୍ତି । ଫେବୃଆରୀ ୧୫ରେ ଚଣ୍ଡିଗଡରେ ଚାଷୀନେତା ଓ ୩ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା । ହରିୟାଣା ସରକାର ମଧ୍ୟ ବହୁ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଲାଗି ଆଇନ୍ ଓ ଋଣ ଛାଡ ନେଇ ଆନ୍ଦୋଳନ ଚାଲିଛି । ଶମ୍ଭୁ ଓ ଖନଓ୍ୱାରୀ ସୀମାରେ ଚାଷୀମାନଙ୍କୁ ପୋଲିସ ଅଟକାଇଛି । ପଞ୍ଚମ ଦିନରେ ଦିଲ୍ଲୀଚଲୋ ମାର୍ଚ୍ଚ ଆଜି ପହଞ୍ଚିଛି । କେନ୍ଦ୍ର ସରକାର ସେମାନଙ୍କ ଦାବି ନମାନିବା ଯାଏ ଆନ୍ଦୋଳନ ଜାରି ରହିବ ।

## ଜନଜାତି ଛାତ୍ରୀ ନିବାସ ମାଟ୍ରନଙ୍କ ପାରିଶ୍ରମିକ ୧୫ ହଜାରକୁ ବୃଦ୍ଧି

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟା ଲଘୁ ତଥା ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସ ଗୁଡ଼ିକରେ କର୍ଯ୍ୟରତ ମହିଳା ମାଟ୍ରନମାନଙ୍କର ମାସିକ ପାରିଶ୍ରମିକ ୧୦୦୦୦ ଟଙ୍କାରୁ ୧୫୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି ।



### କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୨ ଲକ୍ଷ ସହାୟତା
### କାର୍ଯ୍ୟରୁ ନିବୃତ୍ତ ବେଳେ ୧ ଲକ୍ଷ ଟଙ୍କା ମିଳିବ

ଏତଦ୍‌ବ୍ୟତୀତ, ଯଦି କୌଣସି କାର୍ଯ୍ୟରତ ମହିଳା ମାଟ୍ରନ ଦୁର୍ଭାଗ୍ୟ ବଶତଃ ମୃତ୍ୟୁ ବରଣ କରନ୍ତି, ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ଏକକାଳୀନ ଦୁଇ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ।

ସେହିପରି ୬୦ ବର୍ଷରେ କାର୍ଯ୍ୟ ନିବୃତ୍ତ ହେବା ସମୟରେ ସେମାନଙ୍କୁ ଏକ କାଳୀନ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିପାଇଁ ରାଜ୍ୟସରକାର ସରକାରଙ୍କର ବାର୍ଷିକ ୧୫ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିବେ ।

## ବଢ଼ିବ ରାତି ତାପମାତ୍ରା

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ରାଜ୍ୟରେ ବିଶେଷ ଶୀତର ପ୍ରଭାବ ନାହିଁ । ରାତିର ତାପମାତ୍ରା ବୃଦ୍ଧି ପାଉଛି । ଏପରିକି ସ୍ୱାଭାବିକ ଠାରୁ ୨ ଡିଗ୍ରୀ ଯାଏ ବଢ଼ିଛି ପାରଦ । ଦିନ ବେଳା ତାତି ବୃଦ୍ଧି ନପାଇଲେ ମଧ୍ୟ ପିକ ସମୟରେ ଗରମ ଅନୁଭୂତ ହେଉଛି । ତେବେ ସନ୍ଧ୍ୟା ସମୟରେ ଜୋରରେ ପବନ ବୋହିବା ଯୋଗୁ ଗରମ ହ୍ରାସ ପାଇପାରେ । ଆସନ୍ତା ୨୩ରୁ କିଛି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ଗୁରୁଚାପ ବଳୟର

### ୨୩ରୁ କିଛି ଜିଲ୍ଲାରେ ସ୍ୱଳ୍ପ ବର୍ଷା

ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମ ବାୟୁ ପ୍ରବେଶ କରୁଛି । ଏଥିପାଇଁ ଆଗାମୀ ୨ ଦିନରେ ରାତିର ତାପମାତ୍ରାରେ ଆହୁରି ୨ ଡିଗ୍ରୀ ଯାଏ ବୃଦ୍ଧି ପାଉଇବାର ସମ୍ଭାବନା ରହିଛି । ତାପମାତ୍ରା ବୃଦ୍ଧି ଯୋଗୁ ଆଗାମୀ ୬ରୁ ୭ ଦିନ ଯାଏ ଶୀତର କୌଣସି ସମ୍ଭାବନା ନାହିଁ ।

ସେହିପରି ରାତିର ତାପମାତ୍ରା ଅଧିକ ରହୁଥିଲେ (୯ ପୃଷ୍ଠାରେ)

### ସାପିଜେନ୍ ବାୟୋଲଜିକ୍ସ ପରିଦର୍ଶନ କଲେ ୫-ଟି ଅଧ୍ୟକ୍ଷ

## ମେ' ୨୦୨୪ରୁ ଟିକା ଉତ୍ପାଦନ

ଭୁବନେଶ୍ୱର, ୧୮।୨ (ସବ୍ୟୁ) : ଅନ୍ଧାରୁଆ ଓଡ଼ିଶା ବାୟୋଟେକ୍ ପାର୍କରେ ଥିବା ସାପିଜେନ୍ ବାୟୋଲଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟକୁ ଆଜି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଗସ୍ତ କରିଛନ୍ତି । ଏହି ପ୍ଲାଣ୍ଟଟି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ । ଏହା ଦିନକୁ ୨.୪ କୋଟି ଡୋଜ୍‌ର ବିଭିନ୍ନ ଭ୍ୟାକ୍ସିନ୍ ଉତ୍ପାଦନ କରିପାରିବ । ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଏହା ଦେଶର ସର୍ବବୃହତ୍ତ ଭ୍ୟାକ୍ସିନ୍ ଉତ୍ପାଦନକାରୀ ପ୍ଲାଣ୍ଟ ହୋଇପାରିବ ।

୫-ଟି ଅଧ୍ୟକ୍ଷ ଏହାର ସବ୍‌ୟୁନିଟ୍‌କୁ ଗସ୍ତ କରିବା ସହ ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସରକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ବାୟୋଟେକ୍ ପାର୍କର ଡ. କ୍ରିଷ୍ଣା ଇଲାଙ୍କ ପକ୍ଷରୁ ୧୫୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି । ଏଥିରେ ୧୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ ।



ଓଡ଼ିଶାର ଲୋକମାନଙ୍କୁ ନିଯୁକ୍ତି ମିଳିବ । ପ୍ଲାଣ୍ଟରେ କଲେରା ଓ ମେଲେରିଆ ଭଳି ପ୍ରାୟ ୧୫ ରୋଗ ଲାଗି ଭ୍ୟାକ୍ସିନ୍ ପ୍ରସ୍ତୁତ କରାଯିବ । ଏହି ଭ୍ୟାକ୍ସିନ୍‌ଟି ଭୁବନେଶ୍ୱରରେ ଉତ୍ପାଦନ ହୋଇ ବିଶ୍ୱର ବିଭିନ୍ନ ପ୍ରନ୍ତକୁ ଯିବ । ବାୟୋ ଟେକ୍ନୋଲୋଜି କ୍ଷେତ୍ରରେ ଏହାଦ୍ୱାରା ଓଡ଼ିଶା ଶକ୍ତିଶାଳୀ ହୋଇପାରିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜୀବନ ମୂଲ୍ୟବାନ ଚିନ୍ତାଧାରାରେ ଏହା ପ୍ରତିଷ୍ଠା କରାଯାଇଛି । ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଦିଆଯିବ ବୋଲି କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । କ୍ୟାବିନେଟ୍‌ରେ (୯ ପୃଷ୍ଠାରେ)

### ଯବାନଙ୍କ ଗଳା କାଟିଲେ ମାଓବାଦୀ

ମାଲକାନଗିରି, ୧୮।୨ (ସବ୍ୟୁ) : ମାଲକାନଗିରି-ଛତିଶଗଡ ସୀମାନ୍ତ ବିଜେପୁର ଜିଲ୍ଲାରେ ମାଓ ହିଂସା ସଂଗଠିତ ହୋଇଛି । ସାପ୍ତାହିକ ହାଟକୁ ଯାଇଥିବାବେଳେ ଜଣେ ସିଏଏଫ୍ ଯବାନଙ୍କ ଗଳା କାଟି ମାଓବାଦୀମାନେ (୯ ପୃଷ୍ଠାରେ)

### ୟୁକ୍ରେନ୍‌ର ଆଉ ଏକ ସହରକୁ କବ୍‌ଜା କଲା ଋଷ୍

ନୂଆଦିଲ୍ଲୀ, ୧୮।୨ : ୟୁକ୍ରେନ୍ ସହର ଅଭିଦିଭାକା ଉପରେ ଋଷ୍ କବ୍‌ଜା କରିଛି । ଏହା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିବା ଋଷ୍ ପକ୍ଷରୁ କୁହାଯାଇଛି । ୯ ମାସ ପରେ ଋଷ୍‌ର ଏହା ହେଉଛି ଏକ ବଡ ବିଜୟ । ମେ' ୨୦୨୩ରେ ୟୁକ୍ରେନ୍‌ର ବାଖମତ୍ ସହରକୁ ନିଜ ଅଧିନକୁ ନେଇଯାଇଛି । ୟୁକ୍ରେନ୍ ବିରୋଧରେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ପୂର୍ଣ୍ଣ ଯୁଦ୍ଧ ଘୋଷଣା କରିବା ଦୁଇବର୍ଷ ହୋଇଗଲାଣି ।

ଋଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଋଷ୍ ସେନାମାନେ ପ୍ରାୟ ୧ ହଜାର କିଲୋମିଟର ଆଗକୁ ବଢ଼ିଛନ୍ତି । ଋଷ୍ ସେନା ପକ୍ଷରୁ ଏବେ ଭୟଙ୍କର ଭାବେ ସହରୀ ଯୁଦ୍ଧ ଲଢ଼ାଯାଉଛି । ଆଭଦିଭିକାକୁ କବ୍‌ଜା କରିଥିବାରୁ ପୁଟିନ୍ ଋଷ୍ ସେନାକୁ ଅଭିନନ୍ଦନ ଜଣାଇଛନ୍ତି । ଋଷ୍ ପକ୍ଷରୁ କୁହାଯାଇଛି ଯେ ୟୁକ୍ରେନ୍ ସେନାମାନେ ଏବେବି ସୋଭିଏତ୍-ଏରାକୋକ୍ ପ୍ଲାଣ୍ଟ ଉପରେ ନିଜ ନିୟନ୍ତ୍ରଣ ରଖିଛନ୍ତି । ଏବେ ଏହି ସହରକୁ କବ୍‌ଜା କରିବା ପରେ ଋଷ୍ ଖୁବ୍‌ଶୀଘ୍ର ଡୋନଆସ୍ପରେ ଥିବା ଶିଳ୍ପାଞ୍ଚଳ ଉପରେ (୯ ପୃଷ୍ଠାରେ)

### ବସ୍-ସ୍କୁଟି ଧକ୍କା : ୨ ମୃତ

ଆସିକା, ୧୮।୨ (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଆସିକା ର କୋଟିନଡ଼ା ଥାନା ଡି ପଲ୍ ସ୍କୁଲ୍ ନିକଟରେ ରବିବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆସିକାରୁ ଯାଉଥିବା ଯାତ୍ରୀ ବାହୀ ବସ୍ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହେବା ଫଳରେ ୨ ସ୍କୁଟି ଆରୋହୀଙ୍କ ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ହୋଇଛି।ସୂଚନା ପ୍ରକାରେ ରବିବାର ଭୋର ପ୍ରାୟ ୫ଟା ବେଳେ ଆସିକାରୁ କଟକ ଯାଉଥିବା ଦୀପକ ନାମକ ଘରୋଇ ବସ୍ ନଂ(ଓଆର୍ -୨୨ ୩୧୯୮)ର କୋଟିନଡ଼ା ଥାନା ଡି ପଲ୍ ସ୍କୁଲ୍ ନିକଟରେ ଏକ ସ୍କୁଟି (ଓଡି-୦୭-ଏନ୍-୧୯୬୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାଫଳରେ ଘଟଣାସ୍ଥଳରେ ସ୍କୁଟିରେ ଯାଉଥିବା ଦୁଇ ଯୁବକଙ୍କ ପ୍ରାଣହାନି ଘଟିଥିଲା। ଦୁଇ ମୃତକ ହେଲେ ବ୍ରହ୍ମପୁର ଗୋଷାଣି ନୂଆଗାଁର କୁନାଲ ସାହୁ ଓ କେ.ରାଜେଶ। ଉଭୟେ ନିଜ ଗାଁକୁ ଆସିକା ଦେଇ ଫେରୁଥିବା ବେଳେ ଏ ଭଳି ଦୁଃଖଦ ଘଟଣା ଘଟିଛି। ଆସିକା କୋଟିନଡ଼ା ଥାନା ପୁଲିସ ପହଞ୍ଚି ବସ୍ ଓ ସ୍କୁଟିକୁ ଜବତ କରିବା ସହ ବସ୍ ଚାଳକଙ୍କୁ ଅଟକ ରଖି ଘଟଣା ର ତଦନ୍ତ କରୁଛି। ଉଭୟ ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ପୋଲିସ୍ ପଠାଇଛି ।

### ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାହୁଲଙ୍କ ତୀର୍ଯ୍ୟକ ବାଣ

## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାରେ ଦେଖିବାକୁ ମିଳିଲେନି ଦଳିତ ଚେହେରା

ନୂଆଦିଲ୍ଲୀ, ୧୮।୨ : ପ୍ରୟାଗରାଜ୍‌ରେ ଭାରତଯୋଡ ନ୍ୟାୟ ଯାତ୍ରା ପହଞ୍ଚିଛି । ସେଠାରେ ଆଜି ଆୟୋଜିତ ଏକ ସଭାରେ ରାହୁଲ ଗାନ୍ଧି, ଅମିତାବ୍ ବଚ୍ଚନ ଓ ଐଶ୍ୱର୍ଯ୍ୟାରାୟ ବଚ୍ଚନଙ୍କ ନାମ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି । ରାହୁଲ କହିଛନ୍ତି ଯେ ଯେଉଁମାନେ ରାଷ୍ଟ୍ର ଚଳାଉଛନ୍ତି ସେମାନଙ୍କୁ ରାମ ମନ୍ଦିର କାର୍ଯ୍ୟକ୍ରମରୁ ବାଦ୍ ଦିଆଗଲା । କିନ୍ତୁ ଅମିତାଭ ବଚ୍ଚନ ଓ ଐଶ୍ୱର୍ଯ୍ୟାଙ୍କୁ ସେଠାକୁ ନିମନ୍ତ୍ରଣ କରାଗଲା । ଓବିସି କିମ୍ବା କୌଣସି ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କୁ ଏହି ବଡ ସମାରୋହରେ



ନିମନ୍ତ୍ରଣ କରାଗଲାନାହିଁ ।

ରାହୁଲ ପ୍ରଶ୍ନ କରିଛନ୍ତି ଯେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଆପଣମାନେ ଓବିସି କିମ୍ବା ଏସ୍‌ଟି-ଏସ୍‌ସିର କୌଣସି ବ୍ୟକ୍ତିଙ୍କ ମୁହଁ ଦେଖିବାକୁ (୯ ପୃଷ୍ଠାରେ)

Har Payment Digital

ସାବଧାନ ରୁହନ୍ତୁ!

QR କୋଡ୍ ସ୍କାନିଙ୍ଗ ଦ୍ୱାରା ପେମେଣ୍ଟ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
ଅନ୍‌ଲାଇନ ଲୋନ୍ ଆପ୍ସ ଏବଂ ତୁରନ୍ତ-ବିଜୟୀ ଲଟେରୀ ଯୋଜନା ଗୁଡ଼ିକ ଠାରୁ ସାବଧାନ ରୁହନ୍ତୁ ।

ଏହିଭଳି ଅଫର ଦେଉଥିବା ଲିଙ୍କ ପ୍ରତି ସାବଧାନ ରୁହନ୍ତୁ :
ଅନଧିକୃତ ଡିଜିଟାଲ୍ ଋଣ ପ୍ରଦାନକାରୀ ଆପ୍ସ
ନକଲୀ ଲଟେରୀ ଯୋଜନା

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

- QR କୋଡ୍ ବ୍ୟବହାର କରି ପେମେଣ୍ଟ କରିବା ସମୟରେ, ସ୍କ୍ରିନରେ ନାମକୁ ସୁନିଶ୍ଚିତ କରନ୍ତୁ
- କେବେ ବି ଅଜଣା ଉତ୍ସରୁ ଆସୁଥିବା ଋଣ ପ୍ରଦାନକାରୀ ଆପ୍ସ ଡାଉନଲୋଡ କରନ୍ତୁ ନାହିଁ
- ଅଜଣା ସଂସ୍ଥା ସହ ବ୍ୟକ୍ତିଗତ କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା ଶେୟାର କରନ୍ତୁ ନାହିଁ

ଅଧିକ ସୂଚନା ପାଇଁ
ଭିଜିଟ କରନ୍ତୁ https://rbikehtahai.rbi.org.in/dp

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଡିଜିସାଥୀ, ଡିଜିଟାଲ ପେମେଣ୍ଟ ବିକଳ୍ପ ସମ୍ବନ୍ଧିତ ସୂଚନା ଉପରେ ସ୍ୱୟଂଚାଳିତ ପ୍ରତିକ୍ରିୟା ନିମନ୍ତେ 24 x 7 ହେଲ୍ପଲାଇନ:
ଟୋଲ ଫ୍ରି ନମ୍ବର: 1800-891-3333; ସଂକ୍ଷିପ୍ତ କୋଡ୍: 14431; ୱେବସାଇଟ : www.digisaathi.info

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟ



ରେଢାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଘୋଷରାମାଳ ଗ୍ରାମପଞ୍ଚାୟତରେ ସରପଞ୍ଚଙ୍କ କାର୍ଯ୍ୟାଳୟକୁ ନାଏବ ସରପଞ୍ଚଙ୍କ ସମେତ ୱାଡ୍ ସଭ୍ୟମାନେ ତାଲା ପକାଇଛନ୍ତି । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଘୋଷରାମାଳ ଗ୍ରାମ ପଞ୍ଚାୟତ ପରିସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଜନ ସାଧାରଣଙ୍କୁ ଅବଗତ କରାଇ ଥିଲେ। ହେଲେ କାର୍ଯ୍ୟକ୍ରମରେ ଘୋଷରାମାଳ ପଞ୍ଚାୟତ ସରପଞ୍ଚ ପ୍ରେମଶିଳା ପ୍ରଧାନ ପ୍ରଶାସନ ପକ୍ଷରୁ ଏକ ଗସ୍ତ କାର୍ଯ୍ୟକ୍ରମରେ ସେ ବାହାରକୁ ଯାଇ ଥିବାରୁ ସେ ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ସେହିପରି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ (ଇଓ) ରବିନ୍ଦ୍ର ନାଥ ସାହୁ ସେ ନାକଟିଦେଉଳ ବ୍ଲକ୍ ଘୋଷରାମାଳ ଓ ଗୋଗୁଆ ଗ୍ରାମ ପଞ୍ଚାୟତର ଉଭୟ ଦାୟିତ୍ୱରେ ଥିବାରୁ ଶନିବାର ୨ ଗ୍ରାମ ପଞ୍ଚାୟତରେ ଏହି ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଥିବାରୁ ସେ ଗୋଗୁଆ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରି ଥିବାରୁ ଘୋଷରାମାଳ ଗ୍ରାମ ପଞ୍ଚାୟତରେ ଅନୁପସ୍ଥିତ ଥିଲେ। ହେଲେ ଘୋଷରାମାଳ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସରାପାଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୋଦ ବିହାରୀ ସାହୁ ଓ ଜିଆରଏସ ଆଦିକନ୍ଦ ପ୍ରଧାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ମାତ୍ର ଘୋଷରାମାଳ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ ଓ ଲାଣ୍ଡିମାଳ ୱାର୍ଡ ସଭ୍ୟ ଜିତେନ୍ଦ୍ରିୟ ସାହୁ, ଧାତୁକିମାଳ ୱାର୍ଡ ସଭ୍ୟ ମଦନ ମୋହନ ପ୍ରଧାନ, ବଡ଼ମାଳ ୱାର୍ଡ ସଭ୍ୟ ପ୍ରଦୀପ ଡୁଙ୍ଗଡୁଙ୍ଗ, କମଳାନାଳି ୱାର୍ଡ ସଭ୍ୟ ପରମି ପ୍ରଧାନ, ବ୍ରାହ୍ମଣୀ ୱାର୍ଡ ସଭ୍ୟ ରଞ୍ଜନ ଷଣ୍ଢ ପ୍ରମୁଖ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମକୁ ଅନିୟମିତତା ଅଭିଯୋଗ କରି ଶନିବାର ସନ୍ଧ୍ୟା ସମୟରେ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ତାଲା ପକାଇବା ପରେ ବିଡିଓ ନାକଟିଦେଉଳଙ୍କର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

## ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ ଓ ଶାରିରୀକ ସମ୍ପର୍କ ମାମଲା

# ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଅତିରିକ୍ତ ଜିଲ୍ଲାଦୌରାଜଜ ତଥା ସ୍ପେଶାଲ ଜଜ ସରୋଜିନୀ ପତି ଶୁକ୍ରବାର ଦିନ ଏକ ମାମଲାର ବିଚାର କରି ଅଭିଯୁକ୍ତ ସୁଶୀଲ ମହାନନ୍ଦିଆକୁ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରୁ ପ୍ରକାଶ ଯେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତେନ୍ତୁଳିପାଲି ଗ୍ରାମର ଅଷ୍ଟମଶ୍ରେଣୀ ପଢୁଥିବା ନାବାଳିକା ଗତ ୨୬.୮.୨୦ ରିଖରେ ପରିବାର ଲୋକ ଖାଇପିଇ ଶୋଇଯିବା ପରେ ରାତିରୁ କୁଆଡେ ପଳାଇଯାଇଥିଲା । ପରିବାର ଲୋକ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ । ପରେ ପରିବାର ଲୋକ ଜାଣିବାକୁ ପାଇଥିଲେ ଯେ ତାଙ୍କର ନାବାଳିକ ଝିଅକୁ ବୌଦ୍ଧ ଥାନା ଅର୍ନ୍ତଗତ ଗୁଡବାହାଲି ଗ୍ରାମର ସୁଶୀଲ ମହାନନ୍ଦିଆ (୨୪) ବିବାହର ପ୍ରତିଶୃତି ଦେଇ ଅପହରଣ କରି ନେଇଯାଇଛି । ଗତ ୨.୯.୨୦ରେ ନାବାଳିକାର ପରିବାର ଲୋକ ଅଭିଯୁକ୍ତ ସୁଶୀଲଙ୍କ ଘରକୁ ଯାଇ ପଚାରିବାରୁ ସେ ତାଙ୍କର ନାବାଳିକା ଝିଅକୁ ବିବାହ କରିବାକୁ ଅହପହରଣ କରିଥିବା ନେଇ କହିବା ସହ ଗାଲିଗୁଲଜ କରି ମାରିଦେବାକୁ ଧମକ ଦେଇଥିଲା । ଏନେଇ ନାବାଳିକାର ବାପା ଗତ ୪.୯.୨୦ରେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । । ଅଭିଯୋଗ ପରେ ପୁଲିସ ବାର୍ଉଁଶୁଣୀ ଥାନାରେ କେସ ନଂ ୯୦/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଏହି ଘଟଣାରେ ୭.୯.୨୦ ରେ ଅଭିଯୁକ୍ତ ସୁଶୀଲ ମହାନନ୍ଦିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ପୁଲିସ ତଦନ୍ତରେ ଏହି ଘଟଣାରେ ଆଉ ଦୁଇ ଅଭିଯୁକ୍ତ ବୌଦ୍ଧର ଚିନ୍ମୟ ପାତ୍ର (୨୫) ଓ ସୁଦର୍ଶନ ଜେନା ସଂପୃକ୍ତ ଥିବା ନେଇ ତଦନ୍ତରେ ଜାଣିବା ପରେ ମାମଲା କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ । ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲରେ ସ୍ପେଶାଲ କେସ ନଂ ୧୯/୨୦(ପୋସ୍କ) ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ପ୍ରମାଣ ଥିବା ନେଇ ଅଭିଯୁକ୍ତ ସୁଶୀଲ ମହାନନ୍ଦିଆକୁ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୨୦ ହଜାର ଟଙ୍କା ଜୋରିମୋନା ପ୍ରଦାନ କରିବା ସହ, ଜରିମାନା ଅନାଦେୟ ହେଲେ ଆଉ ଅଧିକ ୬ ମାସ କାରଦଣ୍ଡାଦେଶ ଦେବା ସହ ଅନ୍ୟ ଦୁଇ ଅଭିଯୁକ୍ତ ଚିନ୍ମୟ ପାତ୍ର ଓ ସୁଦର୍ଶନ ଜେନାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୁରୀଣ କୁମାର ଦେହୁରୀ ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ଚିନ୍ମୟ ପାତ୍ର ଓ ସୁଦର୍ଶନ ଜେନାଙ୍କ ପାଇଁ ଆଇନଜୀବୀ ଅଶୋକ କୁମାର ସାହୁ ଓ ପ୍ରଦୀପ କୁମାର ମହାରଣା ମାମଲା ପରିଚାଳନା କରୁଥିଲେ ।

# ପ୍ରେରଣା ସ୍କୁଲରେ ବାର୍ଷିକ ଉତ୍ସବ




ରାୟଗଡା,(ସବ୍ୟୁ): ରାୟଗଡା ସହର ପ୍ରେରଣା ସ୍କୁଲର ବାର୍ଷିକ ଉତ୍ସବ ଅତି ଆଡମ୍ବରରେ ପାଳିତ ହୋଇଯାଇଛି। କୁନି କୁନି ଛାତ୍ରଛାତ୍ରୀଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଅଭିଭାବକ। କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ହିମାଂଶୁ ଶେଖର ପାଣ୍ଡିଆ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧକ୍ଷା ଡଃ ଅର୍ଚ୍ଚନା ପାଣିଗ୍ରାହୀ ସ୍କୁଲର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ତଥା ଅବସର ପ୍ରାପ୍ତ ଅଧାପକ ଦୁଷ୍ମନ୍ତ କୁମାର ମହାନ୍ତି ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଜେକେ କାଗଜ କଳର ଅତିରିକ୍ତ ପରିଚାଳକ ସିଏସଆର ହରିହର ଖମାରୀ ଏବଂ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ତଥା ସହ ନିର୍ଦ୍ଦେଶକ ଡାକ୍ତର ହାଡିବନ୍ଧୁ ଭୋଇ ମଞ୍ଚାସିନ ହୋଇଥିଲେଛ ପିଲାଙ୍କ ମନସ୍ତାତିକ ଦୃଷ୍ଟି କୋଣରୁ ପାପା ଅପେକ୍ଷା ମାଆଟି ପିଲାଙ୍କ ପ୍ରତି ବେସ ସମ୍ବେଦନଶୀଳଛ ତେଣୁ ପ୍ରଥମ ଗୁରୁ ହେଉଛନ୍ତି ମାତା ବୋଲି ମୁଖ୍ୟ ଅତିଥି ଶ୍ରୀ ମହାନ୍ତି କହିଛନ୍ତି । ସ୍କୁଲ ତରଫରୁ ଜିଲ୍ଲାର ଆଦର୍ଶ ଶିକ୍ଷକ ତଥା ଗବେଷକ ଡଃ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ନିର୍ଦ୍ଦେଶକ ଶ୍ରୀ ପାଣ୍ଡିଆ ସମ୍ମାନିତ କରିଥିଲେ। ପରେ ଜଣେ ଅଭିଭାବକଙ୍କୁ ଲକୀ ଡ୍ର ମାଧମରେ ପୁରସ୍କୃତ କରାଯାଇଥିଲାଛ ଛାତ୍ରଛାତ୍ରୀ ଦ୍ୱାରା ବିଭିନ୍ନ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେ ମଧ୍ୟରୁ ସମ୍ବଲପୁରୀ ନାଚ ଅତି ସୁନ୍ଦର ଭାବରେ ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। ଶେଷରେ ଖ୍ୟାତନାମା ଯାଦୁକର ଦ୍ୱାରା ଯାଦୁ ଦେଖାଇଥିଲେ।

# କୋକସରା ବ୍ଲକରେ ବିଜୁ ଯୁବ ଛାତ୍ର ଦଳ ପକ୍ଷରୁ ସମାବେଶ

କୋକସରା,(ସବ୍ୟୁ): ଆଗକୁ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ହାତ ଗଣତି ଦିନ ରହିଥିବା ବେଳେ ରାଜ୍ୟ ବିଜେଡି ଦଳ ପକ୍ଷରୁର ଯୁବ କର୍ମକର୍ତ୍ତାଙ୍କୁ କ୍ରିୟାଶୀଳ କରିବା ପାଇଁ ଦଳୀୟ ନେତୃବୃନ୍ଦଙ୍କ ନେତୃତ୍ୱରେ ସମାବେଶ ଆୟୋଜନ କରାଯାଉଛି। ଶନିବାର କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ମୁଁ ବି ହେବି ନବୀନ ଓଡିଶାର ସାରଥୀ ଏକ ଯୁବ ଛାତ୍ର ସମାବେଶ କୋକସରା ବ୍ଲକ କାଉଡୋଳା ଧାନ ମଣ୍ଡି ଠାରେ ଅନୁଷ୍ଠିତ ହୋଇଥିଲା। କୋକସରା ଜଗନ୍ନାଥ ମନ୍ଦିର ନିକଟରୁ ଶତାଧିକ ଯୁବ କର୍ମକର୍ତ୍ତା ଏକ ରେଲିରେ ବାହାରି ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ନାରାବାଜି କରି ଅନୁଷ୍ଠିତ ସଭାସ୍ଥଳ ସମାବେଶରେ ପହଞ୍ଚିଥିଲେ। ମୁଁ ବି ହେବି ନବୀନ ଓଡିଶାର ସାରଥୀ କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ନବୀନ ଓଡିଶାର ଜିଲ୍ଲା ସଂଯୋଜକ ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ବ୍ଲକ ଯୁବ ସଭାପତି ତଥା ଆମପାଣି ଯୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଛାତ୍ର ଯୁବ ସଭାପତି ମାନସ ବେହେରା, ଯୁବ ଆଦିବାସୀ ନେତା ଋତୁରାଜ ମାଝୀ, ବ୍ଲକ ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ୨୨ ପଞ୍ଚାୟତରୁ ଯୋଗ ଦେଇଥିବା ଯୁବ, ଛାତ୍ର କର୍ମକର୍ତ୍ତାଙ୍କୁ ରାଜ୍ୟ ସରକାର ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲାମୁଣ୍ଡାରେ ପଞ୍ଚାୟତସ୍ତରୀୟ ସଚେତନତା

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ଗ୍ରାମ ପଞ୍ଚାୟତରେ ରବିବାର ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ରାଉତଙ୍କ ଅଧକ୍ଷ୍ୟତାରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୁଗାନ୍ତକାରୀ ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସୂଚିତ କରାଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗର ଷ୍ଟଲ ଲଗାଯାଇଥିଲା ଏବଂ ଲୋକଙ୍କୁ ରାଜ୍ୟ ସରକାରଙ୍କ ସରକାରୀ ସ୍ତରରେ ରହିଥିବା ଯୋଜନା ବିଷୟରେ ଅବଗତ କରାଯାଇଥିଲା । ଘୁମୁରା, ବଜାସାଲ, ଓ ସ୍ଥାନୀୟ କଳାକାରମାନେ ଲୋକକଳା ନୃତ୍ୟ, ସମ୍ବଲପୁରୀ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ କାର୍ଯ୍ୟକ୍ରମରେ ମିଶନଶକ୍ତିର ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କର୍ମଚାରୀ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ହୋଇଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଦେ ଭଇସାଲ, ଗ୍ରାମ ରୋଜଗାର ସେବକ କିଶୋର ନାୟକ, ଯୋଗାଣ ସହାୟକ ଜୁନସ ସିପକାଏବଂ ସମସ୍ତ ପଞ୍ଚାୟତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ସମୟରେ ପୁର୍ଣଚନ୍ଦ୍ର ପୂଜାରୀ ମଞ୍ଚ ପରିଚାଳନା କରିଥିଲେ।

# ଧର୍ମଗଡ଼ ଉପଖଣ୍ଡରେ ଆମ ହସ୍ପିଟାଲ ଲୋକାର୍ପିତ




ଧର୍ମଗଡ଼, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ହସ୍ପିଟାଲ ଯୋଜନାର ଲୋକାର୍ପଣ କରିଛନ୍ତି । ଆମ ହସ୍ପିଟାଲ ଯୋଜନାରେ କଳାହାଣ୍ଡି ଜିଲ୍ଲାର ୪ଟି ଡାକ୍ତରଖାନାକୁ ୫–ଟି ଯୋଜନାରେ ସାମିଲ କରିଛନ୍ତି । ସେଗୁଡିକ ହେଲା ଭବାନୀପାଟଣା ମୁଖ୍ୟ ହସ୍ପିଟାଲ , ଧର୍ମଗଡ଼ ଉପଖଣ୍ଡ ହସ୍ପିଟାଲ ଜୁନାଗଡ଼ ହସ୍ପିଟାଲ ଓ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫–ଟି ରେ ସାମିଲ କରି ରୂପାନ୍ତରିଣ କରିଛନ୍ତି । କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମନ ଚକମା, ଧର୍ମଗଡ଼ ବିଧାୟକ ମୌସଧି ବାଗ, ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଧର୍ମଗଡ଼,ଏବଂ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଡ଼ା. ସଦାଶିବ ପାଣିଗ୍ରାହୀ ଏବଂ ବହୁ ସଂଖ୍ୟାରେ ମହିଳା ମାନେ ଉପସ୍ଥିତ ଥିଲେ। କୌଣସି ଘରୋଇ ଡାକ୍ତରଖାନା ଯାଇ ପଇସାଖର୍ଚ୍ଚ କରିବାକୁ ପଡିବ ନାହିଁ । ଏହି ସରକାରୀ ଡାକ୍ତର ଖାନା ରେ ଘରୋଇ ଡାକ୍ତର ଖାନା ଭଳି ସବୁ ପ୍ରକାର ଚିକିତ୍ସା ପାଇ ପାରିବେ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଘୁନୁସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ଘୁନୁସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅନୁଶୟା ସାହୁ ଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ,ସମ୍ମାନିତ ଅତିଥି ରୂପେ ବ୍ଲକ୍ ଉପାଧକ୍ଷ ଶୁଖିରାମ୍ ସାଣ୍ଡ, ନୋଡାଲ ଅଧିକାରୀ ଭାବରେ ଏ ପି ଓ ପ୍ରଶାନ୍ତ କୁମାର ସାହୁ, ପି ଇ ଓ ବାହୁବଳେନ୍ଦ୍ର ପୁରୋହିତ, ସମାଜ କର୍ମୀ ପବିତ୍ର ପଟେଲ, ମାୟାଧର ସାହୁ, ଏମ୍ ବି କେ ନିରୁପମା ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭି ମୁଖୀ ଯୋଜନା ଉପରେ ଆଲୋକପାତ କରିବା ସହିତ ଯୋଗ୍ୟ ପରିବାର ସରକାରୀ ଯୋଜନା ର ଲାଭ ନେବାକୁ କହିଥିଲେ। ପଞ୍ଚାୟତର ବିକାଶ କାର୍ଯ୍ୟ ଉପରେ ପ୍ରସ୍ତୁତ ପୁସ୍ତିକା ପ୍ରଦର୍ଶିତ ହୋଇଥିଲା। ପରେ କଳାକାର ମାନଙ୍କ ଦ୍ୱାରା ନାଚ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ ମଞ୍ଚ ଦୁଲୁକି ଥିଲା। କାର୍ଯ୍ୟକ୍ରମ କୁ ମୋହନ ସୁନା ପରିଚାଳନା କରିଥିବା ବେଳେ ଜି ଆର୍ ଏସ ହେମନ୍ତ ଭୋଇ, ଯୋଗାଣ ସହାୟକ ପ୍ରକାଶ ଦାଶ, ଜ୍ୟୋତିଷ ସାହୁ ସମେତ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଏସ ଏଚ ଜି ମହିଳା, ଜନସାଧାରଣ ଉପସ୍ଥିତ ଥିଲେ।

# କ୍ରସର,ପଥରକ୍ୱାରୀ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଖରଭୁଇଁ ଗ୍ରାମବାସୀ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଖରଭୁଇଁ ଠାରେ ଥିବା କ୍ରସର ଓ ପଥରକ୍ୱାରୀ ଯୋଗୁଁ ପୁରା ଗ୍ରାମବାସୀ ଅତିଷ୍ଠ ହୋଇପଡିଥିବା ବେଳେ କ୍ରସର ଓ ପଥରକ୍ୱାରୀ ଯୋଗୁଁ ଗ୍ରାମର ପରିବେଶ ନଷ୍ଟ ହେବା ସହ ଗ୍ରାମବାସୀ ବିଭିନ୍ନ ରୋଗର ଶୀକାର ହୋଇଆସୁଅଛନ୍ତି । ଏନେଇ ଗ୍ରାମବାସୀ ମାନେ କ୍ରସର ଗୁଡିକ ସଂପୁର୍ଣ୍ଣ ବନ୍ଦ କରିବାକୁ ଆନ୍ଦୋଳନ କରିଥିଲେ । ହେଲେ ତତ୍‌କାଳୀନ ଜିଲ୍ଲାପାଳ କ୍ରସର ଚାଲିବା ପାଇଁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ମାନେ ଆନ୍ଦୋଳନ କରିଥିଲେ । ଗତ ୨୦୨୨ ମସିହାରେ ଗ୍ରାମବାସୀ ମାନେ କ୍ରସର ବନ୍ଦ କରିବା ଦାବୀରେ ଦୀର୍ଘ ଛଅ ମାସ କାଳ ଆନ୍ଦୋଳନ କରିବା ପରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଗ୍ରାମବାସୀମାନଙ୍କ ନାମରେ ବହୁ ମାମଲା ରୁଜୁ କରିବା ପରେ ଶେଷର ଗ୍ରାମବାସୀ ମାନେ ଆତଙ୍କିତ ହୋଇ ଯାଇଥିଲେ । ଶେଷର କ୍ରସର ଗୁଡିକ କାଯ୍ୟକାରୀ ହୋଇଥିଲା । କ୍ରସର ଚାଲିବା ଦ୍ୱାରା ଗ୍ରାମବାସୀ ପୁଣି ବହୁ ଅସୁବିଧାର ସମ୍ମୁଖିନ ହେବା ପରେ ସଂପୁର୍ଣ୍ଣ ବନ୍ଦ କରିବାକୁ ଶନିବାର ଦିନ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗ୍ରାମ କମିଟି ସଭାପତି ଅକ୍ଷୟ ନାଏକ ଓ ସମ୍ପାଦକ ହୃଦାନନ୍ଦ ଦେହୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି କ୍ରସର ବନ୍ଦ କରିବାକୁ ଦାବୀ କରିଥିଲେ । ଗ୍ରାମରେ ବର୍ତ୍ତମାନ ୩ ଗୋଟି କ୍ରସର ଓ ୫ ଗୋଟି ପଥରକ୍ୱାରୀ ଚାଲୁଥିବାରୁ ଗ୍ରାମବାସୀ ଓ ଆଖପାଖ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଆହୁରୀ ମଧ୍ୟ କ୍ରସର ଓ ପଥରକ୍ୱାରୀ ଯୋଗୁଁ ଫସଲ ନଷ୍ଟ ହେବା ସହ, ଘରଦ୍ୱାରା ଭାଙ୍ଗି ଯାଉଥିବା ବେଳେ ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ପ୍ରଶାସନ ଯଦି ଲୋକଙ୍କ କଥା ନଶୁଣିବ ଘର ଢେଙ୍କି ପାଲଟିବ ତେବେ ଆମେ ଗରିବ ଲୋକ କାହାକୁ ଜଣାଇବୁ ବୋଲି ସମ୍ପାଦକ ଅକ୍ଷୟ ନାଏକ ପ୍ରକାଶ କରିଛନ୍ତି । ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିବା ସହ କ୍ରସର ଓ ପଥରକ୍ୱାରୀ ସଂପୁର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ

ବରଗଡ଼,(ସବ୍ୟୁ) : ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରିଣୀ ବୈଠକ ସଭାପତି ପ୍ରମୋଦ ଝାଙ୍କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂଘର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ତଥା ବ୍ଲକ ସଂଘ ଗୁଡିକର କାର୍ଯ୍ୟ ଉପରେ ସଂଘ ସଂପାଦକ ଗୋବିନ୍ଦ ଦାଶ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ସଂପାଦକ କେଦାର ମିଶ୍ର,ଉପଦେଷ୍ଟା ଗୌରଚନ୍ଦ୍ର କର, ଭାରତ ଦାଶ, ପ୍ରଶନ୍ନ ପ୍ରଧାନ, ପବିତ୍ର ସରାଫ, ଦେବୀ ପଟ୍ଟନାୟକ, ସ୍ୱାଧୀନ ମହାରଣା, ମଙ୍ଗଲୁ ଭୋଇ, ଚନ୍ଦ୍ର ଶେଖର ସାହୁ ଓ ଆହୁରି ଅନେକ ଯୋଗଦେଇଥିଲେ । ଶେଷରେ ଲମ୍ବୋଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରର ୪ ରୂପାନ୍ତରିତ ଡାକ୍ତରଖାନା ଉଦ୍‌ଘାଟିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ଜିଲ୍ଲା ସଦର ଡାକ୍ତରଖାନା ସମେତ ଚାରୋଟି ରୂପାନ୍ତରିତ ସରକାରୀ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଏ ଉଦ୍ଘାଟନ କରିଛନ୍ତି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ରୂପାନ୍ତରିତ ପ୍ରକଳ୍ପକୁ ଉଦ୍ଘାଟନ ସମୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏଡିଏମ୍‌ଓ ଡା. ଅଲେଖ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୫–ଟି ଉପକ୍ରମରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଠେମରା, ରେଢ଼ାଖୋଲ ଏବଂ କୁଚିଣ୍ଡା ଚିକିତ୍ସାଳୟକୁ ଆମ ହସ୍ପିଟାଲ ରୂପାନ୍ତରିକରଣ ଯୋଜନାରେ ଲୋକାର୍ପଣ କରାଯାଇଛି।

# ବୁର୍ଲା ଭିସୁଟ ଅଟଳ ଏଫଡ଼ିପି ଉତ୍ସବ ଉଦ୍‌ଯାପିତ




ସମ୍ବଲପୁର,(ସବ୍ୟୁ): ବୁର୍ଲା ଭିସୁଟ ସିଭିଲ ଇନିୟରିଙ୍ଗ ବିଭାଗ ଦ୍ୱାରା ଆୟୋଜିତ ଅଟଳ ଏଫଡ଼ିପି କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଜଳବିଜ୍ଞାନ ସମ୍ବନ୍ଧିତ ଏବଂ ରିମୋଟ ସେନସିଙ୍ଗ ଏବଂ ଜିଆଇଏର ଉପଯୋଗିତା ଉପରେ ସନ୍ନିବେସିତ ଥିଲା। ଫେବୃଆରୀ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭିସୁଟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରୁ ୫୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସିନରେ ରାଜ୍ୟର ବିଷୟବସ୍ତୁ ଉପରେ ପାରଦର୍ଶୀ ବ୍ୟକ୍ତିତ୍ୱ ଭୁବନେଶ୍ୱର ଆଇଏମଡ଼ିର ପୁର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ, ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଆଶୁତୋଷ ଦାଶ, ପୁର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଡ ମହେନ୍ଦ୍ର କୁମାର ଭୁଆଁ, ଓରସାକର ପୁର୍ବତନ ବୈଜ୍ଞାନିକ ଡ ପ୍ରଦୀପ୍ତ ମିଶ୍ର, ସିଲିକନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ପ୍ରଫେସର ଡ . ଆଶୁତୋଷ ରଥ, ଏନଆଇଟି ରାଉରକେଲାର ପ୍ରଫେସର କିସନଜିତ ଖଟୁଆ, ହୀରାକୁଦ ବନ୍ଧର ଅଧିକ୍ଷଣ ଯନ୍ତ୍ରୀ ଇଂ ଜ୍ୟାର୍ତିମୟ ବେହେରା, ଭିସୁଟର ପ୍ରଫେସର ରାଜେଶ ରୋଶନ ଦାଶ ଏବଂ ପ୍ରଫେସର ଅନିଲ କୁମାର କର ପ୍ରମୁଖ ବହୁ ଉପଯୋଗୀ ତଥ୍ୟ ଏବଂ ଅନୁସନ୍ଧାନ ମୂଳକ ଗବେଷଣା ଉପସ୍ଥାପନ କରିଥିଲେ। ପ୍ରତିନିଧି ମାନେ ୧୨ ତାରିଖ ହୀରାକୁଦ ବନ୍ଧ ପ୍ରକଳ୍ପର ବିଭିନ୍ନ ସ୍ଥାନ ଏବଂ ଚିପିଲିମା ଜଳବିଦ୍ୟୁତ କେନ୍ଦ୍ର ଉତ୍ପାଦନ ସ୍ଥଳ ବୁଲି ଦେଖିଥିଲେ। ପରିପଶେଷରେ ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ, ସିଡ଼ିସିଇ ଡ଼ିନ ସିଭିଲ ଇଞ୍ଜିନିୟରିଙ୍ଗ ବିଭାଗୀୟ ମୁଖ୍ୟ ରାକେଶ ରୋଷନ ଦାଶ ସଂଯୋଜକ ପ୍ରଫେସର ଅନିଲ କୁମାର କର ଏବଂ ଉପସଂଯୋଜକା କୃତ୍ତିସୁତା ଭୋଇଙ୍କ ଦ୍ୱାରା ଉଦଯାପିତ ହୋଇଯାଇଛି।

## ବୋରିଗୁମ୍ମାକୁ ଏନଏସି ପ୍ରସଙ୍ଗ ଜୋର ଧରିଲା

# ସପ୍ତାହ ମଧ୍ୟରେ ଘୋଷଣା ନହେଲେ ବୋରିଗୁମ୍ମା ୧୨ ଘଣ୍ଟିଆ ବନ୍ଦ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମାକୁ ଏନଏସି ମାନ୍ୟତା ଦାବିରେ ଜୋର ଧରୁଛି ରାଜନୀତି । ଏହି ମାସ ୨୫ ତାରିଖ ସୁଦ୍ଧା ରାଜ୍ୟ ସରକାର ବୋରିଗୁମ୍ମାକୁ ଏନଏସି ମାନ୍ୟତା ପ୍ରଦାନ ନକଲେ ୨୬ ତାରିଖ ସକାଳ ୬ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବୋରିଗୁମ୍ମା ବନ୍ଦ ଡାକରା ଦେବେ ବୋଲି ଚେତାବନୀ ଦେଇଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି । ଏନେଇ ରବିବାର ଜୟପୁର ସ୍ଥିତ ବାଲକୃଷ୍ଣ ପେଲେସରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ସହ ଏହି ବନ୍ଦରେ ସାମିଲ ହେବାକୁ ସବୁ ରାଜନୈତିକ ଦଳ ଓ ସାମାଜିକ ସଂଗଠନକୁ ଆହ୍ୱାନ କରିଛନ୍ତି ବିଧାୟକ । ବିଧାୟକ ଶ୍ରୀ ବାହିନୀପତିଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସରକାର କୋରାପୁଟ ଜିଲ୍ଲାକୁ ସବୁବେଳେ ଅବହେଳା କରିଆସୁଛନ୍ତି। ବୋରିଗୁମ୍ମା ରାଜ୍ୟର ସବୁଠାରୁ ଅନ୍ୟତମ ବଡ ପଂଚାୟତ ଅଟେ। ଏନଏସି ମାନ୍ୟତା ପାଇଁ ଏହା ସବୁ ମାପଦଣ୍ଡ ପୂରଣ କରୁଛି। ଏହି ସହର ଦେଇ ଦୁଇଟି ଜାତୀୟ ରାଜପଥ ଯାଉଛି। ଏଠାରେ ଅନେକ ସ୍କୁଲ କଲେଜ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି । ଜନସଂଖ୍ୟା ଦୃଷ୍ଟି କୋଣରୁ ମଧ୍ୟ ଏହା ଏନଏସି ପାଇବା ପାଇଁ ଯୋଗ୍ୟ । ତଥାପି ୧୦ ବର୍ଷ ହେଲାଣି ରାଜ୍ୟ ସରକାର ଏହାକୁ ଏନଏସି ଘୋଷଣା କରିବାରେ ପାତରଅନ୍ତର କରୁଥିବା ଅଭିଯୋଗ କରିଛନ୍ତି ବିଧାୟକ । ତାଙ୍କ କହିବା ଅନୁସାରେ ସେ ଏହି ପ୍ରସଙ୍ଗ ବାରମ୍ବାର ବିଧାନସଭାରେ ଉଠାଇଛନ୍ତି। ହେଲେ ସୁଫଳ ମିଳିନି ନିକଟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଂଜିଳିର ଶେରଗଡକୁ ଗତ କିଛି ଦିନ ତଳେ ଏନଏସି ଘୋଷଣା କରିଥିଲେ। ଆସନ୍ତା ୨୬ ତାରିଖରେ ବନ୍ଦ ଡାକରା ପରେ ବି ବୋରିଗୁମ୍ମାକୁ ଏନଏସି ମାନ୍ୟତା ନମିଳିଲେ କଂଗ୍ରେସ ଆନ୍ଦୋଳନ ଆହୁରି ତିବ୍ର କରିବା ସହ ଅନଶନରେ ବସିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ବୋରିଗୁମ୍ମା ଏନଏସି ପ୍ରସଙ୍ଗକୁ ନେଇ ଧିରେ ଧିରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି।

# ନାବାଳିକାଙ୍କୁ ବନ୍ଧକ ଘଟଣା : ବନ୍ଧା ହେଲେ ଦାଦନ ସର୍ଦ୍ଦାର



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ସୁଲେକେଲା ଗାଁର ଜଣେ ନାବାଳିକାଙ୍କୁ ତେଲଙ୍ଗାନାରେ ବନ୍ଧକ ରଖିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାର ଅଭିଯୁକ୍ତ ଦାଦନ ସର୍ଦ୍ଦାରଙ୍କୁ ବେଲପଡ଼ା ପୁଲିସି ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତୁରକେଲା ଥାନା ତେନ୍ତୁଳୀଖୁଣ୍ଟି ଗାଁର ସମ୍ବାରୁ ବନଛୋର। ଫେବୃଆରୀ ୪ ତାରିଖ ଦିନ ସୁଲେକେଲାର ଅସୁସ୍ଥ କାହ୍ନୁ ମଳିକଙ୍କୁ ଗାଁକୁ ପଠାଇ ତାଙ୍କ ୧୧ ବର୍ଷୀୟ ଝିଅଙ୍କୁ ତେଲଙ୍ଗାନାରେ ବନ୍ଧକ ରଖିଥିଲେ ଜଣେ ଇଟାଭାଟି ମାଲିକ। ଟଙ୍କା ପାଇଁ ନାବାଳିକାଙ୍କୁ ବନ୍ଧକ ରଖାଯାଇଥିବାରୁ ପରିବାର ଲୋକ କ'ଣ କରିବେ କିଛି ବି ଜାଣି ପାରି ନଥିଲେ। ଶେଷରେ ଝିଅକୁ ମୁକୁଳାଇବା ପାଇଁ ସେମାନେ ସର୍ଦ୍ଦାର ପାଖକୁ ୫୦ ହଜାର ଟଙ୍କା ପଠାଇଥିଲେ। ଟଙ୍କା ପାଇବା ପରେ ମଧ୍ୟ କିଛି ବି ଲାଭ ମିଳି ନଥିଲା। ଇଟାଭାଟି ମାଲିକା ଝିଅଟିକୁ ଛାଡ଼ି ନଥିଲେ। ଏପଟେ ଝିଅକୁ ଝୁରିଝୁରି ଅସୁସ୍ଥ କାହ୍ନୁ ପ୍ରାଣ ମଧ୍ୟ ହରାଇଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ପୁଲିସ୍ ତେଲଙ୍ଗାନାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଘଟଣା ଦିନ ଠାରୁ ସେ ଫେରାର ଥିଲେ। ହେଲେ ପୁଲିସ୍ ତାଙ୍କୁ ଧରିବାରେ ସଫଳ ହୋଇଛି। କିନ୍ତୁ ଏବେ ବି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଇଟାଭାଟି ମାଲିକ ଫେରାର ରହିଛନ୍ତି। ଦାଦନ ଯନ୍ତ୍ରଣା ସହ ଘଟଣାକୁ ଅତ୍ୟନ୍ତ ହାଲୁକା କରିବା ପାଇଁ ପୁଲିସ୍ ଯୋଜନା କରିଥିଲା। ନାବାଳିକା ଜଣଙ୍କ କୁଆଡ଼େ ତାଙ୍କ ମାମୁ ଘରେ ଥିଲେ ବୋଲି ପୁଲିସ୍ ଗଣମାଧ୍ୟମ ଆଗରେ କହିଥିଲେ। ତଥାପି ବିବାଦ କମି ନଥିଲା। ବିବାଦ ବୃଥିବା ବେଳେ ଦାଦନ ସର୍ଦ୍ଦାର ଫେରାର ହୋଇ ଯାଇଥିଲେ। କିନ୍ତୁ ଶେଷରେ ପୁଲିସ୍ ଆଜି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଛି। ଏହାପରେ ତାଙ୍କୁ କୋର୍ଟରେ ହାଜର କରାଯାଇ ଜେଲ ପଠାଯିବ ବୋଲି ବେଲପଡ଼ା ଆଇଆଇସି ସୂଚନା ଦେଇଛନ୍ତି।

# ମାଁ କୁଳବନ୍ଧ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ରାୟଗଡା,(ସବ୍ୟୁ): କୁଳବନ୍ଧ ମାଁଙ୍କ ନିକଟରେ ଲକ୍ଷାଧିକ ଭକ୍ତ ସମାଗମ। କୃଷ୍ଣ ପକ୍ଷ ନବମୀ ତିଥିରେ ପ୍ରତି ଦୁଇ ବର୍ଷ ରେ ଥରେ ରାୟଗଡା ଜିଲ୍ଲା କୋଲନରା ବ୍ଲକ ହାତୀଖମ୍ବା ନିକଟରେ ଥିବା ମାଁ କୁଳବନ୍ଧ ଠାରେ ଯାତ୍ରା ଅନୁଷ୍ଠିତ ହେଉଛି। ମାଁଙ୍କ ସାନିଧ୍ୟ ଲାଭ କରିବା ପାଇଁ ବହୁ ଦୂର ଦୂରାନ୍ତରୁ ଯାହା ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଲୋକ ସମାଗମ ହୋଇଥାନ୍ତି। ଭକ୍ତଙ୍କ ଅଭିସାଳ ପୂରଣ ପାଇଁ କିମ୍ବା ପରିବାର ସୁଖସମୃଦ୍ଧି ନିମନ୍ତେ ମଧ୍ୟ ମୁଣ୍ଡନ ହୋଇଥାନ୍ତି। ଏହି ମନ୍ଦିରର କିମ୍ବଦନ୍ତୀ ରହିଛି ବହୁ ଦଶନ୍ଧିରେ ଏହି ଯାତ୍ରାକୁ ଗୁଣ୍ଡାମ ଯାତ୍ରା କହୁଥିଲେ। ଯାହାକି ଆଦିବାସୀ ଭାଷାରେ ଗୁଣ୍ଡାମ ଅର୍ଥ ଗଛର ଖୁଣ୍ଟ ଏଠାରେ ବହୁ ଖୁଣ୍ଟରେ ଏହି ଅଞ୍ଚଳରେ ପରିପୂର୍ଣ୍ଣ ଥିଲା। ମନ୍ଦିର ସମ୍ମୁଖରେ ଗୋଟିଏ ବଡ଼ ପୋଖରୀ ରହିଛି। ପୋଖରୀ ଜଳରେ ସେ ଅଞ୍ଚଳର ଚାଷୀ ମାନଙ୍କ ଜମି ଜଳସେଚନ ହେଉଥିଲା। ପାହାଡ଼ ଉପରେ ବାଦଲ ଫଟା ବର୍ଷା ଯୋଗୁଁ ପୋଖରୀର ଆଡିବନ୍ଧ ଭୁଶୁଡି ଯାଇଥିଲା। ଭୁଶୁଡି ପଡିବା ପରେ ସେ ଆଡିବନ୍ଧ ବାନ୍ଧିବା ପାଇଁ ଶତାଧିକ ଲୋକ ଚେଷ୍ଟା କରିବା ପରେ ସଫଳ ହୋଇନଥିଲେ। ଦୁର୍ଭାଗ୍ୟ ବଶତଃ ସେ ଆଡିବନ୍ଧ ବାନ୍ଧିବା ସମୟରେ ଜଣେ ଲୋକ ମାଟି ଖସି ଚାପି ହୋଇଗଲେ ପରେ ସେ ଆଡିବନ୍ଧ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇଗଲା। ଲୋକଙ୍କ ବିଶ୍ୱାସ ରହିଛି ଯେ ଜଣେ ମଣିଷ ଜୀବନ ଯିବା



ପରେ ବନ୍ଧ ବାନ୍ଧି ହୋଇଛି। ତେଣୁ ଏଠାକାର ନାମ କୁଳବନ୍ଦ ନାମରେ ନାମିତ ହୋଇଥିଲା। ସେ ସମୟରେ ଜୟପୁର ରାଜାଙ୍କ ଗଡ ଥିଲା ସେ ସ୍ଥାନ ରାଜା ମଧ୍ୟ ମାଁଙ୍କ ସାନିଧ୍ୟ ପ୍ରାପ୍ତି ପାଇଁ ମାଁଙ୍କ ନିକଟରେ ସମର୍ପଣ ହୋଇଥିବା ପୂଜକ କହିଛନ୍ତି। ମାଁଙ୍କ ନିକଟକୁ ଆସିବା ସମୟରେ ରାସ୍ତାରେ ଛୋଟ ଛୋଟ ଗଛର ଡାଳ ଭାଙ୍ଗି ସାକ୍ଷୀ ରଖି ଯାଇଥାନ୍ତି। ସକାଳୁ ପୂଜାର୍ଚ୍ଚନା କରିବା ପରେ ଦିନ ୩ଘଣ୍ଟା ପରେ ମାଁଙ୍କ ନିକଟରୁ ଆଜ୍ଞାମାଳ, ଦୀପ ଏବଂ ଗୋଟିଏ ପାରା ପକ୍ଷୀ ଧରି ସେ ସମ୍ମୁଖରେ ଥିବା ପୋଖରୀ ଗର୍ଭରେ ପୂଜାର୍ଚ୍ଚନା କରିବା ପରେ ପାରା ଉଡାଇ ଦିଆଯାଏ। ଆଉ ଆଜ୍ଞାମାଳ ଫୁଲ ପୋଖରୀ ଗର୍ଭରେ ଲୀନ ହୋଇଯାଏ। ସେହି ଫୁଲମାଳ ମାଁ କୁଳବନ୍ଧୁଙ୍କ ଭଉଣୀ ଥେରୁବାଲି ନିକଟରେ ଥିବା ଦେବୀଙ୍କ ପୋଖରୀରେ ଦେଖା ଦେଇଥାଏ ବୋଲି ବିଶ୍ୱାସ ରହିଛି।

# ବୌଦ୍ଧ ମହାନଦୀ ଆଳତୀ ଘାଟରେ ମହାନଦୀ ମହୋତ୍ସବ



ବୌଦ୍ଧ,(ସବ୍ୟୁ): ଗତ ବର୍ଷ ମାଘ ସପ୍ତମୀରେ ଶ୍ରୀଚନ୍ଦ୍ରଚୂଡ଼ ମନ୍ଦିର ନିକଟରେ ମହାନଦୀ ଆଳତୀ ଶୁଭାରମ୍ଭ ହୋଇଥିଲା। ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରେ ମହାନଦୀ ଆଳତୀ ଘାଟରେ ମହାନଦୀ ସ୍ନାନ, ସ୍ୱତନ୍ତ୍ର ଯୋଗ ଶିବିର, ସୂର୍ଯ୍ୟ ଉଦୟ ଆଳତୀ ପରେ ବୃହତ ସୂର୍ଯ୍ୟ ପୂଜା ହୋଇଥିଲା। ଅପରାହ୍ନରେ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ସଂକୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ ଜ୍ୟୋତିଯାତ୍ରା ନଗର ପରିକ୍ରମା କରି ଆଳତୀ ଘାଟରେ ପହଂଚିଥିଲା। ଶତାଧିକ ପୂଜକ ଓ ପୁରୁଷ ଓ ମହିଳା ଭକ୍ତମାନଙ୍କ ଦ୍ୱାରା ସହସ୍ର ମା ମହାନଦୀ ଦିବ୍ୟ ଆଳତୀ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆବାହକ ଦେବାଶିଷ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଡ଼. ଇଂ ସଞ୍ଜୟ କୁମାର ପଣ୍ଡା, ଇଣ୍ଟାକ୍ଟ ବୌଦ୍ଧ ଚାପଟର ଆବାହକ ବିଶ୍ୱେଶ୍ୱର ପୃଷ୍ଟି, ସାମ୍ବାଦିକ ଯୁଗଳ ସାମଲ, ପ୍ରେସ କ୍ଲବ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ ଯୋଗଦେଇ ଆଳତୀ ଘାଟର ମାହାତ୍ମ୍ୟ ସହିତ ବୌଦ୍ଧ ଜିଲ୍ଲାର ପରିଚୟ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ପରିକଳ୍ପନାକୁ ସମସ୍ତେ ପ୍ରଶଂସା କରିଥିଲେ। ମହାନଦୀ ଆଳତୀର ସଫଳତା ପାଇଁ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ସଭାପତି ଗୁରୁପ୍ରସାଦ ଦାଶ, ରାଧା ମାଧବ ଟ୍ରଷ୍ଟର ମୁଖ୍ୟ ବ୍ରହ୍ମଚାରୀ ଆଦିତ୍ୟ ଦାସ, ସ୍ନେହଲତା ପୁରୋହିତ, ବନମାଳୀ ରଣା, ଶିକ୍ଷୟିତ୍ରୀ ଝରଣା ମିଶ୍ର, ତୃପ୍ତିରଞ୍ଜନ ଦାନୀ, ସୂର୍ଯ୍ୟେନ୍ଦ୍ର ଶତପଥି, ନଟବର ଅଗ୍ରୱାଲା, ସୂର୍ଯ୍ୟ ନାରାୟଣ ପଣ୍ଡା, ଅମିତା ମହାପାତ୍ର, ସଂଯୁକ୍ତାରାଣୀ ପଣ୍ଡା, ମିନୁପ୍ରସାଦ ମିଶ୍ର, ସୌମ୍ୟ ରଞ୍ଜନ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ମହାନଦୀ ମହୋତ୍ସବ ସମିତିର ମୁଖପତ୍ର ମହାନଦୀ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଶେଷରେ ସମସ୍ତଙ୍କର ସାହାଯ୍ୟ ଓ ସହ ଯୋଗ ରହିଲେ ବୌଦ୍ଧ ଜିଲ୍ଲାର ସମ୍ମାନ ଜାତୀୟ ସ୍ତରରେ ବୃଦ୍ଧି ପାଇପାରିବ ବୋଲି ଆଲୋଚନା ହୋଇଥିଲା।

# ଏକ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୪ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସ ଏବଂ ଉତ୍ତରାଞ୍ଚଳ ଅବକାରୀ ଡିଭିଜନ ପକ୍ଷରୁ ଗତ ୨୪ ଘଂଟା ମଧ୍ୟରେ ରେଢ଼ାଖୋଲ ଏବଂ ସମ୍ବଲପୁର ଝାରସୁଗୁଡ଼ା ରାଜ୍ୟ ରାଜପଥର ଶାସନ ଟୋଲ୍‌ଗେଟ୍‌ରେ ନାକାବନ୍ଦୀ କରାଯାଇ ୯୯ କେ.ଜି ଚୋରା ଗଞ୍ଜେଇ ଜବତ କରାଯାଇଛି। ଆଜି ଅବକାରୀ ବିଭାଗର ନିରୀକ୍ଷକ ଦିଲୀପ କୁମାର ତାଣ୍ଡି ଏବଂ ଅନ୍ୟ କର୍ମଚାରୀମାନେ ୧୦ ନମ୍ବର ରାଜ୍ୟ ରାଜପଥରେ ପେଟ୍ରୋଲିଂ ସହିତ ଗାଡ଼ି ମୋଟରକୁ ଅତର୍କିତ ଯାଞ୍ଚ କରୁଥିଲେ। ଏହି ସମୟରେ ଫୁଲବାଣୀ ଅଂଚଳରୁ ଆସୁଥିବା ଏକ ବେଲେନୋ କାର୍ (ଜେଏଚ୍‌୦୧ସିଏଚ୍‌୬୨୦୫)କୁ ଅଟକାଇ ଏହାର ଖାନ୍‌ତଲାସ କରିଥିଲେ। ଏହି ସମୟରେ କାର୍ ଭିତରୁ ୪୨ କେଜି ଗଞ୍ଜେଇ ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଝାରଖଣ୍ଡ କୋଲେବିରା ଥାନା ଅଂଚଳର ଚନ୍ଦ୍ରକାନ୍ତ ନାୟକ ଏବଂ ସୁଜିତ କେର୍‌କେଟାଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇକୁ ରାଞ୍ଚି ଚାଲାଣ କରାଯାଉଥିଲା। ଏବଂ ଜବତ ଗଞ୍ଜେଇ ଓ କାର୍‌ର ମୂଲ୍ୟ ୯ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଉପ ଆୟୁକ୍ତ ରାଜେନ୍ଦ୍ର ଭୋଥ୍ରା କହିଛନ୍ତି।

ସେହିଭଳି ଗତ ରାତି ରେଢ଼ାଖୋଲ ଥାନାର ଆଇଆଇସି ସବିତାଲତା ସେଠୀ ବିବି ଛକ ଦେଇ ଏକ ସ୍କୋର୍ପିଓରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ନାକାବନ୍ଦୀ କରିଥିଲେ। ପାଗା ମାର୍କେଟ କମ୍ପ୍ଲେକ୍ସ ନିକଟରେ ଗାଡ଼ିକୁ ଅଟକାଇ ସେଥିରୁ ୫୭ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏ ବାବଦରେ ଝାରଖଣ୍ଡର ସିମ୍‌ଡେଗା ଜିଲ୍ଲା ବାନୋ ଥାନାର ଅର୍‌ମାନ୍ ଖାନ୍ (୨୨) ଏବଂ ରାଉରକେଲା ଝିରପାଣି ଥାନାର ଅଲ୍‌ତାପ୍ ଖାନ୍ (୧୯)କୁ ଗିରଫ କରାଯାଇଛି। ଥାନାର ଏସ୍‌ଆଇ ଅସୀମା ଏକ୍କା ମାମଲାର ତଦନ୍ତ କରୁଛନ୍ତି ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି। ଏହି ଗଞ୍ଜେଇକୁ ବୌଦ୍ଧ ଅଂଚଳରୁ ସମ୍ବଲପୁରକୁ ବିକ୍ରୟ ପାଇଁ ଅଣାଯାଉଥିଲା ବୋଲି ସେ କହିଛନ୍ତି।

# ନବଜାତର ମୃତଦେହ ଠାବ କଲେ ସଫେଇ କର୍ମଚାରୀ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ବସ୍‌ଷ୍ଟାଣ୍ଡ ପାଖରୁ ମିଳିଛି ଜଣେ ନବଜାତ ଶିଶୁପୁତ୍ରର ମୃତଦେହ। ଅଖା ଭିତରୁ ଶିଶୁପୁତ୍ରର ମୃତଦେହକୁ ସଫେଇ କର୍ମଚାରୀ ଠାବ କରିଛନ୍ତି। ଶିଶୁପୁତ୍ରର ଶରୀରରେ ମେଡିକାଲ ସ୍ଲିପ୍ ଲାଗି ରହିଛି। ଦଙ୍ଗାସିଲ୍ ସ୍ୱାସ୍ଥ୍ୟକେନ୍ଦ୍ର ସହ ଶିଶୁଟିର ଜନ୍ମ ହୋଇଥିବା ବେଳେ ସ୍ଲିପରେ ବାପାମାଆଙ୍କ ନାଁ ବି ଲେଖା ହୋଇଛି। ତେବେ କେଉଁ ପରିସ୍ଥିତିରେ ପିଲାଟିର ମୃତ୍ୟୁ ହେଲା ଓ କିଏ ତାକୁ ଅଖାରେ ଭର୍ତ୍ତି କରି ଆଣି ଏଠାରେ ପକାଇଲା, ସେକଥା ଜଣାପଡ଼ିନି। ରବିବାର ସକାଳୁ ସହରର ସଫେଇ କର୍ମଚାରୀମାନେ ସବୁ ଦିନ ଭଳି ସଫା କରିବା ପାଇଁ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ସେମାନେ ସଫେଇ କରୁଥିବା ବେଳେ ରାସ୍ତା କଡ଼ ଅଳିଆ ଗଦା ଉପରେ ଗୋଟିଏ ଅଖା ବସ୍ତା ରହିଥିବା ଦେଖିବାକୁ ପାଇଥିଲେ। ତେବେ ବସ୍ତାଟି ଓଜନ ଲାଗିବାରୁ କିଛି ସଫେଇ କର୍ମଚାରୀ ଏହା ଭିତରେ କ'ଣ ଅଛି ବୋଲି ଜାଣିବାକୁ ଚେଷ୍ଟା କରିଥିଲେ। ବସ୍ତା ଦେଖିଲା ବେଳକୁ ତା' ଭିତରେ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଦେଖି ସମସ୍ତେ ଚମକି ପଡ଼ିଥିଲେ। ସ୍ଥାନୀୟ ଲୋକ ଏ ସମ୍ପର୍କରେ ଜାଣିବା ପରେ ରାୟଗଡ଼ା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅଖା ବସ୍ତାକୁ ଯାଞ୍ଚ କରିଥିଲେ। ଏହି ସମୟରେ ପିଲାଟିର ଶରୀରରେ ଗୋଟିଏ ମେଡିକାଲ ସ୍ଲିପ ଲାଗିଥିବା ଦେଖିବାକୁ ମିଳିଥିଲା।

ଏଥିରେ ଥିବା ତଥ୍ୟ ଅନୁସାରେ ପିଲାଟି କାଶୀପୁର ବ୍ଲକ୍ ଡଙ୍ଗାସିଲ ସ୍ୱାସ୍ଥ୍ୟ କେନ୍ଦ୍ରର ଗତ ୧୬ ତାରିଖରେ ଜନ୍ମ ହୋଇଥିବା ଲେଖା ରହିଛି। ସେହିପରି ପିଲାଟିର ବାପାଙ୍କ ନାଁ ରମେଶ ମାଝୀ ଓ ମା'ଙ୍କ ନାଁ ରଶ୍ମୀ ମାଝୀ ଉଲ୍ଲେଖ କରାଯାଇଛି। ସେହିପରି ପିଲାଟିର ଘର ବାମନପୁଟ ବୋଲି ଲେଖାଯାଇଛି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୦ ଗୁରୁତର

ନବରଙ୍ଗପୁର,(ସବ୍ୟୁ): ନିର୍ବନ୍ଧ ପାଇଁ ଯାଉଥିବା ଏକ୍ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଫଳରେ ଏଥିରେ ଥିବା ୨୦ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଘଲଘଲିଆଗୁଡା ଗ୍ରାମ ନିକଟରେ ରବିବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଛି।ଗୁରୁତରମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ପ୍ରକାରେ ଝରିଗାଁ ବ୍ଲକ ଏକମ୍ବା ପଂଚାୟତ ସଦର ମହକୁମାର ୨୨ଜଣ ମହିଳାଙ୍କ ସମେତ ମୋଟ୍ ୨୫ଜଣ ଲୋକ ଏକ ପିକ୍‌ଅପ୍ ଭ୍ୟାନ୍(ଓଡି୨୪ ଏଚ୍_୮୮୪୦)ରେ ବେଲଗାଁ ପଂଚାୟତ ଅନ୍ତର୍ଗତ ମହଣ୍ଡି ଗ୍ରାମକୁ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ। ଘଲଘଲିଆଗୁଡା ଓ ମହଣ୍ଡି ଗ୍ରାମର ମଝି ରାସ୍ତାରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନଟି ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ପାଖାପାଖି ୨୦ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଦୁଇ ଗୋଟି ଆମ୍ବୁଲାନ୍ସ ଯୋଗେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡ଼ିଛି।

# ଆଇଟିଆଇରେ ଛାତରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ

ରାଉରକେଲା,(ସବ୍ୟୁ): ଝିରପାଣି ଥାନା ଅନ୍ତର୍ଗତ ଜଗଦାସ୍ଥ ଏକ ଘରୋଇ ଆଇଟିଆଇ ଛାତରୁ ପଡ଼ି ଜଣେ ଛାତ୍ର ମୃତ୍ୟୁ ହୋଇଛି। ମୃତକ ହେଲେ ଝାରଖଣ୍ଡ ବାଉଁଶଜୋରର ଅତୁଲିୟାନ ଜୋଜୋ (୨୨)। ସେ ଆଇ ଟି ଆଇ ଫିଟର ଟ୍ରେଡ଼ର ପ୍ରଥମ ବର୍ଷର ଛାତ୍ର। ଅନ୍ୟ ଛାତ୍ରଙ୍କ କହିବାନୁଯାୟୀ ଅତୁଲିୟାନ୍ ଆଇଟିଆଇ ଉପରେ ଥିବା ହଷ୍ଟେଲରେ ରହିଥିଲେ। ଶନିବାର ସନ୍ଧ୍ୟାରୁ ତାଙ୍କୁ ହଷ୍ଟେଲରେ ଦେଖିବାକୁ ମିଳିନଥିଲା। ତାତିରେ ଖାଇବାକୁ ଅନ୍ୟ ଛାତ୍ରମାନେ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ ହଷ୍ଟେଲକୁ ଲାଗିଥିବା ଅନ୍ୟ ଛାତରୁ ପଡ଼ିଯାଇଥିବା ଦେଖିବାକୁ ପାଇଥିଲେ। ଛାତ୍ରମାନେ ଏ ସଂକ୍ରାନ୍ତରେ ହଷ୍ଟେଲ ଅଧୀକ୍ଷକ ଓ ଝିରପାଣି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିଛି। ଘଟଣାସ୍ଥଳରୁ ପୁଲିସ ମୃତ ଛାତ୍ରଙ୍କର ମୋବାଇଲ ଓ ଇଅର୍ ଫୋନ ଜବତ କରିଛି। ସମ୍ଭବତଃ ମୋବାଇଲରେ କଥା ହେଉଥିଲା ବେଳେ ତଳକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି। ମୃତ ଛାତ୍ର ସାଙ୍ଗରେ ରହୁଥିବା ଅନ୍ୟ ଛାତ୍ରଙ୍କ ବୟାନ ଆଧାରରେ ତଦନ୍ତ ଚଳାଇଛି।

# ଝାଡ଼ାବାନ୍ତିରେ ୨୨ ଛାତ୍ରୀ ଅସୁସ୍ଥ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ସାଲୋହୀ ଆଶ୍ରମ ବିଦ୍ୟାଳୟରେ ଝାଡ଼ା ବାନ୍ତିର ଆତଙ୍କ। ୪ ଦିନ ହେବ ଝାଡ଼ା,ବାନ୍ତିରେ ୨୨ ଜଣ ଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ମାନଙ୍କୁ କେଶାଇବାହାଲ ପ୍ରାଥମିକ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଅନ୍ୟପଟେ ଗୁରୁତର ୧୦ ଛାତ୍ରୀଙ୍କୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝାଡ଼ା ବାନ୍ତିର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁସାରେ ତିନି ଦିନ ହେବ ସାଲୋହୀ ଆଶ୍ରମ ବିଦ୍ୟାଳୟରେ ଆତଙ୍କ ଖେଳାଇଛି ଝାଡ଼ା, ବାନ୍ତି ପ୍ରଥମେ କିଛି ପିଲାଙ୍କୁ ଝାଡ଼ା ହୋଇଥିଲା। ଔଷଧ ଦେବା ପରେ ସେମାନେ ଭଲ ହୋଇଯାଇଥିଲେ। ପୁଣି ଆଉ କିଛି ପିଲାଙ୍କର ଝାଡ଼ା, ବାନ୍ତି ହୋଇଥିଲା। ସେମାନଙ୍କୁ କେଶାଇବାହାଲ ପ୍ରାଥମିକ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ହେଲେ ଏକା ସାଙ୍ଗରେ କ'ଣ ପାଇଁ ଏତେ ପିଙ୍କର ଝାଡ଼ା, ବାନ୍ତି ହେଲା ତାର କାରଣ ଜଣା ପଡ଼ିନାହିଁ। ଏସଡିଏମଓ ସୁବୋଧ ନାଏକ କହିଛନ୍ତି, ଏବେ ସବୁ ପିଲା ଭଲ ଅଛନ୍ତି। ଏକାସାଙ୍ଗରେ ଏତେ ପିଲା ମାନଙ୍କର କ'ଣ ପାଇଁ ଝାଡ଼ା ବାନ୍ତି ହୋଇଛି ତାହା ଯଣାପଡ଼ିନାହ। ତେବେ ସନ୍ଦେହ କରାଯାଇଛି ଖଦ୍ୟ ପେୟର ଅନିୟମିତତା ହେତୁ ଏଭଳି ହୋଇଛି।

# କଂଗ୍ରେସ ପକ୍ଷରୁ ବାଣିଜ୍ୟକର ବିଭାଗ ସମ୍ମୁଖରେ ବିକ୍ଷୋଭ

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଗୁଡିକ ଆଗରେ ବିକ୍ଷୋଭ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ମାନେ ବୌଦ୍ଧ ଠାରେ ଥିବା ବାଣିଜ୍ୟକର ଓ ଦ୍ରବ୍ୟ ସେବାକର ମଣ୍ଡଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। କେନ୍ଦ୍ରରେ ଥିବା ବିଜେପି ସରକାର ସ୍ୱେଚ୍ଛାଚାରୀତା ହୋଇଯାଇଛି , ଅଣତାନ୍ତ୍ରିକ ଭାବେ ଓ ବେଆଇନ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ଓ ଅଖିଳ ଭାରତ ଯୁବ କଂଗ୍ରେସର ବ୍ୟାଙ୍କ ଜମାଖାତାକୁ ବନ୍ଦ କରିଥିବା ନେଇ ଅଭିଯୋଗ କରିବା ସହ ବିକ୍ଷୋଭ କରିଥିଲେ। ବିକ୍ଷୋଭ ସମାବେଶରେ ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ପିସିସି ସଭ୍ୟ ପ୍ରଶାନ୍ତ ସାହୁ, ଉପସଭାପତି ସମରେଶ ମିଶ୍ର, ପଙ୍କଜ କର୍ଣ୍ଣ, ବୁଦ୍ଧଦେବ ପ୍ରଧାନ, ବେଣୁଧର ମେହେର, ପ୍ରଦିପ ଦାସ, ଶିବ ବେହେରା,ରୋହିତାଶ୍ୱ ବେହେରା, ପ୍ରଭଞ୍ଜନ ବାରିକ,ପ୍ରଭାତୀ ବେହେରା, ସନ୍ଧ୍ୟାରାଣୀ ସିଂ, ଅର୍ଜୁନ ମହାନନ୍ଦିଆ, ସଂଜିବ ପଣ୍ଡା, ସମରେନ୍ଦ୍ର ମହାକୁଲ, ଗଦାଧର ମେଣ୍ଡୁଲି, ସନ୍ତୋଷ ପ୍ରଧାନ, ଭବାନୀ ବିଶ୍ୱାଳ, ମଙ୍ଗୁଲୁ ମେହେର, ପୌଲସ୍ତି ପ୍ରଧାନଙ୍କ ସମେତ ବହୁ କଂଗ୍ରସ ନେତା ଓ କର୍ମୀ ସାମିଲ ଥିଲେ।

# ଏସ୍‌ଡିକେଜି ସ୍କୁଲର ବାର୍ଷିକ ଉତ୍ସବ

ସଇଁତଲା,(ସବ୍ୟୁ): ସଇଁନ୍ତଳା ସ୍ଥିତ ଏସଡିକେଜି ଇଂରାଜୀ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସୁଜାତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସଇଁତଲା ବିଡିଓ ବିନୟ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁର ବିକାଶ ପାଇଁ ଅଭିଭାବକ ମାନଙ୍କ ଭୂମିକା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ପରେ ଏହି ଅବସରରେ ସ୍କୁଲର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଓ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଅଶୋକ ମିଶ୍ର ମେମୋରିଆଲ ଫୁଟବଲ : ଗୋଲଡେନ କ୍ଲବ ବିଜୟୀ



ଝାରସୁଗୁଡା,(ସବ୍ୟୁ):ଝାରସୁଗୁଡ଼ା ଜିଲ୍ଲା କ୍ରୀଡାସଂଘର ହଂସାମରା ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ୮ମ ଦିନର ମ୍ୟାଚ ଗୋଲଡେନ କ୍ଲବ ରେଲବାଇ କଲୋନୀ ଓ ଜୟହିନ୍ଦ କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭର ୩ ମିନିଟ ମଧ୍ୟରେ ଗୋଲଡେନ କ୍ଲବ ପ୍ରଥମ ଗୋଲ ପୁନଶ୍ଚ ୬ ମିନିଟ ଓ ୩୩ ମିନିଟରେ ଗୋଲ ଦେଇ ପ୍ରଥମ ଭାଗରେ ୩-୦ ଗୋଲରେ ଆଗୁଆ ରହିଥିଲା। ୨ୟ ଭାଗରେ ଜୟହିନ୍ଦ କ୍ଲବ ଏକତାବଦ୍ଧ ଭାବରେ ଖେଳି ୪୪ ମିନିଟ ଓ ୫୫ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଖେଳର ୬୦ ମିନିଟରେ ଗୋଲଡେନ କ୍ଲବ ୪ର୍ଥ ଗୋଲ ଦେଇଥିଲା। ଶେଷରେ ୪-୨ ଗୋଲରେ ଗୋଲଡେନ କ୍ଲବ ବିଜୟୀ ହୋଇଛି। ଏହି ମ୍ୟାଚକୁ ଅରୁଣ ମୁଣ୍ଡା ,ସଂଜୟ କିଶାନ, ଲଛମନ କିଶାନ ଓ ଅମିତ ବାଗ ପରିଚାଳନା କରିଥିଲେ।

# ତଳଗାଁ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ହରଭଙ୍ଗା,(ସବ୍ୟୁ): ସମଗ୍ର ରାଜ୍ୟରେ ରାଜ୍ୟ ସରକାରଙ୍କ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସରକାରୀ ଓ ବେ ସରକାରୀସ୍ତରରେ ଚାଲୁ ରହିଥିବା ବେଳେ ରବିବାର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଉପାନ୍ତ ତଳଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ହରଭଙ୍ଗା ବ୍ଲକ ବି ଏସ ଏସ ଓ ଅବିନାଶ ପ୍ରଧାନ ଅନ୍ୟତମ ଅତିଥି ବ୍ଲକ ଜନମଙ୍ଗଳ ଅଧିକାରୀ ବିବେକା ନନ୍ଦ ମିଶ୍ର,ଦିଲୀପ ମଲିକ,ସରପଞ୍ଚ ପ୍ରତିମା କହଁର ନାଏକ ସରପଂଚ ସୁରେନ୍ଦ୍ର କହଁର ପୂର୍ବତନ ସରପଞ୍ଚ ରମା ବରର୍ତ୍ତି , ରବୀନ୍ଦ୍ର ଭୋକ୍ତା, ସମାଜ ସେବୀ ଯୋତି ରଞ୍ଜନସାହୁ ଯୋଗଦେଇ ଆମ ଓଡିଆ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଗୁଡିକ କେମିତି ସିଧା ସଳଖ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁଛି ତାହା ଉପରେ ଆଲୋକ ପାତ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ବିନା ସୁଧରେ ଋଣ, ବି ଏସ କେ ଯାଇ କାର୍ଡରେ ଲୋକ ଉପକୃତ ହେବା, ବୃଦ୍ଧ୍‌ବୃଦ୍ଧାଙ୍କୁ ଭତ୍ତା ବୃଦ୍ଧି ସାଙ୍ଗକୁ ୫-ଟି ମାଧ୍ୟମରେ ସମସ୍ତ ବିଦ୍ୟାଳୟକୁ ରୁପାନ୍ତିକରଣ ଅନ୍ତର୍ଭୁକ୍ତ ଆଦି ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲୋକ ନୃତ୍ୟ ସହିତ କୃଷ୍ଣ ଗୁରୁଭଜନ ସମ୍ବଲପୁରୀ ନାଚ ଲୋକଙ୍କୁ ବେଶ୍ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ଜ୍ୟୋତି ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଉପାନ୍ତରେ ରୋଗୀଙ୍କୁ ଲୁଟୁଛନ୍ତି ବେଆଇନ କ୍ଲିନିକ୍

ସୁନ୍ଦରଗଡ଼,(ସବ୍ୟୁ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ନୂଆଗାଁ ବ୍ଲକର ସୋରଡ଼ା। ଏଠି ରହିଛି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଅଛନ୍ତି ଜଣେ ମାତ୍ର ଡାକ୍ତର। ରୋଗୀମାନଙ୍କୁ ୮ ଘଣ୍ଟା ପରିବର୍ତ୍ତେ ଦେଖୁଛନ୍ତି ମାତ୍ର ୩/୪ ଘଣ୍ଟା। ଖଏରଟୋଲା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ବି ସମାନ ଅବସ୍ଥା। ଡାକ୍ତର ଅଛନ୍ତି କିନ୍ତୁ ଠିକ୍ ସମୟରେ ଆସୁନାହାନ୍ତି। ବିଶ୍ରା ବ୍ଲକ ଅନ୍ତର୍ଗତ ଜରେଇକେଲାର ଧାତକଡିହି ସ୍ୱାସ୍ଥ୍ୟ କେନ୍ଦ୍ର। ଡାକ୍ତର ଆସୁଛନ୍ତି, ୨/୩ ଘଣ୍ଟା ପରେ ଉଭାନ ହୋଇଯାଉଛନ୍ତି।ସେହି ସମାନ ସମସ୍ୟା କୁଆରମୁଣ୍ଡା ବ୍ଲକର ରାଏବେଗୋ। ଡାକ୍ତର ରୋଗୀ ଦେଖୁଛନ୍ତି। ହେଲେ ୩/୪ ଘଣ୍ଟା ପରେ କେହି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ପାଉନାହାନ୍ତି। ସୁନ୍ଦରଗଡ଼ ଜିଲ୍ଲାର କେବଳ ତିନିଟି ବ୍ଲକ ନୁହେଁ ପ୍ରାୟ ଅଧିକାଂଶ ବ୍ଲକରେ ମାସ ମାସ ଧରି ରୋଗୀମାନଙ୍କୁ ଏମିତି ଠକୁଛନ୍ତି ନିଯୁକ୍ତି ପାଇଥିବା ଡାକ୍ତର। ଯାହାର ଭରପୁର ଫାଇଦା ଉଠାଉଛନ୍ତି ବେଆଇନ କ୍ଲିନିକ୍। ସରକାରଙ୍କ ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ମନଇଚ୍ଛା କ୍ଲିନିକ୍ ଖୋଲିଛନ୍ତି। ବିନା ପଞ୍ଜିକରଣ ଓ ବିନା ଲାଇସେନ୍ସରେ ଏମିତି ଛତୁ ଫୁଟିଲା ପରି ଗୋଟିଏ ପରେ ଗୋଟିଏ କ୍ଲିନିକ୍ ଖୋଲୁଥିଲେ ହେଁ ପ୍ରତିବନ୍ଧକ ରହୁନି। ଯାଞ୍ଚ ହେଉନି କି , ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନାହିଁ। କେଉଁଠି ବିନା ଡାକ୍ତରରେ ଚାଲିଛି। ପୁଣି କେଉଁଠି କ୍ୱାକ୍ ତ ଅନ୍ୟ କେଉଁଠି ଔଷଧ ବିକାଳିମାନେ ରୋଗୀ ଦେଖୁଛନ୍ତି। ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଉପାନ୍ତ ଗାଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ମନଇଚ୍ଛା ଲୁଟୁଛନ୍ତି। ନୂଆଗାଁ ବ୍ଲକର ହାତୀବାରି, ପୁରୁଣାପାଣି, ସୋରଡା, ଚେତାପେଡି, କାତେପୁର, ବାଗଡେଗା, ବିଶ୍ରା ବ୍ଲକର ଡରେଇକେଲା, ଜରେଇକେଲା, ଭାଲୁଲତା, ମହିପାଣି ଆଦି ସୀମାନ୍ତ ଅଞ୍ଚଳରେ ମାଳ ମାଳ ବେଆଇନ କ୍ଲିନିକ୍ଗୁଡ଼ିକ ଚାଲିଛି। ଯେଉଁଠି କେବଳ ସ୍ଥାନୀୟ ଲୋକ ନୁହେଁ ପଡୋଶୀ ଝାଡ଼ଖଣ୍ଡର ରୋଗୀମାନେ ଚିକିତ୍ସିତ ହେଉଛନ୍ତି। କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା ସମେତ ଲାଠିକଟା, କୋଇଡା, ରାଏବୋଗା, ଲହୁଣିପଡା, ଗୁରୁଣ୍ଡିଆ, ହେମଗିରି, ଟାଙ୍ଗରପାଲି, ବଡଗାଁ, ବାଲିଶଙ୍କରା, ଲେଫ୍ରିପଡା ଆଦି ବ୍ଲକରେ ମଧ୍ୟ ଏମିତି କିଛି ବେଆଇନ କ୍ଲିନିକ୍ ରହିଛି। ସବୁଠୁ ଆଶ୍ଚର୍ଯ୍ୟ କଥା, କିଛି ସ୍ଥାନରେ ଖଟିଆରେ ରୋଗୀମାନଙ୍କୁ ସାଲାଇନ୍ ଦିଆଯାଉଛି। ଲାଠିକଟା ବ୍ଲକର ଟାଇଁସର, ବିଁଡା, ବିରକେରା, ଡିସ୍କୋ ଛକ ଆଦି ଅଞ୍ଚଳରେ କିଛି ଔଷଧ ଦୋକାନରେ ଗୋଟିଏ ଗୋଟିଏ କ୍ଲିନିକ୍ ଖୋଲି ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି। ଯେଉଁଠି ଫାର୍ମାସିଷ୍ଟମାନେ ଚିକିତ୍ସା କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ପିଏଚସି ଓ ସିଏଚସି ଗୁଡ଼ିକରେ ଚିକିତ୍ସାସେବା ଠିକ୍ ନଥିବାରୁ ଅଧିକାଂଶ ରୋଗୀ ବେଆଇନ କ୍ଲିନିକ୍ଗୁଡ଼ିକୁ ଯିବାକୁ ବାଧ୍ୟ ହେଉଛନ୍ତି। ଉପାନ୍ତ ବ୍ଲକରେ ବେଆଇନ କ୍ଲିନିକ ଗୁଡ଼ିକ ସ୍ଥିତି ଆହୁରି ସଙ୍ଗୀନ। ଅଘଟଣ ଘଟିବା ପୂର୍ବରୁ ନିୟମିତ ବ୍ୟବଧାନେ ଯାଞ୍ଚ ହେବାର ଆଶ୍ୟକତା ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧରଣୀ ରଞ୍ଜନ ଶତପଥୀ କହିଛନ୍ତି, ଏମିତି ହେବା କଥା ନୁହେଁ। ସେମାନଙ୍କୁ ତାଗିଦ କରିବା ପାଇଁ ବ୍ଲକ ସିଏଚସି ଅଧିକାରୀଙ୍କୁ କହିବି ବୋଲି କହିଛନ୍ତି।

# ଧରବଗଡରେ ଆମ ଓଡିଶା ନବୀନ ଓଡିଶା ସଚେତନ ଶିବିର

ସଇଁତଲା,(ସବ୍ୟୁ): ସଇଁତଲା ବ୍ଲକ ଧରବଗଡ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ର ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧରପଗଡ଼ ସରପଞ୍ଚ ଗୀତାଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲାପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ ଯୁବନେତା ରାଜା କିଶୋର ଡାଙ୍ଗ,ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପଣ୍ଡା ସମିତି ରାକେଶ ନାୟକ ସଇଁତଲା ବ୍ଲକର ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦେବରାଜ



ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ଜିଆରଏସ ବିଶ୍ୱ ଭୋଇ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯିବା ପରେ ଆମ ଓଡିଶା ନବୀନ ଓଡିଶାରେ ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରାଯାଇଥିଲା।ଏଥିରେ ପଞ୍ଚାୟତ ର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରାଜ୍ୟ ସରକାର ଙ୍କ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଏମବିକେ, ସିଆରପି, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ, ମହିଳା ଏସଏଚଜି ଉପସ୍ଥିତ ଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୪)
–ଜ୍ଞାନଯୋଗଃ–
(ଅର୍ଜ୍ଜୁନ ଉବାଚ)
ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ
କଥମେତଦ୍ୱିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ।।୪ ।।
ଅର୍ଜ୍ଜୁନ କହିଲେ– ଆପଣଙ୍କ ଜନ୍ମ ପରେ ହୋଇଛି, ସୂର୍ଯ୍ୟଙ୍କର ଜନ୍ମ ପୂର୍ବରୁ ହୋଇଛି । ଅତଏବ ଆପଣ ସୂର୍ଯ୍ୟଙ୍କୁ ଏହି ଯୋଗ କହିଥିଲେ, ଏହା ମୁଁ କିପରି ଜାଣିବି ? ।।୪ ।।

## ସମ୍ପାଦକୀୟ

# ସ୍ୱାର୍ଥରୁ ପରାର୍ଥ

ପ୍ରତି ମୁହୂର୍ତ୍ତରେ ଅହଂଭାବ ରୂପାନ୍ତରିତ ହେଉଅଛି । କେତେବେଳେ ଏହା ଆତ୍ମା ଦିଗକୁ କେତେବେଳେ ଅବା ଜଡ଼ ବା ସଂକୀର୍ଣ୍ଣତା ଦିଗକୁ ଧାବିତ ହେଉଅଛି । ଯେଉଁମାନେ ଅହଂକାରକୁ ଆତ୍ମପରକ ଭାବରେ ଗ୍ରହଣ କରି ତଦନୁକୂଳ ଜୀବନଯାପନ କରନ୍ତି, ସେମାନଙ୍କ ଅହଂଭାବ ବିଶ୍ୱାତ୍ମାରେ ପର୍ଯ୍ୟବେଶିତ ହୁଏ । ସ୍ୱାର୍ଥ ପରାର୍ଥରେ ପରିଣତ ହୁଏ । ପ୍ରକୃତପକ୍ଷେ ମନୁଷ୍ୟ ଘୋର ଜଡ଼ବାଦୀ ହୋଇ ସୁଦ୍ଧା, ସଂକୀର୍ଣ୍ଣ ସ୍ୱାର୍ଥ ମଧ୍ୟରେ ମଜ୍ଜି ରହିଲେ ମଧ୍ୟ ସ୍ୱାର୍ଥର ଅନ୍ତରାଳରେ ପରାର୍ଥର ଭାବନା ଅଜ୍ଞାତସାରରେ ଉପସ୍ଥିତ ଥିବା ଦେଖାଯାଏ । ଅନେକ କ୍ଷେତ୍ରରେ କୌଣସି ପରାର୍ଥ କାର୍ଯ୍ୟ ସାଧନ କରିବା ପରେ ମନୁଷ୍ୟ–ଅନ୍ତରରେ ଅନିର୍ବଚନୀୟ ଆହ୍ଲାଦ ଓ ତୃପ୍ତି ଜାତ ହୁଏ । ସେ ନିଜେ ଏହା ବୁଝିପାରେ । ନିଷ୍ଠୁର ଓ ସ୍ୱାର୍ଥୀ ହେଲେ ପରିବାର ସୁଖ ଲାଗି ନିଜେ ଦାରୁଣ ଦୁଃଖ ସହିବାକୁ ମନୁଷ୍ୟ କୁଣ୍ଠାବୋଧ କରେ ନାହିଁ । ଏପରିକି ନିଜ ଶିଶୁକୁ ରକ୍ଷା କରିବା ପାଇଁ ମାତା ବାଘ ମୁହଁକୁ ଡ଼େଇଁପଡ଼େ । ମାତାପିତା ସନ୍ତାନ ପାଇଁ ବହୁ କଷ୍ଟ ସ୍ୱୀକାର କରିଥାନ୍ତି । ସନ୍ତାନକୁ ଦୁଃଖୀ ହେବା ଦେଖିଲେ ନିଜେ ଦୁଃଖ ଅନୁଭବ କରନ୍ତି, ଏପରିକି ବେଳେ ବେଳେ ପୁତ୍ରଶୋକରେ ମୃତ୍ୟୁ ବରଣ କରନ୍ତି । ଅଜ୍ଞାତସାରରେ ହେଲେ ସୁଦ୍ଧା ଏହା କ'ଣ ନିଃସ୍ୱାର୍ଥ ପ୍ରେମର ପରିଚାୟକ ନୁହେଁ କି ? ସେହିପରି ଦଳ ବା ଗୋଷ୍ଠୀ ନେତା, ସେନାଧ୍ୟକ୍ଷ, ରାଷ୍ଟ୍ରନାୟକ ସାମୂହିକ ମଙ୍ଗଳ ପାଇଁ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳିଦାନ କରିଥାନ୍ତି । ଏହି ସବୁରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ପରାର୍ଥତା ଅଜ୍ଞାତସାରରେ କାର୍ଯ୍ୟ କରିଚାଲିଛି । ସ୍ୱାର୍ଥରୁ ପରାର୍ଥ ଜନ୍ମଲାଭ କରୁଛି । ବ୍ୟଷ୍ଟିରୁ ସମଷ୍ଟି ଦେଇ, ସଂକୀର୍ଣ୍ଣତାରୁ ଅପେକ୍ଷାକୃତ ବିଶାଳ ରୂପ ଗ୍ରହଣ କରି ପରାର୍ଥତା କ୍ରମଶଃ ବିଶ୍ୱାତ୍ମାଙ୍କଠାରେ ଲୀନ ହେବା ପାଇଁ ଗତି କରୁଛି ।

ମାତାପିତାଙ୍କଠାରୁ ସନ୍ତାନ ଜନ୍ମ ହୁଅନ୍ତି । ତା'ପରେ ପିତାମାତା ଦେହତ୍ୟାଗ କରନ୍ତି । ସନ୍ତାନ ପୁଣି ପିତାମାତା ହୁଅନ୍ତି ଓ ଭବିଷ୍ୟତ ବଂଶଧରକୁ ଜନ୍ମ ଦେଇ ନିଜ ମାତାପିତାଙ୍କ ବିଦାୟ ନିଅନ୍ତି । ସନ୍ତାନସନ୍ତତି ପ୍ରବାହ ପରି ସ୍ୱାର୍ଥ ପରାର୍ଥର ପ୍ରବାହ ଅବିରାମ ଗତିରେ ଚାଲିଛି । ସମୁଦ୍ର ଥିବାରୁ ନଦନଦୀ ପ୍ରବାହିତ ହେବା ସମାନ ଆତ୍ମସତ୍ତା ବିଦ୍ୟମାନ ଥିବା ହେତୁ ସ୍ୱାର୍ଥପରାର୍ଥର ସ୍ରୋତ ଚାଲିଛି । ସମସ୍ତ କାର୍ଯ୍ୟ ଆତ୍ମପରକ ଭାବନାକୁ ଗ୍ରହଣ କଲେ ସ୍ୱାଥ–ପରାର୍ଥ, ସତ୍ୟମିଥ୍ୟାର ପ୍ରଭେଦ ବିବେଚନା କରିବା ସହଜସାଧ୍ୟ ହୋଇପଡ଼େ । ସ୍ୱାର୍ଥ ମଧ୍ୟରେ ରହି ସୁଦ୍ଧା କି ହେତୁ ପରାର୍ଥ ପାଇଁ କାର୍ଯ୍ୟ କରି ଚାଲିଛୁ, ମିଥ୍ୟା ମଧ୍ୟରେ ରହି ସୁଦ୍ଧା ଓ ସାଧୁତାର ଆଶ୍ରୟ ନେଲେ କି ହେତୁ ସନ୍ତୋଷ ପାଉଛୁ– ଏହାର ରହସ୍ୟ ସ୍ପଷ୍ଟ ହୋଇଯାଏ ।

ଅପରିପକ୍ୱ ସ୍ୱାଥ ପରାର୍ଥକୁ ଜନ୍ମ ଦେଇପାରେ ନାହିଁ । ପରିପକ୍ୱ ଫଳରୁ ହିଁ ମଞ୍ଜି ଜାତ ହୁଏ ଓ ସେହି ମଞ୍ଜିରୁ ବୃକ୍ଷ, ଫଳପୁଷ୍ପ ଜାତ ହୋଇଥାଏ । ଅପରିପକ୍ୱ ଫଳରୁ ଜାତ ହେବା ମଞ୍ଜିରୁ ବୃକ୍ଷ ହୁଏ ନାହିଁ । ସେହିପରି ପରିପକ୍ୱ ସ୍ୱାର୍ଥରୁ ପରାର୍ଥ ଜାତ ହୁଏ । ସେହି ପରାର୍ଥ ଫଳପୁଷ୍ପ ସୁଶୋଭିତ ହୁଏ,ଅର୍ଥାତ୍ ବ୍ୟାପକ ରୂପ ଧାରଣ କରେ ।

କାମନା–ବାସନାରୁ ସ୍ୱାର୍ଥ ଭାବନା ଆସେ । ବାସନା ଯେତେ ପ୍ରବଳ ଥାଏ ସ୍ୱାର୍ଥଭାବନା ତେତେ ବୃଦ୍ଧି ପାଏ । କେଉଁ ବିଷୟରେ କାମନା ବାସନା ପ୍ରବଳ ରହିଛି ତଦନୁଯାୟୀ ଜୀବନ ନିୟନ୍ତ୍ରଣ କରିବା ଆବଶ୍ୟକ । ବାସନାର ଅତୃପ୍ତ ଅବସ୍ଥାରେ ତାହାକୁ ତ୍ୟାଗ କରିବାକୁ ଚେଷ୍ଟା କଲେ ବିଷମୟ ଫଳ ଉତ୍ପନ୍ନ ହୁଏ । ପାଚି ନଥିବା ବଥକୁ ଅସ୍ତ୍ରାଘାତ କରିବା ଦ୍ୱାରା ସାଂଘାତିକ ହୋଇପଡ଼େ । ପାରିବାରିକ କର୍ତ୍ତବ୍ୟ ରହିଥିବା ପର୍ଯ୍ୟନ୍ତ ପରିବାର ତ୍ୟାଗ କରିବା ଉଚିତ ନୁହେଁ । କର୍ତ୍ତବ୍ୟ ଶେଷ ହେବା ପରେ ପରିବାର ମଧ୍ୟରେ ଜଡ଼ିତ ରହିବା ଉଚିତ ନୁହେଁ । କ୍ଷୁଧା ଥାଉ ଥାଉ ଭୋଜନ ତ୍ୟାଗ କରିବା ଏବଂ କ୍ଷୁଧାନିବୃତ୍ତି ପରେ ଭୋଜନ କରିବା ଉଭୟ କ୍ଷତିକାରକ ।

ଆତ୍ମାହିଁ ସ୍ୱାର୍ଥ–ପରାର୍ଥର କସୌଟି–ଦେହ ନୁହେଁ । ଆତ୍ମିକ ବିକାଶ ପାଇଁ ସ୍ୱାର୍ଥ–ପରାର୍ଥ ପରୀକ୍ଷା କରି ତଦନୁକୂଳ ଆଚରଣ କରିବା ଉଚିତ । ଦେହର ସୁଖଭୋଗ ପାଇଁ କୌଣସି କର୍ମକୁ ସ୍ୱାର୍ଥ ବା ପରାର୍ଥ କରିବା ଭୁଲ ଅଟେ । ଆର୍ଯ୍ୟ ଋଷିଗଣ କହିଛନ୍ତି– ସ୍ଥୂଳ ଚକ୍ଷୁଦ୍ୱାରା ଆତ୍ମା ଦୃଷ୍ଟ ହୁଏ ନାହିଁ । ଜ୍ଞାନଚକ୍ଷୁ ଖୋଲିଲେ ଏହାର ଅନୁଭବ ହୁଏ । ସେ ଜାଣିପାରେ ଯେ ସ୍ୱାର୍ଥରୁ ପରାର୍ଥ, ବନ୍ଧନରୁ ମୁକ୍ତି, ପରତନ୍ତ୍ରତାରୁ ସ୍ୱତନ୍ତ୍ରତାର ଗତି ପାଇଁ ମୂଳ ଉତ୍ସ ଆତ୍ମା ଅଟେ । ବ୍ୟାପକ ଆତ୍ମା ଆମର ସ୍ୱରୂପ ହୋଇଥିବାରୁ ସ୍ୱାର୍ଥର ସଂକୀର୍ଣ୍ଣତା ମଧ୍ୟରେ ଆମେ ତୃପ୍ତିଲାଭ କରିପାରୁ ନାହୁଁ, ବନ୍ଧନ ମଧ୍ୟରେ ରହିଲେ ଶ୍ୱାସରୁଦ୍ଧ ହେବାପ୍ରାୟ ମନେକରୁଛୁ, ପରତନ୍ତ୍ରତା ମରଣତୁଲ୍ୟ ବୋଧ ହେଉଛି । ଅଭ୍ୟନ୍ତରରେ କିଏ ଯେପରି ଆମକୁ କହିଚାଲିଛି– ପରାର୍ଥ ତୋର ଧ୍ୟେୟ । ମୁକ୍ତି ତୋର ଲକ୍ଷ୍ୟ । ଆଜି ହେଉ, କାଲି ହେଉ, ଦିନେ ଦିନେ ତୋତେ ମୁକ୍ତ ହେବାକୁ ପଡ଼ିବ । ଏଣୁ ପ୍ରକୃତିକୁ ପୁରୁଷ ପାଇଁ, ଅହଂକାରକୁ ଆତ୍ମା ପାଇଁ ବଳିଦାନ ଦେବା ଲକ୍ଷ୍ୟ କରି ଅଭ୍ୟାସ କର । ସେଥିରେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ବିଶ୍ୱର କଲ୍ୟାଣ ନିହିତ ଅଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ମୁଁ ଓଡ଼ିଆ – ମୋ ଭାଷା ବଢ଼ିଆ

## ଡକ୍ଟର ମନୋରଞ୍ଜନ ବିଷୋୟୀ

ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର– ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ୍ୟ ବନ୍ଦନୀୟ ।

*'ଉଚ୍ଚ ହେବା ପାଇଁ କର ଯେବେ ଆଶା,*
*ଉଚ୍ଚ କର ଆଗେ ନିଜ ମାତୃଭାଷା ।'*

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳିକୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖିଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ–

*'ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା*
*ଯାହା ଘେନି–ଜାତି କରେ ଉନ୍ନତି ପ୍ରତ୍ୟାଶା*
*ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର*
*ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।'*

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣଙ୍କୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ–

*'ମାତୃଭାଷା ପୋଥି ଛୁଇଁବାକୁ କରେ*
*ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।'*

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ୍ୟ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ଅନେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଅନେକେ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଅନେକ ସ୍ଥାନରେ ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ? ଗଙ୍ଗାଧର କହନ୍ତି–

*'ମାତୃଭୂମି ମାତୃଭାଷାର ମମତା*
*ଯା' ହୃଦେ ଜନମି ନାହିଁ*
*ତାକୁ ଯଦି ଜ୍ଞାନୀ ଗଣରେ ଗଣିବା*
*ଅଜ୍ଞାନୀ ରହିବେ କାହିଁ ।'*

କେତେ ଯେ ବାଧା ବିପତ୍ତି ମଧ୍ୟ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଅଳ୍ପ ବହୁତ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଅନେକେ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ୍ୟ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି ସେତେବେଳେ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଲାନ୍ତ, ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେକ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ଅନେକେ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ୍ୟ ସେ ଇଂରେଜୀ ହୋଇପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ଅନେକେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନାର ଶିକାର ହୋଇଥାନ୍ତି ।

ମୁଁ ମଧ୍ୟ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କିଛି କାରଣ ହେଲା– ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବାବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ୍ୟ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

**ଦାମୋଦରପୁର, ଗଞ୍ଜାମ**
**ମୋ–୮୮୯୫୧୪୧୭୭୭**

# ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ

## ହିମାଂଶୁ ଶେଖର ଆଚାର୍ଯ୍ୟ

ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଗଡଜାତ ପ୍ରଜା ଆନ୍ଦୋଳନର ନେତା ଗୌରାଙ୍ଗ ଚରଣ ଦାସ ୧୮୯୯ ମସିହା ଜାନୁୟାରୀ ୨୬ ତାରିଖରେ ବୀରମାଟି ବାଗଲପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପଙ୍କଜ ଦାସ ଓ ମାତାଙ୍କ ନାମ ସାବିତ୍ରୀ ଦେବୀ । ସ୍ୱାଧୀନତା ସଂଗ୍ରାମରେ ଅନ୍ୟରାଜ୍ୟ ଭଳି ଓଡିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ବିଶେଷ କରି ଏହି ଜାତୀୟ ଆନ୍ଦୋଳନରେ ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା) ବାଗଲପୁର ଗ୍ରାମର ଭୂମିକା କୌଣସି ଗୁଣରେ କମ୍ ନଥିଲା । ସଂଗ୍ରାମତୀର୍ଥ ଭାବେ ପରିଚିତ ଏ ଗ୍ରାମର ସଂଗ୍ରାମୀମାନଙ୍କ ମଧ୍ୟରୁ ଯାହାଙ୍କ ନାମ ସର୍ବପ୍ରଥମେ ସାମ୍ନାକୁ ଆସେ ସେ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, କୃଷକ ନେତା ସର୍ବୋପରି ଜନସେବକ ଗୌରାଙ୍ଗ ଚରଣ ଦାସ । ପ୍ରାରମ୍ଭିକ ପର୍ଯ୍ୟାୟରେ ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ବିପ୍ଳବୀ ନବକୃଷ୍ଣ ଚୌଧୁରୀ ଓ ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ସଂସ୍ପର୍ଶରେ ଆସିଲେ ।

୧୯୨୧ ମସିହାର କଥା । ପ୍ରଥମଥର ପାଇଁ ଗାନ୍ଧିଜୀ ଓଡିଶା ଗସ୍ତରେ ଆସିଥିଲେ । ସଂଗ୍ରାମୀ ଗୌରାଙ୍ଗ ମହାତ୍ମା ଗାନ୍ଧିଙ୍କ ଭାଷଣ ଶୁଣିବାକୁ ଯାଇଥିଲେ । ସେଇଠୁ ହିଁ ତାଙ୍କ ଜୀବନର ଗତିପଥ ବଦଳିଗଲା । ଏହାପରେ ପରିବାରର ବନ୍ଧନକୁ ତୁଟାଇ ଓ ଦାମ୍ପତ୍ୟ ସୁଖକୁ ପଛ କରି ସେ ସ୍ୱାଧୀନତା ସଂଗ୍ରାମର ଯଜ୍ଞବେଦୀକୁ ଲମ୍ଫ ପ୍ରଦାନ କରିଥିଲେ । ଆଉ ତାପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ସମୟରେ ଜଣେ ବିପ୍ଳବୀ ଓ ଜନସେବକ ଭାବେ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସମସ୍ତଙ୍କ ପାଖରେ ଗୌରୀଭାଇ ରୂପେ ସୁପରିଚିତ ହୋଇଥିଲେ ।

ଗୌରାଙ୍ଗ ଚରଣ ଦାସରୁ ଗୌରୀ ଭାଇ । ଦୀର୍ଘ ୭୩ ବର୍ଷର ଜୀବନ ଯାତ୍ରା । ଘାତ–ପ୍ରତିଘାତ, ସଂଘାତ–ସଂଘର୍ଷ ମଧ୍ୟରେ ଜୀବନ କଟିଥିଲା। ଭାରତର ମୁକ୍ତିସଂଗ୍ରାମରେ ସେ ଅଦମ୍ୟ ସାହସ ଓ ଅନନ୍ୟ ଦେଶ ପ୍ରେମର ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି ତାହା ଏବେବି ଅନତିକ୍ରମଣୀୟ। ଶାରୀରିକ ଅକ୍ଷମତା ସତ୍ତ୍ୱେ ଗୌରାଙ୍ଗ ଦାସଙ୍କ ସଂଗ୍ରାମୀ ଜୀବନ ବେଶ ଘଟଣା ବହୁଳ ଓ ଦୀର୍ଘ ଥିଲ । ଜନ୍ମରୁ ଡାହାଣ ହାତ ଅତି ଛୋଟ, ପତଳା ଓ ଅକାମୀ । ହେଲେ ପ୍ରବଳ ଇଚ୍ଛାଶକ୍ତି ଓ ଦୃଢ ମନୋବଳ ଯୋଗୁଁ ସେ ଗୋଟିଏ ହାତରେ ସହଜରେ ସବୁ କାମ କରିପାରୁଥିଲେ । ବାଁ ହାତରେ ସୁନ୍ଦର ଅକ୍ଷର ଲେଖୁଥିଲେ, ସହଜରେ ଗଛ ଉପରକୁ ଗୋଟିଏ ହାତରେ ଚଢିପାରୁଥିଲେ, ନଦୀ ପହଁରି ପାରୁଥିଲେ, ବାଗୁଡି ଖେଳୁଥିଲେ, ସାଇକେଲରେ ବୁଲୁଥିଲେ । କୌଣସି କାମରେ ପଛେଇ ଯାଉନଥିଲେ । ଏପରିକି କେତେକ କ୍ଷେତ୍ରରେ ଦୁଇହାତ ଥିବା ପିଲାଙ୍କ ଠାରୁ ବଳି ପଡୁଥିଲେ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ ।

ତାଙ୍କର ଓଜସ୍ୱିନୀ ଭାଷଣ ଯେ ଶୁଣିଛି ସେ ଭୁଲିପାରିବ ନାହିଁ । ଛାତ୍ର, ଯୁବକ, ଜନସାଧାରଣଙ୍କୁ ଜାତୀୟ ସଂଗ୍ରାମରେ ସାମିଲ କରିବା ପାଇଁ ତାଙ୍କ ପାଖରେ ଥିଲା ଚୁମ୍ବକୀୟ ଶକ୍ତି । ସେହି ଶକ୍ତି ବଳରେ ସେ ସମସ୍ତଙ୍କୁ ଆକର୍ଷିତ କରିପାରୁଥିଲେ । ବିଶ୍ୱବିଦ୍ୟାଳୟର ଉପାଧିପ୍ରାପ୍ତ ବ୍ୟକ୍ତି ସେ ନଥିଲେ । ମାତ୍ର ଦେଶପ୍ରାଣତା ଓ ନିର୍ଭୀକତା ତାଙ୍କ ଭିତରେ ଭରି ରହିଥିଲା । ଏ ପ୍ରକାର ଅବଦମିତ ବ୍ୟକ୍ତିତ୍ୱ କ୍ୱଚିତ୍ ଦେଖିବାକୁ ମିଳେ । ତାଙ୍କ ପ୍ରେରଣାରେ ବାଗଲପୁରରୁ ୧୮ ଜଣ କାରାବରଣ କରିଥିଲେ ଓ ଶହଶହ ପୁଅ, ଝିଅ ଓ ବୋହୂ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

୧୯୩୦ ଲବଣ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ ଦଳରେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ସହ ଇଞ୍ଚୁଡି ଠାରେ ଲବଣ ଆଇନ ଭଙ୍ଗ କରି ଏକବର୍ଷ, ୧୯୩୨ରେ ସ୍ୱରାଜ୍ୟ ଦିବସ ପାଳନ କରି ଗିରଫ ଓ ଆହତ, ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ଏକବର୍ଷ, ୧୯୪୨ରେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ତିନିମାସ ଓ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଅଢେଇବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗିଥିଲେ । ଏହିପରି ଭାବେ ସେ ମୋଟରେ ପାଞ୍ଚବର୍ଷ ତିନି ମାସ ଜେଲ୍‌ରେ ରହିଥିଲେ । ୧୯୩୮ରେ ସାରା ଭାରତରେ ଚହଳ ପକାଇଥିବା ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇ ବ୍ରିଟିଶ ଓ ରାଜ୍ୟ ପୋଲିସର ଆକ୍ରମଣରେ ସଂଜ୍ଞାହୀନ ହୋଇପଡିଲେ ଗୌରାଙ୍ଗ ଦାସ । ହାତକେମ୍ପା ବିଦ୍ରୋହୀ ମରିଗଲା ଭାବି ଅତ୍ୟାଚାରୀମାନେ ତାଙ୍କୁ ଛାଡିଦେଇ ଚାଲିଗଲେ । ଦୀର୍ଘଦିନ ପରେ ଡାକ୍ତରଖାନାରେ ରହିଲା ପରେ ସୁସ୍ଥହେଲେ ସେ।

ସାମାଜିକ ପରିବର୍ତ୍ତନ ନିମନ୍ତେ ସଂଘର୍ଷ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ସେଥିପାଇଁ ନିଜର ରାଜନୈତିକ ଜୀବନ ଆରମ୍ଭ କରିବା ପୂର୍ବରୁ ସେ ନିଜ ଉଦ୍ୟମରେ ହରିଜନଙ୍କ ଉପରେ ଦେଉଥିବା ନିର୍ଯ୍ୟାତନା ବିରୁଦ୍ଧରେ ନିଜ ଗାଁରେ ଓ ବାହାରେ ଦୃଢ ପ୍ରତିବାଦ କରିଥିଲେ । ଫଳସ୍ୱରୂପ ତାଙ୍କୁ ବହୁ ଅପମାନ ସହିବାକୁ ପଡିଛି । ସାମାଜିକ ବାଛନ୍ଦ କରିବା ପର୍ଯ୍ୟନ୍ତ କଥାଯାଇଛି । ଏସବୁକୁ ଭ୍ରୁକ୍ଷେପ କରିନଥିଲେ ଗୌରାଙ୍ଗ ଦାସ । ଏଭଳି କାର୍ଯ୍ୟ ବର୍ତ୍ତମାନ ସମୟରେ ହୁଏତ ବିପ୍ଳବାତ୍ମକ ହୋଇନପାରେ । ମାତ୍ର ସେ କାଳରେ ଯେତେବେଳେ ହରିଜନ ପାଖ ମାଡିଲେ ଅପରାଧ ବୋଲି ବିବେଚନା କରାଯାଉଥିଲା, ହରିଜନଙ୍କୁ ଛୁଇଁଦେଲେ ତିନିତିନି ଥର ଗାଧୋଇବାକୁ ପଡୁଥିଲା, ସେ ସମୟରେ ସେମାନଙ୍କ ସାଙ୍ଗରେ ମିଶିବା, ରହିବା, ଖାଇବା ଓ ସର୍ବୋପରି ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କାଠିକର ପାଠ ଥିଲା, ସେତିକିବେଳେ ଗୌରାଙ୍ଗ ଦାସଙ୍କ କାର୍ଯ୍ୟ ଯେ ଏକ ସ୍ୱୟଂସମ୍ପୂର୍ଣ୍ଣ ବିପ୍ଳବ ଥିଲା ଏଥିରେ ସନ୍ଦେହ ନାହିଁ । ମହାତ୍ମା ଗାନ୍ଧିଙ୍କ ହରିଜନ ପଦଯାତ୍ରା ପରେ କେତେକ ସ୍ଥାନରେ ହରିଜନଙ୍କ ମନ୍ଦିର ପ୍ରବେଶ ହୋଇଥିଲେ ମଧ୍ୟ ନିଜ ଗାଁ ବାଗଲପୁରରେ ଥିବା ଦଧିବାମନଜୀଉ ମନ୍ଦିରରେ ହରିଜନମାନେ ପ୍ରବେଶ କରିପାରୁନଥିଲେ । ନିଜ ପ୍ରଚେଷ୍ଟାରେ ଉଚ୍ଚବର୍ଗର ଲୋକମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ ଗୌରାଙ୍ଗ ଦାସ । ଫଳ ସ୍ୱରୂପ ୧୯୪୬ ମସିହା ଡିସେମ୍ବର ୨୦ ତାରିଖରେ ଦଧିବାମନ ମନ୍ଦିର ହରିଜନଙ୍କ ପାଇଁ ଖୋଲାହେଲା । ଏଣିକି ସବୁରି ମୁହଁରେ ଗୌରୀଭାଇଙ୍କର ପ୍ରଶଂସା ।

ବିଂଶ ଶତାବ୍ଦୀର ତୃତୀୟ ଦଶକ ପରେ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ଓ ସ୍ୱୟଂସମ୍ପୂର୍ଣ୍ଣା ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ପ୍ରେରଣାରେ ଓଡିଶାରେ ଯେଉଁ ନୂତନ ସମାଜବାଦୀ ଆନ୍ଦୋଳନର ମୂଳଭିତ୍ତି ଦିଆଗଲା, ସେଥିରେ ପ୍ରମୁଖ ଭୂମିକା ନେଇଥିଲେ ଗୌରାଙ୍ଗ ଦାସ । ଉତ୍କଳ କଂଗ୍ରେସ ସମାଜବାଦୀ କର୍ମୀସଂଘ ନାମରେ ସଂଗଠନ ଆରମ୍ଭ ହେଲା । ସ୍ୱରାଜ ବାର୍ତ୍ତା ଓ ସ୍ୱାଧୀନତା ସଂଗ୍ରାମ ପାଇଁ ଯୁବକମାନଙ୍କୁ ତାଲିମ ଦେବା ସହ ଗ୍ରାମ୍ୟ ଉନ୍ନୟନ ଓ କୃଷି କାର୍ଯ୍ୟ ଉନ୍ନତି ପାଇଁ ମୂଳଦୂଆ ପଡିଲା । ଏହାର ଉଦ୍ଦେଶ୍ୟ ଥିଲା ବ୍ୟକ୍ତିଗତ ସମ୍ପତ୍ତି କିଛି ରହିବ ନାହିଁ । ନବକୃଷ୍ଣ ଚୌଧୁରୀ ତାଙ୍କ ଅଣଖିଆ ଫାର୍ମ ଦେଇଦେଲେ ସଂଘ ହାତରେ ଏବଂ ମାଳତୀ ଚୌଧୁରୀ ତାଙ୍କ ଗହଣାତକ, ଯାହାକୁ ମୂଳଧନ କରି ଏକ ସମାଜବାଦୀ ସାପ୍ତାହିକୀ ସାରଥୀ ପ୍ରକାଶ ପାଇଲା । ଗୌରାଙ୍ଗ ଦାସ ସମ୍ବଳହୀନ ଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ଦୂତିକା ଦେବୀଙ୍କର ଯାହା କାନଫୁଲ ଦିଓଟି ଥିଲା ତାକୁ ଦାନ କରିବାକୁ ପ୍ରସ୍ତୁତ ଥିଲେ । ମାତ୍ର ବନ୍ଧୁମାନଙ୍କ ଅନୁରୋଧରେ ଶେଷରେ ତାହା କଲେ ନାହିଁ । ଖାଲି ସେତିକି ନୁହେଁ କୃଷକମାନଙ୍କୁ ଜମିଦାରୀ ଅତ୍ୟାଚାର ଓ ଶୋଷଣରୁ ରକ୍ଷା କରିବା ପାଇଁ ସେ ତାଙ୍କ ଗାଁ ବାଗଲପୁରରେ ଆୟୋଜନ କଲେ ପ୍ରଥମ କୃଷକ ସମ୍ମିଳନୀ । ଏଠାରେ ସେ ପ୍ରସ୍ତାବ ଆଣିଲେ – ଏଣିକି କୌଣସି ଚାଷୀ ଜମିଦାର, ମଠମହନ୍ତ ବା ଅନ୍ୟ ଉଚ୍ଚଶ୍ରେଣୀର ଲୋକଙ୍କୁ ଦେଖିଲେ କେହି ଲମ୍ବ ହୋଇ ବା ମୁଣ୍ଡମାଡି ଦଣ୍ଡବତ କରିବେ ନାହିଁ, ଛିଡା ହୋଇ ନମସ୍କାର କରିବେ । ସେହିଦିନୁ ଗୌରାଙ୍ଗ ବାବୁଙ୍କର କାର୍ଯ୍ୟ କେବଳ ବାଗଲପୁର ଅଞ୍ଚଳ ନୁହେଁ, ସାରା ଓଡିଶାରେ ବ୍ୟାପିଲା, ଜଣେ କୃଷକ ନେତା ହିସାବରେ । ଯେଉଁଠି ଜମିଦାରୀ ଶୋଷଣ – ଅତ୍ୟାଚାର, ସେଠି ଲୋକଙ୍କ ସାହସ ଦେବାକୁ ଗୌରୀଭାଇ ଲୋଡା ।

ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ମଧ୍ୟ ଚଳଚଞ୍ଚଳ ଥିଲେ ଗୌରାଙ୍ଗ ଦାସ । ୧୯୪୦ ମସିହାରେ କଟକ ସଦର ଲୋକାଲ ବୋର୍ଡ ସଦସ୍ୟ ଭାବେ ପ୍ରଶାସନିକ କ୍ଷେତ୍ରରେ ପାଦ ଥାପିଥିଲେ । ୧୯୪୬ ମସିହା ନିର୍ବାଚନରେ ପଶ୍ଚିମ କଟକ ନିର୍ବାଚନ ମଣ୍ଡଳୀରୁ ସେ ବିନା ପ୍ରତିଦ୍ୱନ୍ଦିତାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିରୁଦ୍ଧରେ ଠିଆ ହେବାକୁ କେହି ସାହସ କରିନଥିଲେ । ବିଧାନସଭାରେ ସେ ସବୁବେଳେ ଗରିବ ଶ୍ରେଣୀର ଲୋକଙ୍କ ସମସ୍ୟା ସମାଧାନ ପାଇଁ ମତ ଦେଇଥିଲେ । ୧୯୬୧ ମସିହାରେ ଓଡିଶା ଜିଲ୍ଲା ପରିଷଦ ଗଢାହେଲା । ଗୌରାଙ୍ଗ ବାବୁ ଜିଲ୍ଲା ପରିଷଦର ଚେୟାରମ୍ୟାନ୍ ବା ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଜିଲ୍ଲା ପରିଷଦ ସଭାପତି ଭାବେ ତାଙ୍କ କାର୍ଯ୍ୟକାଳ ଅନେକ ଦୃଷ୍ଟିରୁ ମହତ୍ତ୍ୱ ରଖେ । ଜିଲ୍ଲା ଭିତରେ କୃଷି, ଶିକ୍ଷାର ପ୍ରସାର ତଥା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସେ ନୂଆ ଯୋଜନା କରିଥିଲେ ଓ ସେଥିରେ ସଫଳ ହୋଇଥିଲେ ।

୧୯୭୨ ମସିହା ଫେବୃଆରୀ ୧୯ ତାରିଖରେ ଗୌରାଙ୍ଗ ଦାସଙ୍କର ଜୀବନଦୀପ ନିର୍ବାପିତ ହୋଇଯାଇଛି । ହେଲେ ସିଏ ଜୀଇଁ ରହିଛନ୍ତି ଆମ ମାନସ ପଟ୍ଟରେ ଚିରଦିନ ପାଇଁ ।

**ଜଗତସିଂହପୁର**
**ମୋ–୯୯୩୭୧୫୧୦୫୨**

# ଏକାଗ୍ରତା...

ସଫଳତାର ଦ୍ୱାରଖୋଲିବାରେ ଏକାଗ୍ରତା ଚାବିର କାମ କରିଥାଏ । ପ୍ରାୟଃ ଏକାଗ୍ରତାକୁ କେବଳ ଆଧ୍ୟାତ୍ମିକତା ଅଥବା ଆଧ୍ୟାତ୍ମିକ ସିଦ୍ଧିରେହିଁ ଯୋଡିକରି ଦେଖଯାଏ । କିନ୍ତୁ ଏହା ଭୁଲ୍ ଦୃଷ୍ଟିକୋଣ ଅଟେ । ଏକାଗ୍ରତା ଆମର ଦୈନିକଜୀବନରେ ପ୍ରତ୍ୟେକ ସ୍ତରରେ ଉପଯୋଗୀ ହୋଇଥାଏ । ଏକାଗ୍ରତାର ଶକ୍ତି ସହିତ ମନୁଷ୍ୟ ଯେକୌଣସି ଉଦ୍ଦେଶ୍ୟର ପ୍ରାପ୍ତି ପାଇଁ ଶକ୍ତି ଜୁଟେଇବାରେ ସକ୍ଷମ ହୋଇଥାଏ । ଯେଉଁଥିରେ କୌଣସି ଲକ୍ଷ୍ୟ ଅସମ୍ଭବ ରହେନି । ଏକାଗ୍ରତା ଯେକୌଣସି ମନୁଷ୍ୟର ସମସ୍ତ ଉର୍ଜାକୁ ଗୋଟିଏ ବିନ୍ଦୁରେ କେନ୍ଦ୍ରିତ କରି ଚଟାଣ ଭଳି ଲକ୍ଷ୍ୟକୁ ତରଳେଇବାର କ୍ଷମତା ପ୍ରଦାନ କରିଥାଏ । ଏକାଗ୍ରତାର ପ୍ରଭାବରେ ଜଡିତ ବିବେକାନନ୍ଦଙ୍କ ଗୋଟିଏ ଦୃଷ୍ଟାନ୍ତ ବହୁତଲୋକ ପ୍ରିୟ ଅଟେ । କୁହାଯାଏକି ଭ୍ରମଣ ସମୟରେ ତାଙ୍କର ଗୁରୁଭାଇ ପ୍ରତିଦିନ ପୁସ୍ତକାଳୟରୁ କିଛି ବହି ଆଣି ତାଙ୍କୁ ଦେଇଥାନ୍ତି ଆଉ ବିବେକାନନ୍ଦ ସେହି ବହିଗୁଡିକ ଅଧ୍ୟୟନ କରି ସେହିଦିନ ତାଙ୍କୁ ଫେରେଇ ଦେଇଥାନ୍ତି ? ଏହା ଦେଖିକରି ପୁସ୍ତକାଳୟର ଅଧୀକ୍ଷକଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ଆଉ ତାଙ୍କୁ ଏହି ସମ୍ବନ୍ଧରେ ନିଜର ସନ୍ଦେହକୁ ଦୂର କରିବାକୁ ଯାଇ ଗୁରୁଭାଇଙ୍କୁ ପଚାରିଲେ, ବହିଗୁଡାକ କେବଳ ଦେଖିବା ପାଇଁ ନେଇ ଯାଉଛ ନା'ଏହାକୁ ଅଧ୍ୟୟନ କରୁଛ ନା' ନାହିଁ । ଏହା ପରେତାଙ୍କରଗୁରୁଭାଇସେହି ଅଧୀକ୍ଷକଙ୍କୁ କହିଲେ,ଏକାଗ୍ରତାର କାରଣ ଯୋଗୁଁ ବିବେକାନନ୍ଦଙ୍କ ପଢିବାର ଅଦ୍ୱିତୀୟ କ୍ଷମତା ବିଷୟରେ । ଯୋଗଦର୍ଶନ ଦ୍ୱାରାଜୀବନରେଏକାଗ୍ରତାର ପ୍ରାପ୍ତିକରିବା ଆଉଏହାରତୀବ୍ରତାକୁବଢେଇବା ପାଇଁ ନିୟମିତ ଅଭ୍ୟାସ ଏବଂ ଆତ୍ମଅନୁଶାସନ ଉପରେ ଜୋର୍ ଦିଆଯାଇଛି । ତେଣିକିକ୍ଷେତ୍ର ଯାହାବିହେଉ, ସଫଳତାର ଏହି ଗୁଢରହସ୍ୟକୁ ରହୀମ ନିଜ ଦୋହାରେ ବ୍ୟକ୍ତ କରିଛନ୍ତି,'ଏକୈ ସାଧେ ସବସଧୈ,ସବସାଧେ ସବ ଯାଏ' । ଅର୍ଥାତ୍ ଯଦି ଆପଣ କୌଣସି ଗୋଟିଏ କାର୍ଯ୍ୟକୁ ପୁରା ଏକାଗ୍ରତାର ସହିତ କରୁଛନ୍ତି ତା'ହେଲେ ଗୋଟି–ଗୋଟିକରି ଆପଣଙ୍କର ସବୁକାର୍ଯ୍ୟର ସଫଳ ହେବା ସୁନିଶ୍ଚିତ ।

**ମନୋଜ କୁମାର ବେହେରା**
**ଭୁବନେଶ୍ୱର,ଫୋନ୍–୭୯୭୮୮୩୦୬୧୧**

## ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

### ମେ' ୨୦୨୪ରୁ...

ନିକଟରେ ବାୟୋଟେକ୍ନୋଲୋଜି ନୀତି ଅନୁମୋଦନ ହୋଇଛି । ଫଳରେ ଓଡ଼ିଶାରେ ଅନେକ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରିବ । ଓଡ଼ିଶା ବାୟୋଟେକ୍ ପାର୍କରେ ବୃହତ୍ତ ପୁଞ୍ଜି ଆସିବ ଓ ଏ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଗସ୍ତ ବେଳେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇ ଆଣ୍ଡ ଆଇଟିର ପ୍ରମୁଖ ସଚିବ ମନୋଜ ମିଶ୍ର, ଇଡ୍‌କୋ ଏମ୍‌ଡି ଭୁପିନ୍ଦର ପୁନିଆ ଗସ୍ତରେ ସାମିଲ ହୋଇଥିଲେ ।

### ବଢ଼ିବ...

ହେଁ ଭୋର ସମୟରେ ପ୍ରବଳ ଘନ କୁହୁଡ଼ି ଅନୁଭୂତ ହେଉଛି । ଘନ କୁହୁଡ଼ି ସମୟରେ ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନବାହାନ ଗୁଡିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ତେଣୁ ଯାତାୟାତ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଓଡିଶା ଉପକୂଳସ୍ଥ ବଙ୍ଗୋପସାଗର ଅଞ୍ଚଳରେ ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପାଇଛି । ଏହାର ପ୍ରଭାବରେ ଆଗାମୀ ୨ ଦିନ ଉପକୂଳ ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ମଧ ରାତିରୁ ସକାଳ ମଧ୍ୟରେ ଘନ କୁହୁଡ଼ିର ସମ୍ଭାବନା ରହିଛ । ଆସନ୍ତାକାଲି(ସୋମବାର) କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ, ପୁରୀ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, ବଲାଙ୍ଗିର ଓ ସମ୍ବଲପୁରର ଗୋଟିଏ ଦୁଇ ସ୍ଥାନରେ ଘନ କୁହୁଡ଼ି ଦେଖାଯିବ । ଏଥିପାଇଁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ମଧ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆସନ୍ତା ୨୩ରୁ କିଛି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ୨୩ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ସ୍ଥାନେ ସ୍ଥାନେ ଆଲୁକା ବର୍ଷା ହୋଇପାରେ । ବାକି ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ସେହିପରି ୨୪ରେ ଉତ୍ତର ଓଡ଼ିଶା ସମେତ ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ ।

### ଯବାନଙ୍କ...

ହତ୍ୟା କରିଛନ୍ତି । କଟୁର୍ ଥାନା ଅନ୍ତର୍ଗତ ଦରଭା ଠାରେ ଥିବା ସିଏଏଫ୍‌ର ଚତୁର୍ଥ ବାଟାଲିୟନରେ ତିଜାଓ ରାମ ଭୁଆର କାର୍ଯ୍ୟରତ ଥିଲେ । କ୍ୟାମ୍ପ ପାଇଁ ହାଟକୁ ରବିବାର ସଉଦା ଆଣିବାକୁ ଯାଇଥିଲେ । ଫେରିଲାବେଳେ ମାଓବାଦୀମାନେ ତାଙ୍କୁ ହତ୍ୟା କରିଛନ୍ତି ।

### ୟୁକ୍ରେନ୍‌ର...

କବ୍‌ଜା କରିବ । ୟୁକ୍ରେନ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏବେସୁଦ୍ଧା କୌଣସି ମନ୍ତବ୍ୟ ଆସିନାହିଁ । ଅଭିଧିଭିକାରେ ୟୁକ୍ରେନ୍ ପତାକାକୁ ଖସାଇ ଋଷ୍ ପତାକା ସେଠାରେ ଉଡାଯାଇଛି । କୋକ୍ ପ୍ଲାଣ୍ଟରେ ବି ଏହା ଲାଗିଛି । ୟୁକ୍ରେନ୍‌ର ସୈନ୍ୟ ସେଠାରୁ ପ୍ରତ୍ୟାହାର ହୋଇଛନ୍ତି ଓ କିଛି ଅସ୍ତ୍ରଶସ୍ତ୍ର ଛାଡିଯାଇଛନ୍ତି । ୟୁକ୍ରେନ୍ ସେନା ପକ୍ଷରୁ କୁହାଯାଇଛି ଯେ କିଛି ମୃତାହତ ହୋଇଛନ୍ତି ମାତ୍ର ସ୍ଥିତି ଏବେ ନିୟନ୍ତ୍ରଣାଧୀନରେ ରହିଛି । ୨୦୨୨ରେ ପୁଟିନ୍ ୧୦ ହଜାର ସୈନିକଙ୍କୁ ୟୁକ୍ରେନ୍ ପଠାଇଥିଲେ । ପୂର୍ଣ୍ଣ ଯୁଦ୍ଧ ପାଇଁ ଏହା ପ୍ରସ୍ତୁତି ଥିଲା । ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ୟୁକ୍ରେନ୍ ପାଖରେ ଅସ୍ତ୍ରଶସ୍ତ୍ରର ଅଭାବ ପରିଲକ୍ଷିତ ହେଉଛି । ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ବିବୃତ୍ତିରେ ଦର୍ଶାଯାଇଛି ଯେ ୟୁକ୍ରେନ୍‌କୁ ସମସ୍ତ ସହାୟତା ଜାରି ରହିବ ।

### ରାମ ମନ୍ଦିର...

ପାଇଥିଲେ କି । କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବନ୍ଧୁମାନଙ୍କୁ ଦେଖିବାକୁ ମିଳିଥିଲା । ଯେଉଁମାନେ ବାସ୍ତବରେ ଏ ଦେଶ ଚଳାଉଛନ୍ତି ସେମାନଙ୍କୁ ଡକାଗଲାନାହିଁ । ସେହିମାନଙ୍କୁ ଡାକାଗଲା ଯେଉଁମାନେ ଏ ଦେଶ ଉପରେ ସେମାନଙ୍କ ନିୟନ୍ତ୍ରଣ ନାହିଁ । ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଅଧକ୍ଷତା କଲେ । ଏଥିରେ ହଜାର ହଜାର ସେଲିବ୍ରେଟି, ରାଜନେତା ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଡକାଗଲା । ବିରୋଧୀ ପକ୍ଷରୁ ଏହାକୁ ବର୍ଜନ କରାଗଲା । କାରଣ ବିଜେପି ଏହାକୁ ରାଜନୈତିକ କାର୍ଯ୍ୟକ୍ରମ ଭାବେ ବ୍ୟବହାର କରିବାକୁ ଚେଷ୍ଟା କଲା । ଆଜି ରାହୁଲ ଗାନ୍ଧିଙ୍କର ଯାତ୍ରା ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା । ଉତ୍ତରପ୍ରଦେଶରେ କଂଗ୍ରେସ ସଭାପତି ଅଜୟ ରାୟ ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ । ସୋମବାର ଯାତ୍ରା ଆମେଥି ଯିବ । କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ସେଥିରେ ସାମିଲ ହେବେ । ଏଥିଲାପି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । କାକୋୟା ଠାରେ ରାହୁଲଙ୍କୁ ସ୍ୱାଗତ କରାଯିବ ।

## ନିଜ ଦେହରେ ନିଆଁ ଲଗାଇଦେଲେ ମହିଳା

ଯୋଡ଼ା, (ସବ୍ୟୁ) :ଯୋଡ଼ା ପୌରାଞ୍ଚଳ ୯ନଂ ୱାର୍ଡ ମଙ୍ଗଳା ମନ୍ଦିର ନିକଟରେ ଘଟିଛି ବଡ଼ ଅଘଟଣ। କିରାସିନ ଢାଳି ନିଜ ଦେହରେ ନିଜେ ନିଆଁ ଲଗାଇ ଦେଇଛନ୍ତି ଜଣେ ମହିଳା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆ ଯାଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।ମୃତକ ହେଲେ ପରମାନନ୍ଦ ପାତ୍ରଙ୍କ ସ୍ତ୍ରୀ ସୁବାସିନୀ ପାତ୍ର। ସୁବାସିନୀଙ୍କ ଦିଅରଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୯ଟାରେ ସେ ଓ ସୁବାସିନୀଙ୍କ ସ୍ୱାମୀ ଘର ବାହାରେ ବସିଥିଲେସୁବାସିନୀ ଘର ଭିତରେ ଥିଲେ।ସ୍ୱାମୀ ଓ ଦିଅର ବାହାରେ ଥିବା ବେଳେ ସୁବାସିନୀ ନିଜ ଦେହରେ ହଠାତ କିରାସିନ ଢାଳି ନିଆଁ ଲଗାଇ ଦେଇଥିଲେ।ଏକଥା କିନ୍ତୁ ସ୍ୱାମୀ କିମ୍ବା ଦିଅର ଜାଣି ପାରି ନଥିଲେ। କିଛି ସମୟ ପରେ ଘର ଭିତରୁ ଧୂଆଁ ବାହାରିବାରୁ ସେମାନେ ଚକିତ ହୋଇ ଯାଇଥିଲେଛତୁରନ୍ତ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେଛ ଏହାପରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ସୁବାସିନୀଙ୍କୁ ଉଦ୍ଧାର କରି ନିକଟସ୍ଥ ଟାଟା ଷ୍ଟିଲ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ମୃତକଙ୍କ ସ୍ୱାମୀ ଓ ଦିଅରଙ୍କୁ ପଚରା ଉଚୁରା ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ଏଯାଏ ଜଣାପଡ଼ିନାହିଁ କିନ୍ତୁ ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାର ନଜିର ରହିଛି। ତେଣୁ ଏହି କାରଣ ପାଇଁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।

## ଟ୍ରାଭେଲର-ଡମ୍ଫର ଧକ୍କା : ୧୭ ଆହତ



ସୋର, (ସବ୍ୟୁ) : ସୋର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଆସୁଥିବା ଏକ ଟ୍ରାଭେଲର ଏବଂ ଡମ୍ଫର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୭ଜଣ ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଆସୁଥିବା ଓଡି୦୨ବିସି-୪୮୭୭ ନମ୍ବର ବିଶିଷ୍ଟ ଏକ ଟ୍ରାଭେଲର ମିନିବସ୍‌ରେ ୧୨ଜଣ ଝିଅ ଓ ୪ଜଣ ପୁରୁଷ କଳାକାର ଆସୁଥିବା ବେଳେ ବିଦୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଓଡ଼ି୦୧ଏ-୨୬୩୦ ନମ୍ବର ବିଶିଷ୍ଟ ଡମ୍ଫର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟ୍ରାଭେଲରରେ ଥିବା ୧୬ଜଣ କଳାକାରଙ୍କ ସମେତ ଗାଡ଼ି ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ପଠାଇଥିଲେ । ଗାଡ଼ି ଚାଳକଙ୍କ ସମେତ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବଦ କରି ଥାନାକୁ ଆଣିବା ସହିତ ଘଟଣାର ତଦନ୍ତ ଚାଳାଇଛି । ଅନ୍ୟ ଆହତମାନେ ସୋର ମେଡ଼ିକାଲରେ ଚିକିତ୍ସିତ ହୋଇ ଭୁବନେଶ୍ୱର ଫେରିଯାଇଥିବା ଖବର ମିଳିଛି ।

## 'ପ୍ରୟାସ' ପକ୍ଷରୁ ସାମୁହିକ ବିବାହରେ ବାନ୍ଧିହେଲେ ୨୫ ଯୋଡି




ଭୁବନେଶ୍ୱର (ସବ୍ୟୁ) : ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପ୍ରୟାସ' ଆନୁକୂଲ୍ୟରେ ୧୦ମ ସାମୂହିକ ବିବାହ ମହୋତ୍ସବ ସଂପନ୍ନ ହୋଇଛି। ହିନ୍ଦୁ ବୈଦିକ ରୀତି ଅନୁଯାୟୀ ସ୍ଥାନୀୟ ଖାରବେଳ ନଗରସ୍ଥିତ ରାମମନ୍ଦିର ପରିସରରେ ୨୫ ଜଣ ବର ଓ କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିଶିଷ୍ଟ ବେଦଜ୍ଞ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ବେଦ ପାଠ କରିବା ସହ ୨୫ ଟି ବେଦୀରେ ୨୫ ଜଣ ପଣ୍ଡିତ ଏହି ୨୫ ଯୋଡା ଦମ୍ପତିଙ୍କୁ ବୈଦିକ ରୀତିରେ ବିବାହ ବନ୍ଧନରେ ଆବଦ୍ଧ କରାଇଥିଲେ। ସାଂପ୍ରତିକ ସମାଜରେ ବିବାହ ଏକ ମହତ୍ୱପୂର୍ଣ୍ଣ ଘଟଣା। ପରିବାରର ଅସହମତି, ଯୌତୁକ ଅସଂଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସଂପର୍କରେ ଅନଭିଜ୍ଞତା ଓ ମନସ୍ତାତ୍ତ୍ୱିକ ତାଳମେଳର ଅଭାବ ଯୋଗୁଁ ସମାଜରେ ବୈବାହିକ ଜୀବନ ପ୍ରଶ୍ନବାଚୀ ହୋଇଥାଏ। ଏହାର ପ୍ରତିକାର ସ୍ୱରୂପ ନବବଧୂଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜେଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା 'ପ୍ରୟାସ'ର ମୁଖ୍ୟ ଧ୍ୟେୟ ବୋଲି ଟ୍ରଷ୍ଟର ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି କହିଛନ୍ତି। ପୂର୍ବାହ୍ନ ୧୧ ଘଟିକା ସମୟରେ ୟୁନିଟ-୨ ସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ଠାରୁ ୨୫ ଜଣ ବର ବାହାରି ଶୋଭାଯାତ୍ରାରେ ୨୫ଟି ଭିନ୍ନ ସୁସଜ୍ଜିତ ଗାଡିରେ ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ। ସେଠାରେ କନ୍ୟା ପିତାମାତା ବାଟବରଣୀ କରି ବିବାହ ସ୍ଥଳକୁ ପାଛୋଟି ନେବା ପରେ ସେଠାରେ ବୈଦିକ ରୀତିରେ ବିବାହ ସଂପନ୍ନ ହୋଇଥିଲା। ଏହି ବିବାହ ଉତ୍ସବରେ ଆଧାମିକ ଗୁରୁ ବାବା ଆଁତ୍ରାଣ,ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସମେତ ବହୁ ସାଧୁସନ୍ଥ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ, 'ପ୍ରୟାସ'ର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, କମଳ ମହାନ୍ତି, ଉମାକାନ୍ତ ତାଣ୍ଡି, ସୂର୍ଯ୍ୟ କୁମାର ପାତ୍ର, ଜୟନ୍ତ ମହାନ୍ତି, ଡକ୍ଟର ସୁରେନ୍ଦ୍ର ମହାପାତ୍ର, ପ୍ରେମ ଅଗ୍ରୱାଲ, ବୃନ୍ଦାବନ ପଢ଼ିହାରୀ, ସୋନାଲୀ ପ୍ରିୟଦର୍ଶିନୀ, ଶିଶିର ମହାପାତ୍ର, ଜସ୍ମିନ୍ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା ପ୍ରମୁଖ ଉପସ୍ଥିତ ରହି ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସହଯୋଗ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇଦେବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି।

## ଅଧାରେ ଅଟକିଛି ଅମୃତ ସରୋବର ଯୋଜନା

ଖଣ୍ଡପଡା,(ସବ୍ୟୁ) କେନ୍ଦ୍ର ସରକାର ଅମୃତ ସରୋବର ଯୋଜନାରେ ଜଳାଶୟ,ବନ୍ଧ ଓ ବୃହତକାୟ ପୁରାତନ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ଲକ୍ଷ ଲକ୍ଷଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ତୃଣମୂଳ ସ୍ତରରେ ଏହି ଯୋଜନାର ସଫଳ ରୁପାୟନହୋଇପାରୁନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଖଣ୍ଡପଡ଼ା ବ୍ଲକ୍ ଅଧିନ ମର୍ଦ୍ଦରାଜପୁର ପଂଚାୟତ ଚାଉପଲ୍ଲୀ ଗ୍ରାମମାଟିଗାଡ଼ିଆ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ମହାତ୍ମାଗାନ୍ଧୀ ଜାତୀୟଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗତ୧୦ମାସ ତଳେ ଆରମ୍ଭ ହୋଇଥିଲା। ମର୍ଦ୍ଦରାଜପୁର ପଂଚାୟତ କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ବନ୍ଧର ଉନ୍ନତିକରଣ କାର୍ଯ୍ୟ ଏବେବିଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାରୁ ସାଧାରଣରେ ତୀବ୍ରପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବା ବେଳେଏବେଠାରୁ ଦିନରେ ତାପମାତ୍ରା ବୃଦ୍ଧି ପାଇଲାଣି। ଆଗକୁ ଆହୁରି ଜଳକଷ୍ଟସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ସ୍ଥାନୀୟ ଅଂଚଳର ବାସିନ୍ଦା ଦୈନନ୍ଦିନକାର୍ଯ୍ୟ ନିମନ୍ତେ ମାଟିଗାଡ଼ିଆ ବନ୍ଧ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବାବେଳେ ଏବେ ଏହି ବନ୍ଧର ଶୋଚନୀୟ ଅବସ୍ଥାକୁ ଦେଖି ଗ୍ରାମବାସୀ ଅସନ୍ତୋଷପ୍ରକାଶ କରିଛନ୍ତି। ମାଟିଗାଡ଼ିଆ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ କେବଳ ପଙ୍କଉଦ୍ଧାର କାର୍ଯ୍ୟରେ ସୀମିତ ଥିବା ବେଳେ ଅମୃତ ସରୋବର ଯୋଜନା ବାଟବଣାହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଗ୍ରାମବାସୀଙ୍କ ସ୍ୱାର୍ଥକୁଦୃଷ୍ଟିରେ ରଖି ମାଟିଗାଡ଼ିଆ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ଶେଷକରିବା ନିମନ୍ତେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ବ୍ଲକ୍‌ର ସହକାରୀଯନ୍ତ୍ରୀଙ୍କ ସହ ଯୋଗାଯୋଗକରିବାରେ କେନ୍ଦ୍ରୀୟ ଅନୁଦାନ ଅର୍ଥାଭାବରୁ ଅମୃତ ସରୋବର ଯୋଜନାକାର୍ଯ୍ୟ ଅଧାରେ ଅଟକିଥିବା ନେଇ ସେମାନେ ସୂଚନା ଦେଇଥିବା ବେଳେସେଥିପ୍ରତି ଦୃଷ୍ଟି ଦେବେ ବୋଲି ବିଡ଼ିଓ ଅଙ୍କୁର ଅଭିଳାଷ କହିଛନ୍ତି।

## ବାଘମରା ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ



ନୀଳଗିରି, (ସବ୍ୟୁ) : ନୀଳଗିରି ତହସିଲ ଅଧିନସ୍ଥ ବାଘମରା ପଥର ଖାଦାନରେ ବେଆଇନ ଭାବେ ଚୋରା ପଥର ମାଫିଆମାନେ ଅହରହ ବ୍ଲାଷ୍ଟିଂ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଚାଲିଥିବା ବେଳେ ନୀଳଗିରି ରାଜସ୍ୱ ବିଭାଗ ବିପୁଳ ପରିମାଣ ରାଜସ୍ୱ ହରାଉଛି । ସ୍ଥାନୀୟ ପ୍ରଶାସନର ଆଖିରେ ଧୂଳିଦେଇ କମ୍ପ୍ରେସର ଲଗାଇ ଦିନ ଦ୍ୱିପ୍ରହରରେ ହୋଲ କରି ପ୍ରତିଦିନ ଟ୍ରିପ୍ ଟ୍ରିପ୍ ପଥର ମିତ୍ରପୁର ଅଞ୍ଚଳର ଜଣେ ଚୋରା ବେପାରୀଙ୍କୁ ଯୋଗାଉଥିବା ଅଭିଯୋଗ ହେଉଛି । ଯଦି ଏହି ପରି ଚୋରାପଥର ଖାଦାନ ଚାଲେ ତେବେ ମିତ୍ରପୁର ବ୍ଲୁଲେକ୍ ଘଟଣା ପରି ଏଠାରେ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଯଦି ସ୍ଥାନୀୟ ପ୍ରଶାସନ ଏଦିଗରେ ଦୃଷ୍ଟି ନଦିଏ ତେବେ ଆଗାମୀ ଦିନରେ ବହୁ ଅଘଟଣ ଘଟିବାର ଆଶଙ୍କା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ନୀଳଗିରି ରାଜସ୍ୱ ବିଭାଗ ବାଘମରା ପଥର ଖାଦାନ ଉପରେ ଚଡଉକଲେ କେତେ ଟଙ୍କାର ରାଜସ୍ୱ ହାନୀ ହେଉଛି ତାହା ଜଣାପଡ଼ିବା ସହ ଏହି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି ।

## ମୁକୁଳା ଡ୍ରେନରେ ପଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର , (ସବ୍ୟୁ) :ଆନନ୍ଦପୁର ପୌରାଞ୍ଚଳରେ ୩ଦିନ ଧରି ନିଖୋଜ ଯୁବକଙ୍କ ମୃତଦେହ ଡ୍ରେନରୁ ଉଦ୍ଧାର ହୋଇଛି। ମୁକୁଳା ଡ୍ରେନରେ ପଡ଼ି ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ମୃତକ ଆନନ୍ଦପୁର ପୌରାଞ୍ଚଳ ୭ନଂ ୱାର୍ଡ଼ର ମୁର୍ତ୍ତି ରାଓ ବୋଲି ଶାପଡ଼ିଛି।ମୁର୍ତ୍ତି ଗତ ଶୁକ୍ରବାର ସକାଳୁ ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିଲେ। ଅନେକ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଘର ଲୋକ ବ୍ୟସ୍ତ ହୋଇ ବହୁ ଖୋଜାଖୋଜି ମଧ କରିଥିଲେ ହେଲା ମୁର୍ତ୍ତିଙ୍କର କୌଣସି ପତ୍ତା ମିଳିନଥିଲା।ରବିବାର ସକାଳୁ ଖେଳୁଥିବା କିଛି ପିଲା ମାନେ ଡ୍ରେନ୍ ଭିତରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ପୌର ପ୍ରସାସନକୁ ଖବର ଦେଇଥିଲେ। ଡ୍ରେନ୍ ଉପରେ ଢାଙ୍କୁଣି ନଥିବାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି।


A-

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
**Letter No. 1067 / Dt. 17.02.2024**
**GOVERNMENT OF ODISHA e-Procurement Notice**
**Bid Identification No. on line SECMID- 25 /2023-24**
**eemidcuttack@yahoo.co.in**

| | | |
|---|---|---|
| 1. | Name of work | :- **Construction of Check Dams & MIPs in MI Sub-Division Athagarh, Banki, Baramba and Cuttack** |
| 2. | Total Number of work | :- 20 (Twenty) nos. |
| 3. | Estimated cost | :- Varies from **Rs. 11.22 to Rs. 48.45 lakhs** |
| 4. | Tender paper Cost(Online) | :- Varies from **Rs. 6,000/-** |
| 5. | Bid Security (Online) | :- As per DTCN |
| 6. | Period of Completion | :- As per DTCN |
| 7. | Availability of Bid Document | :- From **19.02.2024,10.00 AM to 28.02.2024 , 2.00 PM** in website **(www.tendersorissa.gov.in)** |
| 8. | Last date & Time of receipt of online Bid | :- **28.02.2024 , 2.00 PM** through online Bid through online |
| 9. | Date of opening of Bid documents | :- **28.02.2024 , 3.00 PM** in the office of the SE, M.I. Division, Cuttack. |
| 10. | Date of Lottery, if required | :- **01.03.2024 at 12.00 NOON** in the office of the SE, M.I. Division, Cuttack |
| 11. | Name and address of the OIT | :- Superintending Engineer, M.I. Division, Cuttack. P.O:- Nayabazar, Cuttack. Phone :- 0671-2443622 PINCODE:- 753004 |

Further details can be seen from the Government of Odisha Web-Site **www.tendersorissa.gov.in**

**OIPR : 32121/11/0026/2324**
**Sd/- Superintending Engineer**
**M.I. Division, Cuttack**


## ୭୦ ବର୍ଷରେ ବି ଦୈନିକ ୧୫କି.ମି. ପାଦରେ ଚାଲୁଛନ୍ତି ପରିବା ବିକାଳୀ



ଜଳେଶ୍ୱର, (ସବ୍ୟୁ) : ଜଳେଶ୍ୱର ବ୍ଲକ ଶିଖରପୁର ପଞ୍ଚାୟତ ଅନ୍ତର୍ଗତ ସୁଖଦୁଖିଆ ଗ୍ରାମର ଗୋବର୍ଦ୍ଧନ ଗାରୁଙ୍କ ବୟସ ୭୦ ଛୁଇଁଥିବାବେଳେ ସେ ଦୈନିକ ୧୫ କି.ମି. ପାଦରେ ଚାଲିଚାଲି ଆସି ଜଳେଶ୍ୱର ସହରରେ ପରିବା ବିକୁଥିବା ଦେଖିବାକୁ ମିଳୁଛି । ଶ୍ରୀ ଗାରୁ ନିଜ ବାଡ଼ିରେ ଫଳାଇଥିବା ବିଭିନ୍ନ ପ୍ରକାର ପନିପରିବା, ଶାଗ ଆଦିକୁ ଏକ ବାହୁଙ୍ଗିରେ ନିଜ କାନ୍ଧରେ ବୋହି ଜଳେଶ୍ୱର ସହରକୁ ଆଣି ବିକ୍ରିକରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । ନିଜ ୨ପୁଅ ଓ ଜଣେ ଝିଅକୁ ବଡ଼କରି ବିବାହ ଦେଇଛନ୍ତି । ଇତିମଧ୍ୟରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହେବାର ୧୧ବର୍ଷ ବିତିଯାଇଥିବା ବେଳେ ଦୁଇ ପୁଅ ମଧ ତାଙ୍କ ଠାରୁ ଅଲଗା ହୋଇ ଯାଇଛନ୍ତି । ଏପରିସ୍ଥିତିରେ ଗୋବର୍ଦ୍ଧନ ପରିଣତ ବୟସରେ ହସହସ ମୁହଁରେ ଖରା ହେଉକି ବର୍ଷା ହେଉ କି ଶୀତ ହେଉ ସବୁବେଳେ ୧୫ କି.ମି. ପାଦରେ ଚାଲିଚାଲି ଆସି ଜଳେଶ୍ୱର ବଜାରରେ ପରିବା ବିକ୍ରି କରୁଛନ୍ତି । ଚାଲିଚାଲି ଆସିବା ଦ୍ୱାରା ତାଙ୍କୁ ଖୁବ୍ ଆନନ୍ଦ ମିଳିବା ସହିତ ଦେହ ମଧ ସୁସ୍ଥ ରହୁଛି ବୋଲି କହନ୍ତି ଗୋବର୍ଦ୍ଧନ । ଏହାଛଡ଼ା ଖଟି ଖାଇବାରେ ଯେଉଁ ଆନନ୍ଦ ରହିଛି ସେହି ଆନନ୍ଦ ନିଆରା ବୋଲି ଗୋବର୍ଦ୍ଧନ ପ୍ରକାଶ କରିବା ସହ କହିଛନ୍ତି ଯେ ମୃତ୍ୟୁ ପର୍ଯ୍ୟନ୍ତ ଭଗବାନ ମୋତେ ଏମିତି ସବଳ ରଖିଥାନ୍ତୁ ଓ ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରି ଚାଲିଥାଏ । ତାଙ୍କର ଏଭଳି ଯୋଶକୁ ଦେଖି ଜଳେଶ୍ୱର ଅଞ୍ଚଳର ବାସିନ୍ଦାମାନେ ତାଜୁବ ହେବା ସହ ଏବେକାର ଯୁବପିଢୀ ପାଇଁ ଗୋବର୍ଦ୍ଧନ ପ୍ରେରଣା ସାଜିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ବ୍ୟକ୍ତିଗତ ଜାଗାରେ ଅଙ୍ଗନୱାର୍ଡ଼ି କେନ୍ଦ୍ର ନିର୍ମାଣ ଅଭିଯୋଗ, ତଦନ୍ତ ଦାବି

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡ଼ା ଗ୍ରାମତୋଟାସାହିରେ ସ୍ଥାନୀୟ ଅଚଂଳର ବାସିନ୍ଦା ସୁରେନ୍ଦ୍ର ନାଥ ଦାଶଙ୍କ ବ୍ୟକ୍ତିଗତଜାଗାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଙ୍ଗନୱାର୍ଡ଼ି କେନ୍ଦ୍ର ନଂ ୨ର ନୂତନ ଗୃହନିର୍ମାଣ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ସମ୍ପୃକ୍ତ ବ୍ୟକ୍ତିଙ୍କ ରେକର୍ଡ଼ଭୁକ୍ତ ଜାଗାରେ ବ୍ଲକ୍ ପ୍ରଶାସନ ପକ୍ଷରୁ କିଭଳିଅଙ୍ଗନୱାର୍ଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ କରାଗଲା ବୋଲି ସ୍ଥାନୀୟବାସିନ୍ଦା ପ୍ରଶ୍ନ ଉଠାଇବା ସହ ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନ ଓ ନୟାଗଡ଼ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନଥିବାଜଣାଯାଇଛି। ଉକ୍ତ ଅଙ୍ଗନୱାର୍ଡ଼ି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ପ୍ରଥମପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେପୂନର୍ବାର ୨.୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବ୍ଲକ୍ ପ୍ରଶାସନ ସୁତ୍ରରୁଜଣାପଡ଼ିଛି। ତେବେ ମାସ ମାସ ଧରି ଉକ୍ତ ଅଙ୍ଗନୱାର୍ଡ଼ି କେନ୍ଦ୍ରର ଗୃହନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପିଲାମାନେ ନିକଟସ୍ଥ କୁମ୍ଭାରପଡ଼ାପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହରେ ବସି ପାଠ ପଢୁଥିବା ଜଣାଯାଇଛି।ସର୍ବମୋଟ ୭.୫ଲକ୍ଷ ଟଙ୍କା ବ୍ୟୟରେ ବ୍ୟକ୍ତିଗତ ଜାଗାରେ ଅଙ୍ଗନ୍‌ୱାର୍ଡ଼ି କେନ୍ଦ୍ରନୂତନ ଗୃହ ନିର୍ମାଣ କରାଯାଇଥିବାରୁ ଉକ୍ତ କେନ୍ଦ୍ରର ଭବିଷ୍ୟତ ନେଇଗ୍ରାମବାସୀଙ୍କ ମନରେ ସନ୍ଦେହ ଜାତ ହେଉଛି। ଏଥିପ୍ରତି ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନଅଧିକାରୀ ଓ ସହକାରୀଯନ୍ତ୍ରୀ ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା ଗ୍ରାମବାସୀ ଦାବିକରିଛନ୍ତି। ଉପରୋକ୍ତ ଅଭିଯୋଗ ସମ୍ପର୍କରେ ବିଡ଼ିଓ ଅଙ୍କୁର ଅଭିଳାଷଙ୍କୁପଚାରିବାରେ ଖଣ୍ଡପଡ଼ା ତହସିଲ ପ୍ରଶାସନ ସହ ଯୋଗାଯୋଗ କରି ଏ ସମ୍ପର୍କରେସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।


C-

**OFFICE OF THE MUNICIPAL COUNCIL, TITILAGARH**
**Letter No. 338 /Tig./ Date.15.02.2024**
**QUOTATION CALL NOTICE**

Sealed quotation are invited from interest reputed Travel Agencies / Tour operator individual along with GSTN.PAN and other documents as per Terms and Condition for providing one AC vehicle having sitting capacity not less than 7 seater including Driver as given. The quotation shall start from.15.02.2024 11.00 AM and filled a quotation must reach Titilagarh Municipality on or before Dt.23.02.2024 01.00 PM. The quotations so received will opened on same day i.e. Dt.23.02.2024 04.00 PM.

| Sl.No. | Type of Vehicle | Sitting Capacity |
|---|---|---|
| 1 | Mahindra Bolero/Bolero Neo/ equivalent vehicle. | Not less than seven including driver |

The details term and conditions with application can be obtained from Titilagarh Municipality during office hour from dt. 15.02.2024......11.00 AM to dt...21.02.2024...1.00 PM be depositing a Demand draft amounting Rs. 500.00 (five hundred only) in favour of " Executive Officer, Titilagarh Municipality " payable at Titilagarh which is non refundable towards cost of Tender paper.

**OIPR: 13095/11/0018/2324**
**Sd/- Executive Officer, Titilagarh Municipality**

A- 1520

**GOVERNMENT OF ODISHA**
**DEPARTMENT OF WATER RESOURCES**
**e' Procurement Notice No 12 (NGR) / 2023-24**

| | | |
|---|---|---|
| 1. | Name of work | Road Works |
| 2. | Total No. of work | 5(Five) |
| 3. | Estimated cost | **Rs. 14.30 Lakhs to 26.49 Lakhs** |
| 4. | Period of completion | (02) Two calendar months |
| 5. | Date & time of availability of Bid Document in the portal | **15.00 hoursTof 19.02.2024to 17.00 hours 29.02.2024** |
| 6. | Last date/ Time for receipt of Bids in the Portal | **29.02.2024** up to **17.00 hours** |
| 7. | Date and place of opening of Technical Bid | Dt. **01.03.2024** at **11.00** Hours in the office of the Superintending Engineer, Nayagarh Irrigation Division, Nayagarh |
| 8. | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal **"https://tendersodisha.gov.in"**

**OIPR: 32303/11/0029/2324**
**Sd/- Superintending Engineer, Nayagarh Irrigation Division Nayagarh**



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଳ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୬୫୫୫୦୧ ।



ଦୁବାଇ ଯିବା ପୂର୍ବରୁ ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି





ଅନ୍ଧାରୁଆ ବାୟୋଟେକ୍ ପାର୍କ ସ୍ଥିତ ସାପିଜେନ୍ ବାୟୋଲଜିକ୍ସ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ୍

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ

# ପୁରସ୍କାର ଶିକ୍ଷା ପ୍ରତି ଅଧିକ ଉତ୍ତରଦାୟୀ ସୃଷ୍ଟି କରିବ

ପୁରୀ(ସବ୍ୟୁ): ଶିକ୍ଷା ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପ୍ରତି ଅଧିକ ଉତ୍ତରଦାୟୀ ଓ ସମର୍ପଣ ଭାବ ସୃଷ୍ଟି କରିବ ବୋଲି କହିଛନ୍ତି କ୍ରୀଡା ଓ ଯୁବ ସେବା ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାର କାନ୍ତି ବେହେରା । ରବିବାର ପୁରୀ ଜିଲ୍ଲା ଭୋଲାନାଥ ବିଦ୍ୟାପୀଠ ଠାରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୫ -ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇ ଶ୍ରୀ ବେହେରା ଏପରି କାର୍ଯ୍ୟକ୍ରମ ଦ୍ୱାରା ଆଗାମୀ ପୀଢ଼ିର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସାହିତ ହେବା ସହ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ ଆଲୁମ୍ନି କମିଟିର ସଭ୍ୟସଭ୍ୟାମାନେ ଶିକ୍ଷାନୁଷ୍ଠାନ ର ଭିତ୍ତିଭୂମି ଓ ଉନ୍ନତି ପାଇଁ ଅଧିକ ଯତ୍ନବାନ ହୋଇପାରିବେ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ସ୍ୱାଇଁ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ , ପୁରୀ ର ଅଧ୍ୟକ୍ଷ ସଂତୋଷ କୁମାର ପରିଡ଼ା ଯୋଗଦାନ କରି ଏହି ପୁରସ୍କାର ବ୍ୟବସ୍ଥା ଦ୍ୱାରା ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପାଇଁ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟ କରିବେ ବୋଲି କହିଥିଲେ । ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ନିଷ୍ଠା ଓ ଆଗ୍ରହ ର ସହ ଅଧିକ ପରିଶ୍ରମ କଲେ ନିଶ୍ଚିତ ନିଜର, ସମାଜର,ଦେଶ ଓ ସମଗ୍ର ବିଶ୍ୱର ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ ।





ଜିଲ୍ଲା ଶିକ୍ଷାଧିକାରୀ ଡଃ ବିଶ୍ୱଜିତ ଘୋଷ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସମାହିତ ହୋଇଥିଲା । ଏଥିରେ ମୋଟ ୨୦୦୨ ଟି ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବାପର ଦୁଷ୍କର୍ମ ପରେ ନାବାଳିକା ଝିଅର ଆତ୍ମହତ୍ୟା

କୋଣାର୍କ , (ସବ୍ୟୁ) : କୋଣାର୍କ ଥାନା ଅର୍ନ୍ତଗତ ମାଟିଆପଡା ଗାଁରେ ଏକ ଲଜ୍ଜା ଜନକ ଘଟଣା ପଦାକୁ ଆସିଛି। ବାପା ନିଜର ଝିଅକୁ ଦୁଷ୍କର୍ମ କରିବା ପରେ ଝିଅ ଲଜ୍ଜା ସହି ନପାରି ଆତ୍ମହତ୍ୟା କରିଥିବା ଝିଅର ମା ଏପରି ଅଭିଯୋଗ ଆଣିଛନ୍ତ। କିଛି ଦିନ ହେବ ବାପା ମଳୟ ରଞ୍ଜନ ମହାନ୍ତି ତାଙ୍କ ବଡ ଝିଅଉପରେ ଖରାପ ନଜର ଥିଲା। ନାବାଳିକା ଝିଅ ଏପରି ଏକ ଲଜ୍ଜା ଜନକ ଘଟଣା ସଂପର୍କରେ ମା କୁ ଅଭିଯୋଗ କରିଥିଲେ ମଧ ସମାଜ ରେ ନିଜର ଏପରି ଘଟଣାକୁ ଲୁଚାଇ ରଖିବା ସହିତ ତାଙ୍କ ସ୍ୱାମୀ ମଳୟ ଙ୍କୁ ତାଗିଦ୍ କରିଥିଲେ ମା। ରବିବାର ଦିନ ି ପର ଘରକୁ ମା କାମକରିବାକୁ ଜାଇଥିବା ସମୟରେ ବାପା ମଳୟ ସକାଳୁ ନାବାଳିକା ଝିଅ କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ନାବାଳିକା ଲଜ୍ଜା ସହି ନପାରି ଆତ୍ମହତ୍ୟା ନିଜ ଶୋଇବା ଘରେ କରିଥିଲେ ।ପରିବାର ସଦସ୍ୟ ଏପରି ଆତ୍ମହତ୍ୟା ଘଟଣା ଜାଣିବା ପରେ ସଙ୍ଗେ ସଙ୍ଗେ ଗୋପ ଡାକ୍ତରଖାନା କୁ ଆଣିଥିଲେ।ମାତ୍ର ଡାକ୍ତର ନାବାଳିକା କୁ ମୃତ୍ୟୁ ଘୋଷଣା କରିଥିଲେ ଏ ସଂପର୍କରେ ପରିବାର ପକ୍ଷରୁ କୋଣାର୍କ ଥାନାକୁ ଅବଗତ କରାଜିବାପରେ ଘଟଣା ସ୍ଥଳରେ କୋଣାର୍କ ପୋଲିସି ପହଞ୍ଚି କେଶ ନମ୍ବର୍ ୪/୨୪ ରେ ଅପମୃତ୍ୟୁ ମାମଲା ରୁଜୁକରି ପୁରୀ ଜିଲ୍ଲା ସ୍ୱାସ୍ଥକେନ୍ଦ୍ରକୁ ବ୍ୟବଛେଦ ନିମନ୍ତେ ପଠାଯିବାପରେ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଜେଇଇ ମେନ୍ ୨୦୨୪ ସେସନ୍-୧ରେ ଫିଟ୍‌ଜୀ ଭୁବନେଶ୍ୱର ଓ କଟକ କେନ୍ଦ୍ର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର (ସବ୍ୟୁ): ଜେଇଇ ମେନ୍ ସେସନ୍-୧ର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଦେଶର ଅଗ୍ରଣୀ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ଏହାର ଛାତ୍ରଛାତ୍ରୀମାନଙ୍କ ଉଲ୍ଲେଖନୀୟ ସଫଳତାକୁ ପାଳନ କରୁଛି। ଫିଟ୍‌ଜୀ ପ୍ରତିବର୍ଷ ନୂଆ ନୂଆ ମାଇଲଖୁଂଟ ହାସଲ କରୁଛି। ଫିଟ୍‌ଜୀ ଭୁବନେଶ୍ୱର କେନ୍ଦ୍ରର ୪ ବର୍ଷୀୟ କ୍ଲାସରୁମ୍ ଓ ପିନାକଲ୍ ଇଂଟିଗ୍ରେଟେଡ୍ ଦୁଇ ବର୍ଷିଆ କାର୍ଯ୍ୟକ୍ରମର ଛାତ୍ର ସତ୍ୟେନ୍ଦୁ କର ୯୯.୯୮୩୯ ଏନ୍‌ଟିଏ ସ୍କୋର ସହ ରାଜ୍ୟ ଟପର ହୋଇଛନ୍ତି । ଫିଟ୍‌ଜୀ କଟକ କେନ୍ଦ୍ରର ଚାରି ବର୍ଷିଆ କ୍ଲାସରୁମ୍ ପ୍ରୋଗ୍ରାମର ଛାତ୍ର ଲକ୍ଷ୍ମୀକାନ୍ତ ନାୟକ ୯୯.୮୩୫୧ ଏନ୍‌ଟିଏ ସ୍କୋର ସହ କଟକ ସହର ଟପର ହୋଇଛନ୍ତି । ଫିଟ୍‌ଜୀର ୮ ଜଣ ଛାତ୍ରଛାତ୍ରୀ ୧୦୦ ପର୍ସେଟାଂଇଲ୍ ହାସଲ କରିଛନ୍ତି । ଫିଟ୍‌ଜୀର ଲଙ୍ଗ ଟର୍ମ କ୍ଲାସରୁମ୍ ପ୍ରେଗ୍ରାମର ୭ ଜଣ ଛାତ୍ରଛାତ୍ରୀ ସେମାନଙ୍କ ରାଜ୍ୟରେ ଟପର ହୋଇଛନ୍ତି । ଫିଟ୍‌ଜୀର ଲଙ୍ଗ ଟର୍ମ କ୍ଲାସରୁମ୍ ପ୍ରେଗ୍ରାମର ୧୩ ଜଣ ଛାତ୍ରଛାତ୍ରୀ ସେମାନଙ୍କ ସହରରେ ଟପର ହୋଇଛନ୍ତି । ଫିଟ୍‌ଜୀର ୧୫୨୬ ଛାତ୍ରଛାତ୍ରୀ ୯୯ କିମ୍ବା ତା'ଠାରୁ ଭଲ ପର୍ସେଟାଂଲ୍ ରଖିଛନ୍ତି ।

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉଦ୍‌ଯାପିତ

ଭୁବନେଶ୍ୱର (ସବ୍ୟୁ): ୨୦୨୪ ଓଡ଼ିଶାର ସୁଦୀର୍ଘ ୪୮୦ କିଲୋମିଟର ସମୁଦ୍ର ଉପକୂଳ, ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକା ଓ ରାଜ୍ୟର ପର୍ଯ୍ୟାପ୍ତ ଜଳରାଶିର ବିଭିନ୍ନ ସଂପଦକୁ କାର୍ଯ୍ୟରେ ଲଗାଇ ଅର୍ଥନୀତିରେ ଅଭିବୃଦ୍ଧି ଘଟାଇବା ସହିତ ଜୀବିକାନିର୍ବାହର ବିପୁଳ ସୁଯୋଗ ସୃଷ୍ଟି କରିହେବ ବୋଲି ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି । ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ର ତୃତୀୟ ତଥା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଓ ରାଜ୍ୟର ଚାଷୀଭାଇମାନଙ୍କ କଠିନ ପରିଶ୍ରମ ଯୋଗୁ ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହେବା ସହିତ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ପାଞ୍ଚଥର କୃଷିକର୍ମଣ ପୁରସ୍କାର ଲାଭ କରିଛି । ପ୍ରଥମଥର ପାଇଁ ରାଜ୍ୟସ୍ତରରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ରାଜ୍ୟର ଆନୁଷଙ୍ଗିକ କ୍ଷେତ୍ରର



ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶାପୋଷଣ କରିଥିଲେ । ଉତ୍ସବରେ ସଭାପତିତ୍ୱ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗର ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ପ୍ରଶାସନର ମୂଳମନ୍ତ୍ର ୫-'ଟି' ଉପକ୍ରମ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସର୍ବାଧିକ ଅଢ଼େଇ ମାସ ମଧ୍ୟରେ ଅନୁଦାନ ରାଶି ଉଦ୍ୟୋଗୀଙ୍କ ବ୍ୟାଙ୍କଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନକୃଷିର ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ରାୟ ପ୍ରମୁଖ ମତ୍ସ୍ୟ ଓ ପ୍ରାଣିସଂପଦର ଅଭିବୃଦ୍ଧିର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟର ଚମ୍ପିଅନ୍ ଚାଷୀଙ୍କ ସମେତ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିଥିବା ଉଦ୍ୟୋଗୀମାନଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ସମ୍ବଲପୁରର ମହିଳା ଚାଷୀ ଶ୍ରୀମତୀ ଅନିତା ଓରାମ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୁରୀର ମହିଳା ଚାଷୀ ତନ୍ମୟୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାନୁଆରୀରେ ୧୫.୬%ର ସର୍ବୋଚ୍ଚ ବଜାର ଅଂଶ ହାସଲ କରିଛି ସୋନାଲିକା

ଭୁବନେଶ୍ୱର (ସବ୍ୟୁ): ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଆନ୍ତର୍ଜାତୀୟ



ସ୍ତରରେ ଭାରତର ଗର୍ବ ରହିଆସିଛି ଏବଂ ନିଜର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ସହ ସଫଳ ଭାବେ ଉନ୍ନତ ଗ୍ରାହକ ସନ୍ତୁଷ୍ଟି ଓ ସମୃଦ୍ଧି ପ୍ରଦାନ କରୁଛି। କମ୍ପାନୀ ଗତ ଜାନୁଆରୀ ମାସରେ ୯୭୬୯ଟି ଟ୍ରାକ୍ଟର ବିକ୍ରି କରିବା ସହ ୧୫.୬%ର ସର୍ବୋଚ୍ଚ ବଜାର ଅଂଶ ହସଲ କରିଛି। ଏହାସହିତ କମ୍ପାନୀ ଭାରତୀୟ ଟ୍ରାକ୍ଟର ଶିଳ୍ପରେ ସର୍ବାଧିକ ଟ୍ରାକ୍ଟର ବିକ୍ରି ଅଭିବୃଦ୍ଧି ହାସଲ କରିଥିବା ଏକମାତ୍ର ଟ୍ରାକ୍ଟର ବ୍ରାଣ୍ଡରେ ପରିଣତ ହୋଇଛି ଏବଂ ଶିଳ୍ପ ପ୍ରଦର୍ଶନ(-୧୪.୮%) କୁ ମଧ୍ୟ ଅତିକ୍ରମ କରିଛି।

ନିରନ୍ତର ଭାବେ ସବୁଠାରୁ ଶକ୍ତିଶାଳୀ ତଥାପି ଶିଳ୍ପର ଦକ୍ଷ ଇନ, ଇଣ୍ଟେଲିଜେଂଟ୍ ୫ଜି ହାଇଡ୍ରୋଲିକ୍ସ ସହ ସର୍ବବୃହତ୍ ମଲ୍ଟି-ସ୍ପିଡ୍ ଟ୍ରାନ୍ସମିଶନ ବିକଳ୍ପ ଭଳି ନୂତନ ଯୁଗର ଟେକ୍ନୋଲୋଜିଗୁଡିକ ସହ ନିଜର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜକୁ ଅପ୍‌ଗ୍ରେଡ୍ କରି କମ୍ପାନୀ କୃଷକମାନଙ୍କୁ ନିଜର କୃଷି ଆବଶ୍ୟକତାକୁ ପୂରଣ କରିବା ଓ ଅଧିକ ଉତ୍ପାଦକତା ହାସଲ କରିବା ପାଇଁ ଏକାଧିକ ବିକଳ୍ପ ପ୍ରଦାନ କରୁଛି। କମ୍ପାନୀ ନିଜର ହେଭି ଡ୍ୟୁଟି ଟ୍ରାକ୍ଟର ରେ ଉପରେ ୫ ବର୍ଷର ୱାରେଂଟି ଏବଂ ନିଜ ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ କରିବା ଭଳି ସୁଧାର ପଦକ୍ଷେପ ଗ୍ରହଣ କରିଛି।

# ବିଦ୍ୟା ବିକାଶ ସମିତି, ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା

କଟକ (ସବ୍ୟୁ): ବିଦ୍ୟା ବିକାଶ ସମିତି, ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ବେଲଗଛିଆସ୍ଥିତ ଶ୍ରୀ ଗଣପତି ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ସନ୍ନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ବିଜ୍ଞାନ ମେଳାକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଡ଼ାକ୍ତର ରବି ରଞ୍ଜନ ସାହୁ ଯୋଗ ଦେଇ କୁନି ବୈଜ୍ଞାନିକମାନଙ୍କ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ପ୍ରଥମେ ସମିତିର ସଂପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ ବିଜ୍ଞାନ ମେଳାର ଆଭିମୂଖ୍ୟ ସଂପର୍କରେ ଅବଗତ କରାଇଥିଲେ । ଏଥିରେ ସମିତିର ପ୍ରତିଷ୍ଠାତା ସଦସ୍ୟ ତାରାକାନ୍ତ ଅଗସ୍ତି ସଭାପତିତ୍ୱ କରିଥିଲେ । ଡ଼ାକ୍ତର ଯଶସ୍ୱିନୀ ପଣ୍ଡା ମୁଖ୍ୟବକ୍ତା, ପ୍ରଧାପକ ଗିରିଜା ଶତପଥୀ ବରେଣ୍ୟ ଅତିଥି, ବିଶିଷ୍ଟ ଅତିଥି ଭାବେ ବେଲଗଛିଆ ପାୟତର ସରପ ମାନିନୀ ସାହୁ ଯୋଗ ଦେଇ ବିଜ୍ଞାନର ଉନ୍ନତିରେ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ । ଅନ୍ୟାନ୍ୟ ଅତିଥି ତଥା ବିଚାରକ ଭାବେ ରାଜକିଶୋର ପଣ୍ଡା, ଅଶୋକ କୁମାର ବିଶ୍ୱାଳ, ଦେବଯାନୀ ଚୌଧୁରୀ, ସଂଧ୍ୟାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସମିତିର ଉପ-ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସଂଗଠନ ସଂପାଦକ ନରହରି ସେନ୍, ସହ-ସଂପାଦକ ଅଶୋକ କୁମାର ପଣ୍ଡା, ଉମାକାନ୍ତ ଭୂୟାଁ, ଗିରିଜା ଶଙ୍କର ପଣ୍ଡା, ମାନସ କର, ଅଖିଳ ତ୍ରିପାଠୀ, ରାଜବଲ୍ଲଭ ପରିଡ଼ା, ଗୀତାଞ୍ଜଳୀ ତରାଇ, ସନ୍ତୋଷ ସାହୁ, ଦେବଯାନୀ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଶ୍ରୀ ଗଣପତି ବିଦ୍ୟାମନ୍ଦିରର ସଂପାଦକ ସୀତାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୱାର୍ଡ ନମ୍ବର ୧୫ ର ଭିନ୍ନ ଭିନ୍ନ ସମସ୍ୟା ବିଷୟରେ ଆଲୋଚନା କଲେ ମେୟର

କଟକ( ସବ୍ୟୁ) ରବିବାର ଅପରାହ୍ନରେ କଟକ ମେୟର ଙ୍କ ଗଡଖାଇ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ, ମେୟର ସୁବାସ ସିଂ ୱାର୍ଡ ର ଯୁବ ବର୍ଗ, ଖେଳାଳି , ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଭ୍ୟ ସଭ୍ୟାମାନଙ୍କ ସହ ୱାର୍ଡ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କର ଯୁବ ବର୍ଗ , ଖେଳାଳି ଓ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । କଟକ ସହରର ଯୁବ ଗୋଷ୍ଠୀ କିପରି ଆତ୍ମ ନିର୍ଭରଶୀଳ ଓ ଦକ୍ଷ ହୋଇ ପାରିବ , ଖେଳାଳି ମାନେ କିପରି ନିଜର ଦକ୍ଷତା ବୃଦ୍ଧି କରି ଜିଲ୍ଲା ସ୍ତରୀୟ , ରାଜ୍ୟ ସ୍ତରୀୟ , ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବେ ଓ ମା ଭଉଣୀମାନେ କିପରି ମହିଳା ଗୋଷ୍ଠୀ ରୁ ଏମଏସଏମଇ ରେ ପରିଣତ ହୋଇପାରିବେ ଓ ଆତ୍ମନିର୍ଭର ହୋଇପାରିବେ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଉପସ୍ଥିତ ସମସ୍ତ ବାସିନ୍ଦା ଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ ଓ ଯଥା ଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରତିଶୃତି ମଧ୍ୟ ଦେଇଥିଲେ । ଏହି ସଭାରେ ମେୟରଙ୍କ ସହିତ,ୱାର୍ଡ ନ ୨ କର୍ପୋରେଟର ପୁଷ୍ପିତ ମହାନ୍ତି, ସୌମେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ଜଟାଧାରୀ ଶତପଥି, ରଘୁନାଥ ପଣ୍ଡା, କାର୍ତ୍ତିକ ଦାସ , ସେକ ଜାଭେଦ, ସାବିତ୍ରୀ ବେହେରା , ନମିତା ମାଝୀ, ପ୍ରମୁଖ ଉପସ୍ଥିତଥିଲେ ।

## ପଞ୍ଚମ ଅଜୟ ଉତ୍ସବ

# କୌତୁକ ଓ ନିରୀହତାର ଗୁଣ ଅଜୟଙ୍କ ପାଖରେ ରହିଛି : ହରପ୍ରସାଦ

ଭୁବନେଶ୍ୱର (ସବ୍ୟୁ): 'ଯେଉଁମାନେ ଜୀବନକୁ ଭଲ ପାଆନ୍ତି, ସେମାନଙ୍କୁ ସମସ୍ତେ ଭଲ ପାଆନ୍ତି । କୌତୁହଳ, କୌତୁକ ଓ ନିରୀହତାର ଗୁଣ ଅଜୟଙ୍କ ପାଖରେ ରହିଛି । ତେଣୁ ବନ୍ଧୁମାନେ ତାଙ୍କୁ ଭଲ ପାଆନ୍ତି ।' ଶନିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ପଞ୍ଚମ ଅଜୟ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଏକଥା କହିଥିଲେ ବିଶିଷ୍ଟ କବି ତଥା ଚିନ୍ତକ ହରପ୍ରସାଦ ଦାସ । ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ବିଶିଷ୍ଟ ଲେଖକ ତଥା ଗୀତିକାର ଦେବଦାସ ଛୋଟରାୟ ଅଜୟ ସ୍ୱାଇଁଙ୍କ ବ୍ୟକ୍ତିତ୍ୱ ଓ ସୃଷ୍ଟି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ବିଶିଷ୍ଟ ଔପନ୍ୟାସିକା, ଗାଳ୍ପିକା ବିୟତ୍‌ପ୍ରଜ୍ଞା ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅଜୟଙ୍କ ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ ।

ଏହି ଅବସରରେ ଅଜୟଙ୍କ ଦୁଇଟି ପୁସ୍ତକ 'ଅଜୟ ସମଗ୍ର', 'କଲମ୍ବସର କାଗଜ ଡଙ୍ଗା' ଓ ଉପନ୍ୟାସ





'ନାବାଳକ'ର ଇଂରାଜୀ ଅନୁବାଦ ଲୋକାର୍ପିତ ହୋଇଥିଲା । ଚଳିତ ବର୍ଷ ଉପଲକ୍ଷେ ଅଜୟ ଗଳ୍ପ ସମ୍ମାନ ଡକ୍ଟର ଲଲାଟେନ୍ଦୁ ସାହୁ ଏବଂ କବିତା ସମ୍ମାନରେ ବିନ୍ଦୁ ନିବେଦିତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସାହିତ୍ୟ, ସଂଗୀତ ଓ ନୃତ୍ୟର ତ୍ରିବେଣୀ ସଂଗମ ରୂପକ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ ଗାୟିକା ଜୟସ୍ମିତା କୁଅଁର ଓ ଜଗନ୍ନାଥ କୁଅଁର, ଗଳ୍ପପାଠ କରିଥିଲେ ଲୀନା ଦାସ, ଅଜୟ ସ୍ୱାଇଁଙ୍କ ସହ ଆଳାପ-ଆଲୋଚନା କରିଥିଲେ କବି କେଦାର ମିଶ୍ର ଓ ଅଜୟ ସ୍ୱାଇଁଙ୍କ 'ଚିତ୍ରବାଘ' ଗଳ୍ପକୁ ଉପସ୍ଥାପନା କରିଥିଲେ ସଂଗୀତ ନିର୍ଦ୍ଦେଶକ ଶରତ ନାୟକ । ଅଜୟଙ୍କ ସମ୍ପର୍କରେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଅନେକ ରୋଚକୀୟ କଥା କହିଥିଲେ । ଏହି ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଜୟ ଉତ୍ସବ ଟ୍ରଷ୍ଟର ସଭାପତି କବି ଅଶୋକ ପୁହାଣ, ଅତିଥି ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ କବି ଅକ୍ଷୟ ସ୍ୱାଇଁ, ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ ଅଧ୍ୟକ୍ଷା ସାବିତ୍ରୀ ସାହୁ ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପକ୍ଷୀଘରର ପ୍ରକାଶକ ବନୋଜ ତ୍ରିପାଠୀ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଗାଳ୍ପିକ ଅଜୟ ମହାପାତ୍ର ।

# ଓଡ଼ିଶା ବିଲଡକନ ଇଣ୍ଟରନ୍ୟାସନାଲ ଏକ୍ସପୋରେ ସାନି ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ନିର୍ମାଣ ଉପକରଣର ଏକ ଅଗ୍ରଣୀ ନିର୍ମାତା ସାନି ଇଣ୍ଡିଆ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଓଡ଼ିଶା





ବିଲଡକନ ଇଣ୍ଟରନ୍ୟାସନାଲ ଏକ୍ସପୋ'ରେ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇଛି । ଚଳିତ ଫେବୃଆରୀ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାନି ଇଣ୍ଡିଆର ଅଧୁନାତମ ନବୋନ୍ମେଷୀ ନିର୍ମାଣ ଉପକରଣ ବର୍ଗ ଉନ୍ମୋଚିତ ହେବ, ଯାହା 'ନୟେ ଭାରତ କା ନିର୍ମାତା' ହେବା ନିମନ୍ତେ ଏହାର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଦର୍ଶିତ କରିବ ଏବଂ ଭାରତର ଭିତ୍ତିଭୂମି ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ଏହାର ଭୂମିକାକୁ ସୁଦୃଢ଼ କରିବ ।

ସାନି ଇଣ୍ଡିଆ ଷ୍ଟଲରେ ଦର୍ଶକମାନେ ଏସୱାଇ୨୧୫ସି-୯ ସ୍ମାର୍ଟ ଏକ୍ସକାଭେଟର, ଏସୱାଇ୧୪୦ ଏକ୍ସକାଭେଟର, ଏସୱାଇ୮୦ସି ଏକ୍ସକାଭେଟର ଏବଂ ଏସଟିସି୫୦୦ ଟ୍ରକ କ୍ରେନ ସମେତ ଏହାର ଅତ୍ୟାଧୁନିକ ମଡେଲଗୁଡିକ ଦେଖିବାର ସୁଯୋଗ ପାଇଛନ୍ତି । ଏହି ସର୍ବାଧୁନିକ ସମୟର ଯନ୍ତ୍ରଗୁଡିକ ନିର୍ମାଣ ଶିଳ୍ପକୁ ଉଚ୍ଚ ପ୍ରଦର୍ଶନକାରୀ, ଭରସାଯୋଗ୍ୟ ଏବଂ ପ୍ରଯୁକ୍ତିଗତ ଦୃଷ୍ଟିରୁ ଉନ୍ନତ ସମାଧାନ ଯୋଗାଇଦେବା ନିମନ୍ତେ 'ସାନି'ର ପ୍ରତିବଦ୍ଧତାକୁ ଉଚ୍ଚକୋଟୀର ଭାବରେ ପ୍ରଦର୍ଶିତ କରିଛି । ଏହି ଅବସରରେ ପ୍ରକାଶ କରି ଶ୍ରୀ ସୟ ସକ୍ସେନା, ସିଓଓ, ସାନି ଇଣ୍ଡିଆ ଓ ସାଉଥ ଏସିଆ କହିଥିଲେ, 'ଓଡ଼ିଶା ବିଲଡକନ ଇଣ୍ଟରନ୍ୟାସନାଲ ଏକ୍ସପୋ'ର ଦ୍ୱିତୀୟ ସଂସ୍କରଣରେ ଅଂଶଗ୍ରହଣ ଏବଂ ନିର୍ମାଣ ଶିଳ୍ପରେ ଆମର ସଦ୍ୟତମ ନବସୃଜନକୁ ପ୍ରଦର୍ଶିତ କରିବା ନେଇ ଆମେ ଉଲ୍ଲସିତ ଅଛୁ ।

# ପ୍ରାମେରିକା ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଯୁବ ପରିବର୍ତ୍ତନକାରୀଙ୍କୁ ସ୍ୱୀକୃତି





ଭୁବନେଶ୍ୱର (ସବ୍ୟୁ) : ଭାରତରେ ଅନ୍ୟତମ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଜୀବନ ବୀମାକାରୀ ପ୍ରାମେରିକା ଲାଇଫ ଇନସ୍ୟୁରାନ୍ସ ତାହାର ନବୋନ୍ମେଷୀ ଉଦ୍ଦେଶ୍ୟ - ସମ୍ପର୍କିତ ପ୍ରୟାସ 'ଏମର୍ଜିଂ ଭିଜନାରିଜ'ର ୧୩ତମ ସଂସ୍କରଣ ଉନ୍ମୋଚନ କରିଛି, ଯାହା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଞ୍ଚଳରେ ଆର୍ଥିକ ଓ ସାମାଜିକ ଆହ୍ୱାନଗୁଡିକ ନିମନ୍ତେ ସେମାନଙ୍କ ର ନବୋନ୍ମେଷୀ ସମାଧାନ ପାଇଁ ଏକ ଜାତୀୟ ସ୍ୱୀକୃତି ପ୍ରଦାନକାରୀ କାର୍ଯ୍ୟକ୍ରମ ହୋଇଛି । ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ପୁରସ୍କାରର ଏକ ବିବେକବନ୍ତ ଉତ୍ସାହୀ ମନୋଭାବର ବିବର୍ତ୍ତନକୁ ପ୍ରତିନିଧିତ୍ୱ କରୁଛି, ଏହା ଏକ ବହୁକାଳୀନ କାର୍ଯ୍ୟକ୍ରମ ଯାହା ଦୀର୍ଘ ୨୭ ବର୍ଷ ଧରି ବିଶ୍ୱବ୍ୟାପୀ ୧୫୦,୦୦୦ ଯୁବବର୍ଗଙ୍କୁ ସ୍ୱୀକୃତି ପ୍ରଦାନ କରିବା ସହିତ ଭାରତରେ ଏହାର ୧୩ବର୍ଷର ଏକ ସମୃଦ୍ଧ ପୃଷ୍ଠଭୂମି ରହିଆସିଛି।

## ନିରବଚ୍ଛିନ୍ନ ହାଇସ୍ପିଡ଼ ବ୍ରଡବ୍ୟାଣ୍ଡ, ମନୋରଞ୍ଜନର ସମ୍ଭାର ସହ

# ଗ୍ରାହକମାନଙ୍କ ନିକଟତର ହେଉଛି ଜିଓ ଏୟାର ଫାଇବର

ଭୁବନେଶ୍ୱର (ସବ୍ୟୁ) : ରିଲାଏନ୍ସ ଜିଓ ପକ୍ଷରୁ ସାରା ଓଡ଼ିଶାରେ ପ୍ରମୁଖ ଛୋଟ ବଡ ସହର ଓ ନଗରରେ ତଥା ଉପକଣ୍ଠ ଅଂଚଳରେ ଆରମ୍ଭ କରାଯାଇଥିବା ବିଶ୍ୱ ମାନର ସର୍ବାଧୁନିକ ଜିଓଏୟାରଫାଇବର ସେବା ନେଇ ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଛି । ପ୍ରାରମ୍ଭିକ ଭାବେ ନଭେମ୍ବର ୨୦୨୩ ରେ ଭୁବନେଶ୍ୱର ଓ କଟକ ସହରରେ ଶୁଭାରମ୍ଭ ହୋଇଥିବା ଜିଓଏୟାରଫାଇବର ସେବା ଜାନୁୟାରୀ ୨୦୨୪ ରେ ରାଜ୍ୟର ୩୦ ରୁ ଉର୍ଦ୍ଧ୍ୱ ସହର ଓ ନଗରକୁ ସମ୍ପ୍ରସାରିତ ହୋଇଥିଲା । ଏବେ ଘରେ ରହି ୱାର୍କ ଫ୍ରମ ହୋମ କରୁଥିବା ଆଇଟି ପ୍ରଫେସନାଲଙ୍କ ଠାରୁ ନେଇ କ୍ଷୁଦ୍ର ବ୍ୟବସାୟ ସଂସ୍ଥା, ଡିଜିଟାଲ ଷ୍ଟୁଡ଼ିଓ, ଛୋଟ ବଡ ଶିକ୍ଷାନୁଷ୍ଠାନ ଓ ହୋଟେଲ ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକଙ୍କ ଭରସାଯୋଗ୍ୟ ହାଇସ୍ପିଡ଼ ବ୍ରଡବ୍ୟାଣ୍ଡ ଆବଶ୍ୟକତା ପୂରଣ କରୁଛି ଜିଓଏୟାରଫାଇବର । ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂର କରିବା ସହ ଜିଓ ଏୟାର ଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରୁଛି ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ୍ ବ୍ରଡବ୍ୟାଣ୍ଡ ସୁବିଧା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁନଥିଲା । ଜିଓ ଏୟାରଫାଇବର ପ୍ଲାନ୍‌ରେ ଗ୍ରାହକଙ୍କୁ ଅସୀମିତ ଡାଟା ସହିତ ୩୦ ଏମ୍ବିପିଏସ୍ ଓ ୧୦୦ ଏମ୍ବିପିଏସ୍ ଭଳି ଦୁଇ ପ୍ରକାର ସ୍ପିଡ୍ର ପ୍ଲାନ୍ ଉପଲବ୍ଧ ହେଉଛି । ପ୍ରାରମ୍ଭିକ ୩୦ ଏମ୍ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୫୯୯ ଟଙ୍କା ରହିଛି । ସେହିପରି ୧୦୦ ଏମ୍ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୮୯୯ ଟଙ୍କା ରହିଛି । ଉଭୟ ପ୍ଲାନ୍‌ରେ ୫୫୦ରୁ ଅଧିକ ଡିଜିଟାଲ୍ ଚ୍ୟାନେଲ୍ ଓ ୧୪ଟି ଲୋକପ୍ରିୟ ମନୋରଞ୍ଜନ ଓଟିଟି ଆପ୍ ଉପଲବ୍ଧ ରହିଛି । ଏଥିରେ ୧୦୦ ଏମ୍ବିପିଏସ୍ ସ୍ପିଡ୍ ରହିଥିବା ଏକ ୧୧୯୯ ଟଙ୍କିଆ ପ୍ଲାନ୍ ମଧ୍ୟ ରହିଛି, ଯେଉଁଥିରେ ୫୫୦ ରୁ ଅଧିକ ଡିଜିଟାଲ୍ ଚ୍ୟାନେଲ୍ ଏବଂ ନେଟ୍ଫ୍ଲିକ୍ସ, ଆମାଜନ ଓ ଜିଓ ସିନେମା ଭଳି ପ୍ରିମିୟମ ଓଟିଟି ସବସ୍କ୍ରିପସନ ସମେତ ୧୬ ରୁ ଅଧିକ ମନୋରଞ୍ଜନ ଓଟିଟି ଆପ୍ ଉପଲବ୍ଧ ରହିଛି ।

# ପଞ୍ଜାବ ଗ୍ୟାଙ୍ଗଷ୍ଟରର 'କାଳା ଧନୁଲା' ନିହତ



**ବରନାଳା:** ପଞ୍ଜାବର ବରନାଳା ଜିଲ୍ଲାରୁ ଆସିଛି ଏକ ବଡ ଖବର । ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ପୁଲିସ ଏନକାଉଣ୍ଟରରେ ନିହତ ହୋଇଛି । ବରନାଳା ଅଞ୍ଚଳରେ ଆତଙ୍କର ଦ୍ୱିତୀୟ ନାମ ଭାବେ ପରିଚିତ କୁଖ୍ୟାତ ଅପରାଧୀ ଗୁରମିତ୍ ସିଂହ ମାନା ଓରଫ କାଲା ଧନୌଲା ପୁଲିସ ଏନକାଉଣ୍ଟରରେ ନିହତ ହୋଇଛି । କୁହାଯାଉଛି ଯେ କାଲା ଧନୁଲା ନାଁରେ ପୂର୍ବରୁ ପ୍ରାୟ ୬୦ଟି ମାମଲା ରହିଛି, ଯେଉଁଥିରେ ଅନେକ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଆଦି ମାମଲା ରହିଛି । ଆଣ୍ଟି ଗ୍ୟାଙ୍ଗଷ୍ଟର ଟାସ୍କ ଫୋର୍ସ (ଏଜିଟିଏଫ)ର ଟିମ୍ ଏହି ଏନକାଉଣ୍ଟର ଘଟାଇଛି । ଏହି ଏନକାଉଣ୍ଟର ପରଠାରୁ ସହରର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି । ପଞ୍ଜାବ ପୋଲିସର ଡିଜିପି ମଧ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଏନକାଉଣ୍ଟର ବିଷୟରେ ସୂଚନା ଦେଇଛନ୍ତି । ଏହି ପୋଷ୍ଟରେ ଲେଖାଯାଇଛି, 'ଆଣ୍ଟି ଗ୍ୟାଙ୍ଗଷ୍ଟର ଟାସ୍କ ଫୋର୍ସ (ଏଜିଟିଏଫ୍)ର ପଞ୍ଜାବ ପୁଲିସ ଏକ ବଡ଼ ସଫଳତା ହାସଲ କରିଛି, ଯେଉଁଥିରେ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗୁରମିତ୍ ସିଂହ ଓରଫ କାଲା ଧନୁଲାକୁ ବରନାଳା ଜିଲ୍ଲାର ବାରବାରସ୍ଥିତ ଏକ ଫାର୍ମ ହାଉସରେ ହତ୍ୟା କରାଯାଇଛି । ପୋଷ୍ଟରେ ଆହୁରି ମଧ୍ୟ ଲେଖାଯାଇଛି ଯେ ଆତ୍ମରକ୍ଷା ପାଇଁ ପୋଲିସ ଦଳ ଜବାବ ଦେଇଥିଲା, ଏହି ଗୁଳିବିନିମୟରେ ଜଣେ ଇନ୍ସପେକ୍ଟର ଏବଂ ଜଣେ ସବ୍-ଇନ୍ସପେକ୍ଟର ଆହତ ହୋଇଛନ୍ତି ।

# ସନ୍ଦେଶଖାଲି ମାମଲାର ଶୁଣାଣି ଆଜି

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାର ଶୁଣାଣି ଆସନ୍ତାକାଲି ସୁପ୍ରିମକୋର୍ଟରେ ହେବ । ଏହି ମାମଲାକୁ ନେଇ ନିକଟରେ ଜଣେ ଓକିଲ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ତଦନ୍ତ ଓ ପରବର୍ତ୍ତୀ ଶୁଣାଣିକୁ ପଶ୍ଚିମବଙ୍ଗ ବାହାରକୁ ସ୍ଥାନାନ୍ତର କରିବାକୁ ଆବେଦନରେ ଦାବି କରାଯାଇଛି । ଯେଉଁଥିରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ କିମ୍ବା ଏସଆଇଟି ଜରିଆରେ ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି । ଏଥିରେ ମଣିପୁର ଭଳି ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରିବାକୁ ଦାବି କରାଯାଇଛି ।

## ବିଜେପି ରାଷ୍ଟ୍ରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ଗୁରୁମନ୍ତ୍ର

# ବିକଶିଷ ଭାରତ ସମସ୍ତଙ୍କ ଲକ୍ଷ୍ୟ ହେଉ

**ନୂଆଦିଲ୍ଲୀ:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ । ଏଥିପାଇଁ ନିର୍ବାଚନ ପୂର୍ବରୁ ବିଜେପିକର୍ମୀଙ୍କୁ ବିଜୟ ମନ୍ତ୍ର ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବିଜେପି ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେଇ ଏଠାରେ ଉପସ୍ଥିତ ନେତାମାନଙ୍କୁ ସମ୍ବୋଧିତ କରି ରଣହୁଙ୍କାର ଦେଇଛନ୍ତି ପ୍ରଧାନମନ୍ତ୍ରୀ । ବିଜେପି କାର୍ଯ୍ୟକର୍ତ୍ତାମାନେ ୨୪ ଘଣ୍ଟା ଦେଶ ସେବା କରୁଛନ୍ତି । ଏଥର କେବଳ ବିଜେପି ୩୭୦ରୁ ଅଧିକ ଆସନ ଜିତିବ । ବିଜେପି କର୍ମୀଙ୍କ ବିଶ୍ୱସ୍ତତା ଏବଂ ନିଷ୍ଠା ଯୋଗୁଁ ଆମେ ଜନସାଧାରଣଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ କରୁଛୁ ବୋଲି ମୋଦି କହିଛନ୍ତି । ୨୦୨୪ରେ ତୃତୀୟ ଥର ପାଇଁ ସରକାର ଗଠନ କରି ଆମେ ଜନସେବା ଏବଂ ଜାତୀୟ ସେବାର ଏକ ଇତିହାସ ସୃଷ୍ଟି କରିବାକୁ ଯାଉଛୁ । ବିଜେପି ସରକାରର ତୃତୀୟ କାର୍ଯ୍ୟକାଳ କ୍ଷମତାକୁ ଉପଭୋଗ କରିବାକୁ ମାଗୁନାହାଁନ୍ତି । ଏହା ଆମର ସ୍ୱପ୍ନ ଏବଂ ଆମର ସଂକଳ୍ପ ଯେ ଆମକୁ ଭାରତର ବିକାଶ କରିବାକୁ ପଡିବ । ଆଗାମୀ ୫ ବର୍ଷରେ ଭାରତକୁ ପୂର୍ବ ଅପେକ୍ଷା ଅନେକ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ । ଆଗାମୀ ୫ ବର୍ଷରେ ଆମକୁ ବିକଶିତ ଭାରତ ଆଡକୁ ଏକ ବଡ଼ ଲମ୍ଫ ଡିଆଁ ମାରିବାକୁ ପଡିବ ବୋଲି କର୍ମୀମାନଙ୍କୁ କହିଛନ୍ତି ମୋଦି । ବିଜେପିର କର୍ମୀମାନେ ପ୍ରତିଦିନ ୨୪ ଘଣ୍ଟା ଦେଶର ସେବା କରିବା ପାଇଁ କିଛି ନା କିଛି କାର୍ଯ୍ୟ ଜାରି ରଖିଛନ୍ତି । କିନ୍ତୁ ବର୍ତ୍ତମାନ ଆଗାମୀ ୧୦୦ ଦିନ ହେଉଛି ନୂତନ ଶକ୍ତି, ନୂତନ ଉତ୍ସାହ, ନୂତନ ଆତ୍ମବିଶ୍ୱାସ ଏବଂ ନୂତନ ଉତ୍ସାହ ସହିତ କାମ କରିବାକୁ ପଡିବ ବୋଲି ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।



## ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିଲା

ପୁଣି ବିଲା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ । ଆସନ୍ତା ଜୁନ୍ ୨୦୨୪ ଯାଏଁ ତାଙ୍କ କାର୍ଯ୍ୟକାଳକୁ ବଢ଼ାଇ ଦିଆଯାଇଛି । ଏନେଇ ଜାନୁଆରୀ ମାସରେ ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିଥିଲେ । ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ରବିବାର ଦଳର ଜାତୀୟ ପରିଷଦ ଦ୍ୱାରା ଏହି ନିଷ୍ପତ୍ତି ଅନୁମୋଦିତ ହୋଇଛି । ପରବର୍ତ୍ତୀ ଅନୁମୋଦନ ଅନୁଯାୟୀ ଜେପି ନଡା ସ୍ୱାଧୀନ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଅଧିକାର ଦିଆଯାଇଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ ବିଜେପି ଜେପି ନଡ୍ଡାଙ୍କ ନେତୃତ୍ୱରେ ଆଗାମୀ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଉଛି ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା । ଏହା ସହିତ ଏହା ମଧ୍ୟ କୁହାଯାଇଥିଲା ଯେ ନାଡ୍ଡା ୨୦୨୪ ପର୍ଯ୍ୟନ୍ତ ଦଳର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି । ଅର୍ଥାତ୍ ତାଙ୍କ ନେତୃତ୍ୱରେ ଲୋକସଭା ନିର୍ବାଚନ ଲଢ଼ାଯିବ । ଦଳର ଏହି ଘୋଷଣା ଏବଂ ଉପଦେଶକୁ ରବିବାର ଦିନ ବିଜେପି ସଂସଦୀୟ ବୋର୍ଡ ଅନୁମୋଦନ କରିଛି । ଜେପି ନଡ୍ଡା ୨୦୧୯ରେ ବିଜେପିର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନେଇଥିଲେ । ପରେ ୨୦୨୦ରେ ତାଙ୍କୁ ଦଳର ପୂର୍ଣ୍ଣକାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ କରାଯାଇଥିଲା ।

# ଝାଡ଼ଖଣ୍ଡରେ ଜାତିଭିତ୍ତିକ ସଂରକ୍ଷଣ



**ରାଞ୍ଚି:** ପଡ଼ୋଶୀ ବିହାର ଭଳି ଝାଡ଼ଖଣ୍ଡରେ ଜାତିଭିତ୍ତିକ ସର୍ଭେକୁ ସବୁଜ ସଙ୍କେତ ଦେଇଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ । ସିଏମ୍ ଚମ୍ପାଇ ସୋରେନ୍ ଏହାର ସଙ୍କେତ ଦେଇଛନ୍ତି । ରବିବାର ରାଜ୍ୟରେ ଜାତିଭିତ୍ତିକ ସର୍ଭେ ପାଇଁ ସବୁଜ ସଙ୍କେତ ଦିଆଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ସର୍ଭେ ପାଇଁ ଏକ ଡ୍ରାଫ୍ଟ (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ପ୍ରସ୍ତୁତ କରି ଅନୁମୋଦନ ପାଇଁ କ୍ୟାବିନେଟ୍ ନିକଟରେ ଉପସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ କାର୍ମିକ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସବୁକିଛି ଯୋଜନା ମୁତାବକ ହୁଏ ତେବେ ଲୋକସଭା ନିର୍ବାଚନ ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି । ଏହି ସର୍ଭେର ସଙ୍କେତ ଦେଇ ସିଏମ ଚମ୍ପାଇ ସୋରେନ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି । ଏକ୍ସରେ ପୋଷ୍ଟ କରି ସିଏମ ସୋରେନ ଲେଖିଛନ୍ତି ଯେ ସଂଖ୍ୟା ଯେତେ ଅଧିକ ହେବ, ଏଥିରେ ସେତେ ଅଧିକ ଅଂଶ ରହିବ । ଝାଡ଼ଖଣ୍ଡ ପ୍ରସ୍ତୁତ ଅଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ବିନୟ କୁମାର ଚୌବେ କହିଛନ୍ତି, ଝାଡ଼ଖଣ୍ଡରେ ଜାତିଭିତ୍ତିକ ସର୍ଭେ ପାଇଁ କାର୍ମିକ ବିଭାଗ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ପ୍ରସ୍ତୁତ କରିବ । ଏହାକୁ କ୍ୟାବିନେଟରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ । ଗତ ବର୍ଷ ଜାନୁଆରୀ ୭ରୁ ଅକ୍ଟୋବର ୨ ମଧ୍ୟରେ ତଥ୍ୟ ସଂଗ୍ରହ କରାଯାଇଥିବା ପଡ଼ୋଶୀ ବିହାର ଭଳି ଜାତିଭିତ୍ତିକ ସର୍ଭେ କରାଯିବ ବୋଲି ସେ କହିଛନ୍ତି ।

# ସବୁ ହିନ୍ଦୁ ବିଜେପିକୁ ଭୋଟ ଦିଅନ୍ତି ନାହିଁ

**ପାଟନା:** ରାଜନୀତି ରଣନୀତିଜ୍ଞ ପ୍ରଶାନ୍ତ କିଶୋରଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ହିନ୍ଦୁ ଏବଂ ସନାତନ ଭୋଟରଙ୍କ ବିଷୟରେ କହୁଥିବା ଦେଖାଯାଉଛି । ସେ ଏହି ଭିଡିଓରେ କହିଛନ୍ତି ଯେ ସମସ୍ତ ହିନ୍ଦୁ ଭୋଟର ବିଜେପିକୁ ଭୋଟ୍ ଦିଅନ୍ତି ନାହିଁ । ସନାତନରେ ବିଶ୍ୱାସ କରୁଥିବା ସମସ୍ତ ଲୋକ ବିଜେପି ସପକ୍ଷରେ ନାହାଁନ୍ତି । ବିହାରର ଉଦାହରଣ ଦେଇ ପ୍ରଶାନ୍ତ କିଶୋର ମଧ୍ୟ ଏଥିପାଇଁ ତଥ୍ୟ ଉପସ୍ଥାପନ କରିଛନ୍ତି । ପ୍ରଶାନ୍ତ କିଶୋର କହିଛନ୍ତି ଯେ ଯଦି ୮୦ ପ୍ରତିଶତ ହିନ୍ଦୁ ଏବଂ ଯେଉଁମାନେ ସନାତନରେ ବିଶ୍ୱାସ କରନ୍ତି ସେମାନେ ବିଜେପିକୁ ଭୋଟ୍ ଦେଉଛନ୍ତି, ତେବେ ୮୦ ପ୍ରତିଶତ ଭୋଟ୍ ବିଜେପିକୁ ଆସିବା ଉଚିତ । ଯଦି ୮୦ ନୁହେଁ ତେବେ ଏହା ୭୦ କିମ୍ବା ୬୦ ପ୍ରତିଶତ ପର୍ଯ୍ୟନ୍ତ ଭୋଟ ମିଳିବା କଥା ତେବେ ବିଜେପିକୁ ବିହାରରେ ମାତ୍ର ୩୮ ପ୍ରତିଶତ ଭୋଟ କିପରି ମିଳୁଛି ବିହାରରେ ଗତ ବିଧାନସଭାରେ ବିଜେପି କେବଳ ୧୯.୬ ପ୍ରତିଶତ ଭୋଟ୍ ପାଇଥିବାବେଳେ ଏଠାରେ ୪୨ ପ୍ରତିଶତ ହିନ୍ଦୁ ଭୋଟର ଅଛନ୍ତି । ବିଜେପି ହିନ୍ଦୁମାନଙ୍କର ୨୦ ପ୍ରତିଶତରୁ କମ୍ ଭୋଟ୍ ପାଇଛି ଏବଂ ଆପଣ କହୁଛନ୍ତି ଯେ ସନାତନରେ ବିଶ୍ୱାସ କରୁଥିବା ସମସ୍ତ ଲୋକ କେବଳ ବିଜେପିକୁ ଭୋଟ୍ ଦିଅନ୍ତି । ବିହାରରେ ୪୨ ପ୍ରତିଶତ ହିନ୍ଦୁ ଅଛନ୍ତି କିନ୍ତୁ ଅଧା ହିନ୍ଦୁ ମଧ୍ୟ ଭୋଟ୍ ଦେଇ ନାହାଁନ୍ତି ।

# ଚେକ୍ ବାଉନ୍ସ ମାମଲା: ନିର୍ମାତା ରାଜକୁମାର ସନ୍ତୋଷିଙ୍କୁ ଦୁଇ ବର୍ଷ ଜେଲ



**ନୂଆଦିଲ୍ଲୀ:** ଚେକ୍ ବାଉନ୍ସ ହେବା ମାମଲାରେ ଗୁଜରାଟର ଜାମନଗରସ୍ଥିତ ଏକ ସ୍ଥାନୀୟ ଅଦାଲତ ଚଳଚ୍ଚିତ୍ର ନିର୍ମାତା ରାଜକୁମାର ସନ୍ତୋଷୀଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହିତ ୨ କୋଟି ଟଙ୍କା ଜରିମାନା କରିଛନ୍ତି ବୋଲି 'ଏନଡିଟିଭି' ରିପୋର୍ଟ କରିଛି । ଏହି ଦଣ୍ଡାଦେଶ ବିପକ୍ଷରେ ଆବେଦନ କରିବା ଲାଗି ମଧ୍ୟ ଅଦାଲତ ସନ୍ତୋଷୀଙ୍କୁ ୩୦ ଦିନ ସମୟ ଦେଇଛନ୍ତି ।

ଅଭିଯୋଗ ପତ୍ରରୁ ସଂଗୃହୀତ ସୂଚନା ଅନୁସାରେ, ଶିଳ୍ପପତି ତଥା ପରିବହନ ବ୍ୟବସାୟୀ ଅଶୋକ ଲାଲ୍ ଗୋଟାଏ ଚଳଚ୍ଚିତ୍ର ପ୍ରୋଜେକ୍ଟ ଲାଗି ସନ୍ତୋଷୀଙ୍କୁ ୧ କୋଟି ଟଙ୍କା ଋଣ ଦେଇଥିଲେ । ଏହି ଋଣ ପରିଶୋଧ ବାବଦକୁ ସନ୍ତୋଷୀ ତାଙ୍କୁ ୧୦ ଲକ୍ଷ ଟଙ୍କାର ୧୦ଟି ଚେକ୍ ଦେଇଥିଲେ । ଅଶୋକ ଲାଲ୍ ଚେକ୍ଗୁଡ଼ିକୁ ଦାଖଲ କରିବା ପରେ ଜାଣିଲେ ସନ୍ତୋଷୀଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ସେ ସବୁ ବାଉନ୍ସ ହୋଇଯାଇଛି । ଋଣ ଦେଇଥିବା ଟଙ୍କା ଫେରସ୍ତ ପାଇବା ଲାଗି ସବୁ ପ୍ରକାରର ଉଦ୍ୟମ କରି ବିଫଳପ୍ରୟନ୍ ହେବା ପରେ ସେ 'ନେଗୋସିଏବଲ୍ ଇନ୍ଷ୍ଟ୍ରୁମେଣ୍ଟ୍ ଆକ୍ଟ' ଅନୁଯାୟୀ ସନ୍ତୋଷୀଙ୍କ ନାଁରେ ମାମଲା ରୁଜୁ କଲେ ବୋଲି 'ଏଏନ୍ଆଇ' ରିପୋର୍ଟ କରିଛି । ସମ୍ପ୍ରତି ଅଦାଲତ ଚଳଚ୍ଚିତ୍ର ନିର୍ମାତା ସନ୍ତୋଷୀଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହିତ ୨ କୋଟି ଟଙ୍କା ଜରିମାନା କରିଛନ୍ତି । ଏହି ଜରିମାନା ଅର୍ଥର ପରିମାଣ ସେ ଋଣ କରିଥିବା ଅର୍ଥର ଦୁଇଗୁଣ । ସୂଚନାଯୋଗ୍ୟ, ପୂର୍ବରୁ 'ଘାୟଲ୍', 'ଘାତକ' ଓ 'ଦାମିନୀ' ଭଳି ସୁପର୍-ହିଟ୍ ଫିଲ୍ମ ଲାଗି ରାଜକୁମାର ସନ୍ତୋଷୀ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ଆଗାମୀ ଚଳଚ୍ଚିତ୍ର ହେଉଛି 'ଲାହୋର ୧୯୪୭' । ଆମିର ଖାନ୍ ପ୍ରଡକ୍ସନ୍ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ସନ୍ନି ଦେଓଲ୍ ଓ ପ୍ରୀତି ଜିଣ୍ଟା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ।

# ଇଣ୍ଡିଆ ମେଣ୍ଟ ଉପରେ ବର୍ଷିଲେ ଅମିତ ଶାହା



**ନୂଆଦିଲ୍ଲୀ:** ସମ୍ପୂର୍ଣ୍ଣ ରୂପେ ଶେଷ ହେବ ପରିବାରବାଦ । କଂଗ୍ରେସ ପରିବାରବାଦକୁ ପ୍ରୋତ୍ସାହିତ କରୁଛି । ଇଣ୍ଡି ଆଲାଏନ୍ସ ଅର୍ଥ ୭ ପରିବାରବାଦୀ ଦଳ । ଏମାନଙ୍କ ଦଳରେ ଗଣତନ୍ତ୍ର ନାହିଁ, ତେଣୁ ଦେଶରେ ଗଣତନ୍ତ୍ର କିପରି ହେବ?' ଆଜି ଏଭଳି କିଛି କହି କଂଗ୍ରେସ ଓ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ଦିଲ୍ଲୀରେ ବିଜେପିର ଜାତୀୟ କାର୍ଯ୍ୟକାରଣୀ ବୈଠକ ଜାରି ରହିଛି । ଆଜି ଦ୍ୱିତୀୟ ଦିନରେ ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀଙ୍କୁ କଡା ଟାର୍ଗେଟ କରିବା ସହ ସେମାନଙ୍କ ବିରୋଧରେ ପରିବାରବାଦ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି । ଇଣ୍ଡିଆ ମେଣ୍ଟକୁ ଟାର୍ଗେଟ କରି ଅମିତ ଶାହ କହିଛନ୍ତି, 'ଏହି ମେଣ୍ଟରେ ସାମିଲ ହୋଇଥିବା ସମସ୍ତ ଦଳ ଦୁର୍ନୀତିରେ ବୁଡି ରହିଛନ୍ତି । ଆମ୍ ଆଦମୀ ପାର୍ଟି ଦିଲ୍ଲୀରେ ଅନେକ ଦୁର୍ନୀତି କରିଛି । ପାଣ୍ଡବ ଏବଂ କୌରବଙ୍କ ପରି ଲୋକସଭା ନିବାଚନ ପୂର୍ବରୁ ଦୁଇଟି ଶିବିର ଗଠନ ହୋଇଛି । ମୋଦିଙ୍କ ନେତୃତ୍ୱରେ ପ୍ରଥମ ଶିବିର ହେଉଛି ଏନଡିଏ ମିଳିତ ମଞ୍ଚ, ଦେଶ ହେଉଛି ଆମର ମେଣ୍ଟର ଆଧାର । କିନ୍ତୁ ଇଣ୍ଡିଆ ମେଣ୍ଟ ପରିବାରବାଦର ପୋଷକ ଅଟେ । ପରବର୍ତ୍ତୀ ନିର୍ବାଚନ ଡେଭଲପମେଣ୍ଟ ଆଲାଇନ୍ସ ବନାମ ଡାଇନାଷ୍ଟିକ୍ ଆଲାଇନ୍ସ ମଧ୍ୟରେ ହେବଛ ପରିବାରବାଦ ସମ୍ପୂର୍ଣ୍ଣ ରୂପେ ଶେଷ ହେବ । ଆମେ ଦେଶର ବିକାଶ ବିଷୟରେ ଚିନ୍ତା କରୁଛୁ । କିନ୍ତୁ ବିରୋଧୀ ଇଣ୍ଡିଆ ମେଣ୍ଟର ନେତାମାନେ ସେମାନଙ୍କ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ କରିବାକୁ ଚିନ୍ତା କରୁଛନ୍ତି । କଂଗ୍ରେସ ଏବଂ ଇଣ୍ଡି ଆଲାଇନ୍ସ ଦଳ, ଆଦିବାସୀ ତଥା ପଛୁଆ ସମ୍ପ୍ରଦାୟକୁ ଏକ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲା । କିନ୍ତୁ ପ୍ରଥମ ଥର ପାଇଁ ସେମାନଙ୍କୁ ସମ୍ମାନ ଓ ଭାଗିଦାରି ଦେବା କାମ ବିଜେପିର ମୋଦି ସରକାର କରିଥିଲେ ଶାହ କହିଛନ୍ତି । ସେ ଆହୁରି କହିଛନ୍ତି, ଗତ ଦଶ ବର୍ଷ ମଧ୍ୟରେ ସମାଜର ପ୍ରତ୍ୟେକ ବିଭାଗର ବିକାଶ ପାଇଁ ଉଦ୍ୟମ କରାଯାଇଛି । ତେଣୁ ଲୋକମାନେ ସ୍ଥିତର କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି କ୍ଷମତାରେ ରହିବେ । ଏଥିରେ କୌଣସି ସନ୍ଦେହ ନାହିଁ । ଆତଙ୍କବାଦ ଏବଂ ନକ୍ସଲବାଦ ସମାପ୍ତ ହେବାକୁ ଯାଉଛି, ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ଦେଶ ସେମାନଙ୍କଠାରୁ ମୁକ୍ତ ହେବ । ୭୫ ବର୍ଷ ମଧ୍ୟରେ ଦେଶ ୧୭ ଟି ଲୋକସଭା ନିର୍ବାଚନ, ୨୨ଟି ସରକାର ଏବଂ ୧୫ଜଣ ପ୍ରଧାନମନ୍ତ୍ରୀ ଦେଖିସାରିଲାଣି । ଦେଶର ପ୍ରତ୍ୟେକ ସରକାର ନିଜ ସମୟ ଅନୁସାରେ ବିକାଶ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଆଜି ମୁଁ ବିନା କୌଣସି ଦ୍ୱନ୍ଦ୍ୱରେ କହିପାରିବି ଯେ, ନରେନ୍ଦ୍ର ମୋଦି ଜିଙ୍କ ୧୦ ବର୍ଷ ଶାସନ କାଳ ମଧ୍ୟରେ ସାମଗ୍ରିକ ବିକାଶ, ପ୍ରତ୍ୟେକ କ୍ଷେତ୍ରର ବିକାଶ ଏବଂ ପ୍ରତ୍ୟେକ ବ୍ୟକ୍ତିର ବିକାଶ କାର୍ଯ୍ୟ କରାଯାଇଛି । ବିଜେପିରେ ବୁଥ୍ କାମ କରୁଥିବା ବ୍ୟକ୍ତି ଦେଶର ରାଷ୍ଟ୍ରପତି ହୋଇପାରିବେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ହୋଇପାରିବେ । ଏହି ସୁବିଧା କେବଳ ବିଜେପିରେ ଉପଲବ୍ଧ । କାରଣ ଆମେ ଆମ ଦଳକୁ ଗଣତାନ୍ତ୍ରିକ ଦଳ ଭାବରେ ରଖିଛୁ ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ ।

# ଭାରତ ଆସୁଥିବା ତୈଳ ଟ୍ୟାଙ୍କରକୁ କ୍ଷେପଣାସ୍ତ୍ର ମାଡ଼




**ନୂଆଦିଲ୍ଲୀ:** ଭାରତ ଅଭିମୁଖେ ଆସୁଥିବା ପାନାମାର ଅଶୋଧିତ ତୈଳ ବୋଝେଇ ଟ୍ୟାଙ୍କର ଉପରେ ଲୋହିତ ସାଗରରେ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି ବୋଲି ଶୁକ୍ରବାର ଆମେରିକାର ବୈଦେଶିକ ବିଭାଗ କହିଛି । ୟେମେନରୁ ପ୍ରକ୍ଷେପଣ କରାଯାଇଥିବା ଏହି କ୍ଷେପଣାସ୍ତ୍ର ବନ୍ଦର ପାର୍ଶ୍ୱରେ ଥିବା ଏମ୍/ଟି ପୋଲକ୍ସ ଉପରେ ମାଡ଼ ହୋଇଥିଲା ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଶୁକ୍ରବାର ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମ୍ଟିଓ) ଏଜେନ୍ସି ଏବଂ ବ୍ରିଟିସ ସାମୁଦ୍ରିକ ସୁରକ୍ଷା ସଂସ୍ଥା ଆମ୍ବ୍ରେ କହିଛି ଯେ ୟେମେନର ମୋଖା ବନ୍ଦରଠାରୁ ୧୩୩ କିଲୋମିଟର ଉତ୍ତର-ପଶ୍ଚିମ ଦିଗରେ ପାନାମା ପତାକା ଥିବା ଏକ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ତେବେ ଜାହାଜ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କର୍ମଚାରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି । ୟେମେନର ଇରାନ-ସମର୍ଥିତ ହୁତିମାନେ କହିଛନ୍ତି ଯେପର୍ଯ୍ୟନ୍ତ ଇସ୍ରାଏଲ ସେମାନଙ୍କ ବିରୋଧରେ ଅପରାଧ ଜାରି ରଖିବ, ସେପର୍ଯ୍ୟନ୍ତ ସେମାନେ ପାଲେଷ୍ଟାଇନ ପ୍ରତି ସମର୍ଥନ ଜଣାଇ ଲୋହିତ ସାଗରରେ ଜାହାଜ ଉପରେ ଆକ୍ରମଣ ଜାରି ରଖିବେ । ଜାହାଜ ଉପରେ ଆକ୍ରମଣ ବିଶ୍ୱ ବାଣିଜ୍ୟକୁ ବ୍ୟାହତ କରିଛି, ମୁଦ୍ରାସ୍ଫୀତି ଆଶଙ୍କା ସୃଷ୍ଟି କରିଛି ଏବଂ ଇସ୍ରାଏଲ-ହାମାସ ଯୁଦ୍ଧ ବ୍ୟାପିବା ସମ୍ଭାବନା ବଢ଼ିଛି ।

ସୂଚନାଯୋଗ୍ୟ, ଲୋହିତ ସାଗରରେ ଏବେ ସୁରକ୍ଷା ସ୍ଥିତି ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଥିବାରୁ ଭାରତ ଏକ ବଡ଼ ରଣନୀତିକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି । ଭାରତୀୟ ନୌସେନାର ସାମୁଦ୍ରିକ କମାଣ୍ଡୋମାନେ ଭାରତୀୟ ଓ ବିଦେଶୀ ଜାହାଜଗୁଡ଼ିକୁ ସୁରକ୍ଷା ଦେବାପାଇଁ ଅହରହ କାମ କରୁଛନ୍ତି । ଗତ ଜାନୁଆରି ୨୯ରେ ଭାରତୀୟ ନେସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭାରତ ମହାସାଗର ଅଞ୍ଚଳରେ ଜଳଦସ୍ୟୁଙ୍କ କବଳରୁ ଇରାନ ଓ ପାକିସ୍ତାନୀ ନାଗରିକଙ୍କୁ ଉଦ୍ଧାର କରିଥିଲା । ଭାରତୀୟ ନୌସେନା ସାମ୍ପ୍ରତିକ ବର୍ଷମାନଙ୍କରେ ସବୁଠାରୁ ବଡ଼ ଶାନ୍ତିକାଳୀନ ମୁତୟନ ଆରମ୍ଭ କରିଛି ଏବଂ ଏହାକୁ ବିଭିନ୍ନ ରାଷ୍ଟ୍ର ସ୍ୱାଗତ କରିଛନ୍ତି । ବର୍ତ୍ତମାନ ଭାରତ ମହାସାଗର, ଲୋହିତ ସାଗର ଓ ଆରବ ସାଗରରେ ଭାରତର ୧୦ରୁ ଅଧିକ ଯୁଦ୍ଧ ଜାହାଜ, ଡ୍ରୋନ୍ ଓ ସର୍ବେକ୍ଷଣ ବିମାନ ମୁତୟନ ରହିଛି । ୨୦୦୮ ମସିହାରେ ନୌସେନା ଅନ୍ତର୍ଜାତୀୟ ଟ୍ରାନଜିଟ୍ କରିଡର ପ୍ରତିଷ୍ଠା ହେବା ସମୟରେ ବିଶେଷ କରି ଆଡେନ୍ ଉପସାଗର ଦେଇ ଜାହାଜଗୁଡ଼ିକର ସୁରକ୍ଷା କରିବାର ଆବଶ୍ୟକତା ଅନୁଭବ କରିଥିଲା । ଆଗରୁ ଡକାୟତିରେ ଛୋଟ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଥିଲା ।

# ମାୟାବତୀଙ୍କୁ ମନାଇବାକୁ ଇଣ୍ଡିଆ ମେଣ୍ଟର ଯୋଜନା



**ନୂଆଦିଲ୍ଲୀ:** ବହୁଜନ ସମାଜ ପାର୍ଟି ପାଇଁ ଇଣ୍ଡିଆ ମେଣ୍ଟର ଦ୍ୱାର ଖୋଲା ଅଛି ଏବଂ ଆସନ୍ତା ଲୋକସଭା ନିର୍ବାଚନରେ ସେ ବିଜେପି ବିରୋଧରେ ମିଳିତ ଲଢେଇରେ ଯୋଗଦେବାକୁ ଚାହୁଁଛନ୍ତି କି ନାହିଁ ତାହା ମାୟାବତୀଙ୍କ ନିଷ୍ପତ୍ତି । ଉତ୍ତରପ୍ରଦେଶ କଂଗ୍ରେସର ପ୍ରଭାରୀ ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ ରବିବାର ଦିନ ଏହି କଥା କହିଛନ୍ତି । କଂଗ୍ରେସ ସାଧାରଣ ସଂପାଦକ କହିଛନ୍ତି ଯେ ଇଣ୍ଡିଆ ମେଣ୍ଟ ବହୁଜନ ସମାଜ ପାର୍ଟି (ବିଏସପି) ମଧ୍ୟ ଏଥିରେ ଯୋଗ ଦିଅନ୍ତୁ, କିନ୍ତୁ ମାୟାବତୀ ଏକାକୀ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରିଛନ୍ତି । ଏକ ସାକ୍ଷାତକାରରେ ଅବିନାଶ ପାଣ୍ଡେ କହିଛନ୍ତି ଯେ କଂଗ୍ରେସ ସମାଜବାଦୀ ପାର୍ଟିକୁ ହୃଦୟରୁ ସମର୍ଥନ କରୁଛି ଏବଂ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟା ପାଇଁ ବୁଝାମଣା ଖୁବ ଶୀଘ୍ର ହୋଇଯିବ ଅବିନାଶ ପାଣ୍ଡେ କହିଛନ୍ତି ଯେ ଉତ୍ତରପ୍ରଦେଶର ଛୋଟ ଛୋଟ ଦଳ ସହ କଂଗ୍ରେସ-ଏସପି ମିଳିତ ମେଣ୍ଟ ଆଲୋଚନା କରୁଛି । ଯେଉଁମାନେ ଲୋକସଭା ନିର୍ବାଚନରେ ବିଜେପି ବିରୋଧରେ ଇଣ୍ଡିଆ ମେଣ୍ଟରେ ଯୋଗଦେବେ ଏବଂ ଚଳିତ ମାସ ଶେଷ ସୁଦ୍ଧା ସବୁ କିଛି ସମାଧାନ ହେବ । ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ଏସପି ସହ ସିଟ୍ ବଣ୍ଟନ ଆଲୋଚନାକୁ ନେଇ ପାଣ୍ଡେ କହିଛନ୍ତି ଯେ ଏହା ପ୍ରାୟତଃ ସକରାତ୍ମକ ରହିଛି । ଏମିତି କିଛି ଶ୍ରେଷ୍ଠ ପ୍ରାର୍ଥୀଙ୍କୁ ବାଛିବାକୁ ପଡୁଛି ଯିଏ ବିଜେପିକୁ ଉଚିତ୍ ଟକ୍କର ଦେଇପାରିବେ ଉଲ୍ଲେଖ ଥାଉ କି କିଛି ଦିନ ତଳେ ବହୁଜନ ସମାଜ ପାର୍ଟି (ବିଏସ୍ପି) ସୁପ୍ରିମୋ ମାୟାବତୀ କହିଥିଲେ ଯେ ଆଗାମୀ ଲୋକସଭା ନିର୍ବାଚନରେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢ଼ିବ । ତେବେ ନିର୍ବାଚନ ପରବର୍ତ୍ତୀ ମେଣ୍ଟକୁ ସେ ଅସ୍ୱୀକାର କରିନଥିଲେ । ସେ କହିଥିଲେ ଯେ ଏପ୍ରିଲ୍-ମେ ମାସରେ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ଦଳ କୌଣସି ମେଣ୍ଟ କରିବ ନାହିଁ ଏବଂ ଏକାକୀ ଲଢ଼ିବ ନିର୍ବାଚନ ପରବର୍ତ୍ତୀ ସ୍ଥିତିର ଆକଳନ କରିବା ପରେ ଦଳ ଯେ କୌଣସି ଦଳ ସହ ମେଣ୍ଟ କରିବାକୁ ବିଚାର କରିବ ବୋଲି ସେ କହିଥିଲେ ।

# ଆମେଠିରେ ମୁହାଁମୁହିଁ ହେବେ ରାହୁଲ ଗାନ୍ଧି-ସ୍ମୃତି ଇରାନୀ !

**ଆମେଠି :** ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଆମେଠିରେ ରାଜନୈତିକ ଗତିବିଧି ତୀବ୍ର ହେବାରେ ଲାଗିଛି । ଗୋଟିଏ ପଟେ ଆମେଠିର ପୂର୍ବତନ ସାଂସଦ ରାହୁଲ ଗାନ୍ଧି ଦୀର୍ଘ ଦିନ ପରେ ସୋମବାର (ଫେବ୍ରୁଆରି ୧୯) ଭାରତ ଯୋଡୋ ନ୍ୟାୟ ଯାତ୍ରା ନେଇ ଆମେଠି ଆସୁଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ଆମେଠି ସାଂସଦ ସ୍ମୃତି ଇରାନୀ ମଧ୍ୟ ସୋମବାରଠାରୁ ୪ ଦିନିଆ ନିଜ ସଂସଦୀୟ କ୍ଷେତ୍ର ଗସ୍ତରେ ଆସିବେ । ସ୍ମୃତି ଇରାନୀ ଦୁଇ ଡଜନ ଗାଁରେ ଜନ ସମ୍ବାଦ ବିକାଶ ଯାତ୍ରାରେ ଯୋଗ ଦେଇ ନିଜ ନୂଆ ବାସଭବନରେ ପ୍ରବେଶ କରିବେ ଏବଂ ସେପଟେ ରାହୁଲ ଗାନ୍ଧୀ ବାବୁଗଞ୍ଜରେ ଆମେଠି ଓ ଗୌରୀଗଞ୍ଜ ସହରରେ ପଦଯାତ୍ରା କରି ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଦୀର୍ଘ ଦିନ ପରେ ଆମେଠିକୁ ଆସୁଥିବା ପୂର୍ବତନ ସାଂସଦ ରାହୁଲ ଗାନ୍ଧିଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ କଂଗ୍ରେସ ନେତାମାନେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି । ଆମେଠିରେ ଦୁଇ ବଡ଼ ନେତା ଏକାଠି ହେବା ପରେ ରାଜନୀତି ସରଗରମ ହୋଇଛି । ଆଗାମୀ ଲୋକସଭା ନିର୍ବାଚନରେ ପୁଣି ଏହି ଦୁଇ ନେତାଙ୍କ ମଧ୍ୟରେ ଲଢେଇହେବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ୨୦୧୯ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ଆମେଠିରେ ସ୍ମୃତିଙ୍କଠାରୁ ପରାଜିତ ହୋଇଥିଲେ ।

## ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଉଦଯାପିତ
# ଓଡିଶା ଏଜି ପୂର୍ବାଞ୍ଚଳ ହକି ବିଜେତା




ଭୁବନେଶ୍ୱର,୧୮।୨(ସବ୍ୟୁ): ସ୍ଥାନୀୟ ପ୍ରଧାନ ମହାଲେଖାକାର ଅଡିଟ କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ଏଜି ରିକ୍ରେସନ କ୍ଲବ ସହଯୋଗରେ ଆୟୋଜିତ ଭାରତୀୟ ଅଡିଟ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଆଜି କଳିଙ୍ଗ ହକି ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି । ଗତବର୍ଷର ପୂର୍ବାଞ୍ଚଳ ହକି ଚାମ୍ପିଅନ ପଶ୍ଚିମବଙ୍ଗ ଦଳ ଓ ଏଜି ଓଡିଶା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଖେଳର ପ୍ରଥମାର୍ଦ୍ଧରେ ୯ ମିନିଟରେ ଓଡିଶା ଦଳର ଅମଲ ପାଲ ଗୋଟିଏ ଗୋଲ ଦେଇ ଓଡିଶା ଦଳକୁ ଅଗ୍ରଣୀ କରିଥିବା ବେଳେ ପଶ୍ଚିମବଙ୍ଗ ଦଳର ୧୧ ମିନିଟରେ ଜର୍ନେଲ ସିଂହ ବାଥ ଗୋଲ ଦେଇ ଦଳକୁ ସମାନ ସ୍ତରକୁ ଆଣିଥିଲେ । ଓଡିଶା ଦଳର ଥିଓଫିଲ କୁଜୁର ୧୩ ମିନିଟରେ,୧୮ମିନିଟରେ ଓଡିଶା ଦଳର ଅଧିନାୟକ ଅମଲ ପାଲ,୨୯ ମିନିଟରେ ଥିଓଫିଲ କୁଜୁର ଗୋଟିଏ ଲେଖାଏଁ ଗୋଲ ଦେଇ ଓଡିଶା ଦଳକୁ ୪-୧ ଅଗ୍ରଣୀ କରାଇଥିଲେ । ଖେଳର ଦ୍ୱିତୀୟାର୍ଦ୍ଧର ୩୯ ମିନିଟରେ ଓଡିଶା ଦଳର ଥିଓଫିଲ କୁଜୁର ପ୍ରଥମ ଗୋଲ ଦେଇଥିବାବେଳ ପଶ୍ଚିମବଙ୍ଗ ଦଳର ଜର୍ନେଲ ସିଂହ ଏକ ଗୋଲ ଦେଇଥିଲେ । ଏହାପରେ ଓଡିଶା ଦଳର ଥିଓଫିଲ କୁଜୁର ୪୪ ମିନିଟରେ,୪୭ ମିନିଟରେ ଟିକେଇ କୁଜୁର,୪୯ ମିନିଟରେ ମନିଶ ଶର୍ମା, ଶେଷ ମିନିଟରେ ଥିଓଫିଲ କୁଜୁର ଗୋଲ ଦେଇଥିଲେ । ପଶ୍ଚିମ ବଙ୍ଗ ସୁରିନ୍ଦର ସିଂହ ଏକ ପେନାଲିଟି ମାଧମରେ ଗୋଲ ଦେଇଥିଲେ । ଓଡିଶା ଦଳ ଗତ ବର୍ଷର ପୂର୍ବାଞ୍ଚଳ ଚାମ୍ପିଅନ ପଶ୍ଚିମବଙ୍ଗ ଦଳକୁ ୯-୩ ଗୋଲରେ ହରାଇ ଚଳିତ ବର୍ଷର ପୂର୍ବାଞ୍ଚଳ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ । ଓଡିଶା ଦଳର ପରିଚାଳକ ତାପସ ଦାସ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଦଳକୁ ମାର୍ଗଦର୍ଶନ କରାଇଥିଲେ । ଖେଳକୁ ରେଫରୀ ଏ.ଇ ନନ୍ଦ କୁମାର, ଏସ.ଏସ ଯାଦନ, ବି. ନରସିଂହ ରାଓ ମହମ୍ମଦ ଇଲିୟାସ ପରିଚାଳନା କରିଥିଲେ । ଉଦଯାପନୀ ସମାରୋହରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତାର୍କୀ, ମୁଖ୍ୟ ଅତିଥି ଓ ପ୍ରଧାନ ମହାଲେଖାକାର ରାଜ କୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟିର ଅଧକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ସୁଶ୍ରୀ ତାନ୍ୟା ଅମ୍ବାସ୍ତା, ସଚିନ କ୍ରିଷ୍ଣା କୌଶିକ, ଶୁଭମ ବୈଦ୍ୟ, ସଞ୍ଜୟ କୁମାର, ବିକାଶ କୁମାର,କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା,ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଉପସ୍ଥିତ ଥିଲେ । ବିଜୟୀ ଓ ରନର୍ସ ଅପ ଦଳ ଓ ଟୁର୍ଣ୍ଣାମେଣ୍ଟରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ତିର୍କୀ ଓ ପ୍ରଧାନ ମହାଲେଖାକାର ଓ ଅନ୍ୟ ଅତିଥିମାନେ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ରାଜେଶ ସିଂହ, ସରୋଜ ବାରିକ, ଚିନ୍ମୟ ହୋତା, ସୌଭାଗ୍ୟ ମହାନ୍ତି, ପ୍ରଣବ ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ରଣା ପରିଚାଳନା କରିଥିଲେ ।

## ରାଜକୋଟ ଟେଷ୍ଟ
# ମାଟି କାମୁଡିଲା ଇଂଲଣ୍ଡ




ରାଜକୋଟ,୧୮।୨(ଏଜେନ୍ସି): ରାଜକୋଟରେ ଟିମ୍ ଇଣ୍ଡିଆ ଇଂଲଣ୍ଡକୁ ୪୩୪ ରନ୍‌ରେ ହରାଇ ନୂଆ କୀର୍ତ୍ତିମାନ ହାସଲ କରିଛି । ଏହି ବିଜୟ ସହ ୫ ଟିକିଆ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି । ରାଜକୋଟରେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭାରତୀୟ ବ୍ୟାଟରଙ୍କ ସାଙ୍ଗକୁ ବୋଲର୍ ମଧ କମାଲ୍ କରିଛନ୍ତି । ପ୍ରଥମେ ପାଳିରେ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜାଙ୍କ ଶତକ ପରେ ଦ୍ୱିତୀୟ ପାଳିରେ ଡବଲ୍ ସେଞ୍ଚୁରି ମାରିଥିଲେ ଯୁବ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୈସ୍ୱାଲ । ସେ ଲଗାତାର ଦୁଇଟି ମ୍ୟାଚରେ ଦ୍ୱିଶତକ ହାସଲ କରିବାର କୀର୍ତ୍ତିମାନ ରଚିଛନ୍ତି । ପ୍ରଥମେ ପାଳି ଆରମ୍ଭ କରି ଭାରତ ୪୪୫ ରନ୍ କରିଥିଲା । ଦ୍ୱିତୀୟ ଦିନରେ ନିଜର ପ୍ରଥମ ଇନିଂସ ଖେଳିଥିବା ଇଂଲିଶ ଟିମ୍ ୩୧୯ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା । ଏହାପରେ ଜୈସ୍ୱାଲ ଏବଂ ରୋହିତ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ । ଦ୍ୱିତୀୟ ଇନିଂସରେ ୧୯ ରନ୍ କରି ପ୍ୟାଭିଲିଅନ୍ ଫେରିଥିଲେ ରୋହିତ । ତାଙ୍କ ପରେ ଶୁବମନ ଗିଲ୍ ଜୈସ୍ୱାଲଙ୍କ ସାଥ୍ ଦେଇଥିଲେ ।

### ଭାରତ ଠାରୁ ୪୩୪ ରନ୍‌ରେ ପରାସ୍ତ

ତୃତୀୟ ଦିନରେ ୧୦୪ ରନ୍ କରିଥିବା ବେଳେ ରିଟାର୍ଡ ହର୍ଟ୍ ନେଇଥିଲେ ଜୈସ୍ୱାଲ । ଏହାପରେ ଷ୍ଟମ୍ପ୍ ଅପସାରଣ ବେଳକୁ ଗିଲ୍ ୬୫ ଏବଂ ତାଙ୍କ ସହ କୁଳଦୀପ ଯାଦବ ୩ ରନ୍ କରି ଅପରାଜିତ ରହିଥିଲେ । ଆଜି ଚତୁର୍ଥ ଦିନର ଖେଳରେ ପୁନର୍ବାର ପାଳି ଆରମ୍ଭ କରିଥିଲେ ଗିଲ୍ ଓ କୁଳଦୀପ । ଗିଲ୍ ଶତକକୁ ମାତ୍ର ଅଳ୍ପ ବ୍ୟବଧାନରେ ଆଉଟ୍ ହୋଇ ଯାଇଥିଲେ । ସେ ୯୧ ରନ୍ କରିଥିବା ବେଳେ ରନ୍ ଆଉଟ୍ ହୋଇଥିଲେ । ତାଙ୍କ ପରେ ରିଟାର୍ଡ ହର୍ଟ ନେଇଥିବା ଯଶସ୍ୱୀ ଖେଳ ଆରମ୍ଭ କରିଥିଲେ । ସେ ଆଜି ଆଉ ୧୧୦ ରନ୍ କରିବା ସହ ଦ୍ୱିଶତକ କରିଥିଲେ ।

୨୭ ରନ୍ କରି ଆଉଟ୍ ହୋଇଥିବା କୁଳଦୀପଙ୍କ ପରେ ଆସିଥିବା ସର୍ଫରାଜ ଖାନ ମଧ ଭଲ ପ୍ରଦର୍ଶନ କରିଥିଲେଛ ସେ ଡେବ୍ୟୁ ମ୍ୟାଚରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଚତୁର୍ଥ ଦିନରେ ସେ ୬୮ ରନ୍ କରିଥିଲେ । ସର୍ଫରାଜ ଓ ଜୈସ୍ୱାଲ ୨୧୪ କରି ଅପରାଜିତ ଥିବାବେଳେ ଦଳ ପକ୍ଷରୁ ଇନିଂସ

### ଚମକାଇଲା ଯଶସ୍ୱୀଙ୍କ ଡବଲ ଟନ୍

ଘୋଷଣା କରାଯାଇଥିଲା । ଫଳରେ ଇଂଲଣ୍ଡ ଆଗରେ ୫୫୭ ରନର ଟାର୍ଗେଟ ରହିଥିଲା । ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଇଂଲିଶ ବାହିନୀ ଟିମ୍ ଇଣ୍ଡିଆ ଆଗରେ ମାଟି କାମିଡ଼ିଥିଲେ । ଦଳର କୌଣସି ବି ବ୍ୟାଟର ଅଧିକ ସମୟ ତିଷ୍ଟି ପାରିନଥିଲେ । ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ସର୍ବାଧିକ ପାଞ୍ଚଟି ୱିକେଟ୍ ଖସାଇଥିଲେ ଜାଡେଜା । ସେହିପରି କୁଳଦୀପ ଯାଦବ ଦୁଇଟି ଏବଂ ଯଶପ୍ରୀତ ବୁମରା ଗୋଟିଏ ୱିକେଟ ନେଇଛନ୍ତି ।

ପରିବାର ସଦସ୍ୟଙ୍କ ଅସୁସ୍ଥତା କାରଣରୁ ତୃତୀୟ ଦିନରେ ଖେଳିନଥିବା ଅଶ୍ୱିନ ଆଜି ଚତୁର୍ଥ ଦିନରେ ଦଳରେ ସାମିଲ୍ ହୋଇଥିଲେ । ସେ ମଧ ଗୋଟିଏ ୱିକେଟ୍ ନେଇଛନ୍ତି । ଜାଡେଜାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ରାଞ୍ଚିରେ ଫେବୃଆରୀ ୨୩-୨୭ରେ ଖେଳାଯିବ । ସେହିପରି ଧର୍ମଶାଳାରେ ମାର୍ଚ୍ଚ ୭-୧୧ରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ ।

## ଏସିଆନ୍ ଇନ୍‌ଡୋର ଆଥଲେଟିକ୍ ଚାମ୍ପିଅନ୍‌ସିପ୍
# ଇତିହାସ ରଚିଲେ ଜ୍ୟୋତି ୟାରାଜି

ତେହେରାନ,୧୮।୨(ଏଜେନ୍ସି): ରିଲାଏନ୍ସ ଫାଉଣ୍ଡେସନର ଆଥଲେଟ ଜ୍ୟୋତି ୟାରାଜୀ ସମ୍ପ୍ରତି ତେହରାନ (ଇରାନ)ରେ ଚାଲିଥିବା ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଆନସିପରେ ୬୦ ମିଟର ହର୍ଡଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ଯାହା ଏହି ଚାମ୍ପିଅନସିପରେ ଭାରତର ପ୍ରଥମ ପଦକ ହୋଇଛି ଏବଂ ତାହା ସହିତ ସେ ୮.୧୨ ସେକେଣ୍ଡର ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ଏହି ପ୍ରଦର୍ଶନ ଜ୍ୟୋତିଙ୍କ ପାଇଁ ୨୦୨୪ ସିଜନରେ ବଡ ସଫଳତା ହୋଇଛି, ଯିଏ କାଜାଖସ୍ତାନରେ ଗତବର୍ଷର ସଂସ୍କରଣରେ କରିଥିବା ନିଜର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । କାଜାଖସ୍ତାନରେ ସେ ରୌପ୍ୟ ପଦକ ବିଜେତା ହୋଇଥିଲେ ।

ତାଙ୍କର ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଜ୍ୟୋତି ୟାରାଜୀ କହିଛନ୍ତି, ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଆନସିପ୍ ଏକ ଅତ୍ୟନ୍ତ ଉତ୍ତମ ଅଭିଜ୍ଞତା ଥିଲା । ଏହା ସିଜନର ଆରମ୍ଭ ଏବଂ ସିଜନର ପ୍ରଥମ ଆନ୍ତର୍ଜାତିକ ପ୍ରତିଯୋଗିତା, ତେଣୁ ମୁଁ ମୋର ପ୍ରଦର୍ଶନକୁ ନେଇ ଅତ୍ୟନ୍ତ ଖୁସି ଅଛି । ଏହି ସ୍ୱର୍ଣ୍ଣ ପଦକ ମୋ ପାଇଁ ସ୍ୱତନ୍ତ୍ର ହୋଇଛି । ଗତ ସପ୍ତାହରେ ହାମ୍‌ଷ୍ଟ୍ରିଙ୍ଗରେ ଯନ୍ତ୍ରଣା ପାଇଁ ମୁଁ ସାମାନ୍ୟ ଚିନ୍ତିତ ଥିଲି, କିନ୍ତୁ ରିଲାଏନ୍ସ ଫାଉଣ୍ଡେସନରେ ମୋ ଟିମ୍ ଏବଂ ଫିଜିଓଥେରାପିଷ୍ଟମାନେ ମୋତେ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାକୁ କଠିନ ପରିଶ୍ରମ କରିଥିଲେ । ଏହି ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେବା ଦିଗରେ ମୋତେ ସହାୟତା କରିଥିବାରୁ ଓଡ଼ିଶା ସରକାର ଏବଂ ରିଲାଏନ୍ସ ଫାଉଣ୍ଡେସନକୁ ମୁଁ ଧନ୍ୟବାଦ ଜଣାଉଛି । ଚଳିତ ସିଜନ୍ ଯେଉଁଭଳି ଭାବରେ ଆରମ୍ଭ କରିଛି, ସେଥିନେଇ ମୁଁ ଖୁସି ଅଛି । ପ୍ରତିଯୋଗିତା ନିମନ୍ତେ ଜ୍ୟୋତି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନର ଆଥଲେଟିକ ଷ୍ଟାଡିୟମରେ ତାଲିମ ନେଇଥିଲେ । ସେ ମଧ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟର ଦ୍ୱାରା ଆୟୋଜିତ ପ୍ରଥମ ଇନ୍ଡୋର ଆଥଲେଟିକ୍ସ ଟେଷ୍ଟ ମିଟରେ ଅଂଶଗ୍ରହଣ କରିଥିଲେ । ୨୦୨୩ରୁ ଜ୍ୟୋତି ଉତ୍କର୍ଷ ପ୍ରଦର୍ଶନ କରିଆସୁଛନ୍ତି, ଯେଉଁବର୍ଷ ସେହ ଏସିଆନ୍ ଗେମ୍ସର ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିବା ସହିତ ଏସିଆନ୍ ଚାମ୍ପିଆନସିପରେ ଦୁଇଟି ପଦକ ବିଜେତା ହୋଇଥିଲେ ଛତାଙ୍କର ପ୍ରୟାସ ସମ୍ପର୍କରେ




ପ୍ରକାଶ କରି ଜେମ୍ସ ହିଲିଅର୍, ଆଥଲେଟିକ୍ସ ଡାଇରେକ୍ଟର, ରିଲାଏନ୍ସ ଫାଉଣ୍ଡେସନ କହିଛନ୍ତି, ଏହା ବାସ୍ତବରେ ଜ୍ୟୋତିଙ୍କ ପାଇଁ ଉତ୍ତମ ଫଳାଫଳ ଥିଲା । ଭୁବନେଶ୍ୱରରେ ଆମେ ୩ ସପ୍ତାହର ତାଲିମ ଶିବିର କରିଥିଲୁ । ଏହା ବେଶ୍ ସହାୟକ କାର୍ଯ୍ୟକ୍ରମ ଥିଲା । ସେ ସିଜନକୁ ଉତ୍ତମ ଫଳାଫଳ ସହିତ ଆରମ୍ଭ କରିବାକୁ ଚାହିଁଥିଲେ । ତାଲିମ ସମୟରେ ତାଙ୍କ ଠାରେ ସାମାନ୍ୟ ଆଘାତ ଲାଗିଥିଲା, ସେଭଳି ଗୁରୁତର ନଥିଲା କିନ୍ତୁ ସେ ଏକ ସପ୍ତାହ ପର୍ଯ୍ୟନ୍ତ ତାଲିମରେ ଭାଗ ନେଇପାରିଲେ ନାହିଁ । ଏବେ ସେ ଫର୍ମକୁ ଫେରିଆସିଛନ୍ତି । ଏହା ତାଙ୍କ ପାଇଁ ଉତ୍ତମ ପ୍ରତିଯୋଗିତା ଥିଲା । ଜ୍ୟୋତି ୨୦୨୧ରେ ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକସ କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ ।

## ଟ୍ରଫି ଜିତିଲା ମହିଳା ବ୍ୟାଡ଼ମିଣ୍ଟନ ଟିମ୍




କୋଲାଲମ୍ପୁର,୧୮।୨(ଏଜେନ୍ସି): ଭାରତୀୟ ମହିଳା ବ୍ୟାଡ଼ମିଣ୍ଟନ ଟିମ୍ ପ୍ରଥମଥର ପାଇଁ ଏସିଆ ଚାମ୍ପିଅନ୍‌ସିପ୍ ହୋଇଛି । ମାଲେସିଆର ସେଲାନଗରରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଓ ଫାଇନାଲରେ ପ୍ରତିପକ୍ଷ ଥାଇଲାଣ୍ଡକୁ ୩-୨ରେ ପରାସ୍ତ କରି ଭାରତ ଟ୍ରଫି କବ୍‌ଜା କରିଛି । ଫାଇନାଲରେ ଷ୍ଟାର ସଟଲର ଭିପି ସିନ୍ଧୁ ଗାୟତ୍ରୀ ଗୋପିଚାନ୍ଦ-ତ୍ରିଶା ଯୋଡି ଓ କିଶୋରୀ ଅନ୍‌ମୋଲ ଖାରବ ନିଜ ନିଜ ମ୍ୟାଚ ଜିତି ଭାରତକୁ ୩-୨ରେ ବିଜୟ ଭେଟି ଦେଇଛନ୍ତି । ରବିବାର ଫାଇନାଲ ମ୍ୟାଚ ବେଶ ରୋମାଞ୍ଚକର ଥିଲା । ଭାରତ ପ୍ରଥମେ ୨-୦ରେ ଆଗୁଆ ରହିଥିଲା । କିନ୍ତୁ ଥାଇଲାଣ୍ଡ ଜବରଦସ୍ତ କମ୍‌ବ୍ୟାକ୍ କରିଥିଲା । ସ୍ଥିତି ୨-୨ ବରାବର ହୋଇଯିବାରୁ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ ହୋଇଥିଲା । ନିର୍ଣ୍ଣାୟକ ଲଢ଼େଇରେ ଅନମୋଲ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ଚମତ୍କାର ବିଜୟ ହାସଲ କରି ଭାରତକୁ ଇତିହାସ ସୃଷ୍ଟି କରିବାର ସୁଯୋଗ ଦେଇଛନ୍ତି । ୨ ବର୍ଷ ତଳେ ଭାରତୀୟ ଟିମ୍ ପ୍ରଥମଥର ପାଇଁ ଥୋମାସ କପ୍ ଜିତିଥିଲା ।

Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

## ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ
# କାରମେଲ ସ୍କୁଲକୁ ହରାଇ କମ୍ପାଇନ ସ୍କୁଲ ଚାମ୍ପିଅନ




ଖୋର୍ଦ୍ଧା,୧୮।୨(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘର ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟି ୮ଟି ସ୍କୁଲ ଅଂଶଗ୍ରହଣ କରିଥିଲେ । ତେବେ ଫାଇନାଲ ମ୍ୟାଚ କମ୍ପାଇନ ସ୍କୁଲ ଏକାଦଶ ଓ କାରମେଲ ସ୍କଲ ଏକାଦଶ ମଧ୍ୟରେ ହୋଇଥିଲା । ଏଥିରେ କମ୍ପାଇନ ସ୍କୁଲ ଏକାଦଶ ଦଳ ୩ ୱିକେଟରେ ବିଜୟ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ । ଫାଇନାଲ ମ୍ୟାଚରେ ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନର କୋଷାଧକ୍ଷ ବିକାଶ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ ।

କାରମେଲ ସ୍କୁଲ ପ୍ରଥମେ ଟସରେ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ । ଦଳ ୨୬.୪ଓଭରରେ ସମସ୍ତ ୱିକେଟ ହରାଇ ୧୪୦ରନ କରିବାକୁ ସକ୍ଷମ ହୋଇଥିଲେ । କାରମେଲ ଦଳ ପକ୍ଷରୁ ସ୍ୱର୍ଣ୍ଣଭ ଦାସ ସର୍ବାଧିକ ୪୯ରନ କରିଥିଲେ । କମ୍ପାଇନ ଏକାଦଶ ପକ୍ଷରୁ ପିୟୁସ ବଳିୟାରସିଂ ୩ଟି ଓ ଉଇସ୍ କେ. ଦତ ୨ଟି ୱିକେଟ୍ ନେଇଥିଲେ । ଜବାବରେ କମ୍ପାଇନ ଏକାଦଶ ଦଳ ୩୦.୧ ଓଭରରେ ୭ଟି ୱିକେଟ୍ ହରାଇ ୧୪୩ରନ କରି ବିଜୟ ଘୋଷିତ ହୋଇଥିଲେ । ଦଳ ପକ୍ଷର ଓମ୍ ସାଇ ପ୍ରଧାନ ୪୦ରନ୍ ଓ ଆକାଶ ପଟ୍ଟନାୟକ ୨୫ରନ କରିଥିଲେ । କାରମେଲ ଦଳ ପକ୍ଷରୁ ଅଗ୍ନିମିତ୍ର ମହାନ୍ତି ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ମ୍ୟାଚକୁ ସୌମ୍ୟ ରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ, ସ୍କୋରରେ ଜନ୍ମେଜୟ ସହାୟତା କରିଥିଲେ । ଉଦଯାପତି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନର ବରିଷ୍ଠ ସଦସ୍ୟ ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, କିରଣ ଶତପଥି ପ୍ରମୁଖ ସହଯୋଗ କରିଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541